ଆଜି -ସୋମବାର
ତାରିଖ - ୦୬ ଅପ୍ରେଲ ୨୦୨୬
ମାସ - ମୀନ, ଦିନ - ୨୩
ତିଥି - ଚତୁର୍ଥୀ, ପକ୍ଷ-କୃଷ୍ଣ
ନକ୍ଷତ୍ର - ଅନୁରାଧା, ବିଛା, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୪୦: ୦୦
ସୂର୍ଯ୍ୟାସ୍ତ - ୫ : ୪୯ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

"ଧ୍ୟାନ ଜ୍ଞାନ ଅର୍ଜନ କରିଥାଏ; ଧ୍ୟାନର ଅଭାବରେ ମନୁଷ୍ୟ ଅଜ୍ଞ ପାଲଟି ଥାଏ । କେଉଁ ପଥଟି ଆଗକୁ ନେବ ଏବଂ କେଉଁଟି ପଛକୁ, ତାହା ଉତ୍ତମ ରୂପେ ଜାଣି ଜ୍ଞାନର ଦିଗରେ ଅଗ୍ରସର ହେବା ଉଚିତ । "

- ଗୌତମ ବୁଦ୍ଧ

E-News : www.Ajikali epaper.com

Vol.- 40 ISSUE- 352 R.N.I. REGD. No. 44026/86 ବାଲେଶ୍ୱର ୦୬ ଅପ୍ରେଲ ୨୦୨୬ ସୋମବାର BALASORE 06 APRIL 2026 MONDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦

## ଭାରତ ମଣ୍ଡପମରେ ଗ୍ଲୋବାଲ କନଫରେନ୍ସ ଅଫ ମେଡିଟେସନକୁ ସମ୍ବୋଧିତ କଲେ ଉପରାଷ୍ଟ୍ରପତି



ନୂଆଦିଲ୍ଲୀ : ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ କହିଛନ୍ତି ଯେ ଧ୍ୟାନ ଆଭ୍ୟନ୍ତରୀଣ ପରିବର୍ତ୍ତନର ଆରମ୍ଭକୁ ଚିହ୍ନିତ କରେ ଏବଂ କେବଳ ସକାରାତ୍ମକ ଚିନ୍ତାଧାରା ଦ୍ୱାରା ଏକ ଉନ୍ନତ ବିଶ୍ୱ ନିର୍ମାଣ କରାଯାଇପାରିବ । ଧ୍ୟାନ ଜଣେ ବ୍ୟକ୍ତିକୁ ମାନସିକ ଶାନ୍ତି, ସ୍ୱଚ୍ଛତା ଏବଂ ଏକ ସକାରାତ୍ମକ ଦୃଷ୍ଟିକୋଣ ପ୍ରଦାନ କରେ । ନୂଆଦିଲ୍ଲୀର ଭାରତ ମଣ୍ଡପମରେ ରବିବାର ଅନୁଷ୍ଠିତ ଗ୍ଲୋବାଲ କନଫରେନ୍ସ ଅଫ ମେଡିଟେସନ ,ଲିଡସ ମେଡିଟେସନ ଫର ହୋଲିଷ୍ଟିକ ଲିଭିଙ୍ଗ ଆଣ୍ଡ ଏ ପିସଫୁଲବାର୍ଲ୍ଡକୁ ସମ୍ବୋଧିତ କରି ଉପରାଷ୍ଟ୍ରପତି ଏହି ମନ୍ତବ୍ୟ ଦେଇଥିଲେ । ପିରାମିଡ୍ ଆଧ୍ୟାତ୍ମିକ ସମାଜ ଆନ୍ଦୋଳନ ଏବଂ ବୁଦ୍ଧ-ସିଇଓ କ୍ୱାଂଟମ୍ ଫାଉଣ୍ଡେସନ୍ ଦ୍ୱାରା ମିଳିତ ଭାବରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଉପରାଷ୍ଟ୍ରପତି କହିଥିଲେ ଯେ ଧ୍ୟାନ ନିଜ ଭିତରେ ଏକ ଦୀପ ଜାଳିବା ସହିତ ସମାନ, ଯାହା ଅଜ୍ଞତାକୁ ଦୂର କରେ ଏବଂ ବ୍ୟକ୍ତିକୁ ସତ୍ୟ ଏବଂ ଶାନ୍ତିର ପଥକୁ ମାର୍ଗଦର୍ଶନ କରେ । ତାମିଲ ସନ୍ଥ ଥିରୁମୂଳାରଙ୍କ ଶିକ୍ଷାକୁ ଉଦ୍ଧୃତ କରି, ସେ ମତ ଦେଇଥିଲେ ଯେ ମାନବ ଶରୀର ଏକ ମନ୍ଦିର ସଦୃଶ, ଏବଂ ଧ୍ୟାନ ମାଧ୍ୟମରେ, ଜଣେ ବ୍ୟକ୍ତି ନିଜ ଭିତରେ ବାସ କରୁଥିବା ଦିବ୍ୟତାକୁ ଚିହ୍ନିପାରେ । ବର୍ତ୍ତମାନର ବିଶ୍ୱ ପରିସ୍ଥିତିକୁ ଉଲ୍ଲେଖ କରି ସେ ଉଲ୍ଲେଖ କରିଛନ୍ତି ଯେ ଆଜି ବିଶ୍ୱ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି । ଦ୍ୱନ୍ଦ୍ୱ କେବଳ ବାହ୍ୟ ନୁହେଁ; ଏହା ବ୍ୟକ୍ତି ମଧ୍ୟରେ ମଧ୍ୟ ରହିଥାଏ । ଏପରି ସମୟରେ, ଧ୍ୟାନ ଶାନ୍ତି ଏବଂ ସନ୍ତୁଳନ ସ୍ଥାପନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଏହା ଚାପକୁ ହ୍ରାସ କରେ, ଏକାଗ୍ରତାକୁ ବୃଦ୍ଧି କରେ ଏବଂ ଭାବପ୍ରବଣ ସ୍ଥିରତାକୁ ସୁଦୃଢ଼ କରେ । ଉପରାଷ୍ଟ୍ରପତି ସ୍ପଷ୍ଟ କରିଥିଲେ ଯେ ଧ୍ୟାନ କେବଳ ଆଧ୍ୟାତ୍ମିକ ସାଧକମାନଙ୍କ ପାଇଁ ଲାଭଦାୟକ ନୁହେଁ, ବରଂ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଉପଯୋଗୀ । ଏହା ସାଧାରଣ ବ୍ୟକ୍ତିଙ୍କୁ ମଧ୍ୟ ଉଚ୍ଚ ଚେତନା ଅବସ୍ଥା ଆଡକୁ ମାର୍ଗଦର୍ଶନ କରେ । ସେ ଗୁରୁତ୍ୱାରୋପ କରିଥିଲେ ଯେ ଭୌତିକ ସଫଳତାର ନିରନ୍ତର ଅନୁସନ୍ଧାନ ମଧ୍ୟରେ, ଜୀବନର ମୂଳ ମୂଲ୍ୟବୋଧକୁ ଅଣଦେଖା କରିବା ଉଚିତ୍ ନୁହେଁ, ଏବଂ ଧ୍ୟାନ ଏହି ଅତ୍ୟାବଶ୍ୟକ ସନ୍ତୁଳନ ବଜାୟ ରଖିବାରେ ସାହାଯ୍ୟ କରେ ।

### ରାଜ୍ୟ କ୍ୟାବିନେଟ୍‌ର ଐତିହାସିକ ନିଷ୍ପତି

## ସଂରକ୍ଷଣ ନୀତିରେ ସଂସ୍କାର ଆଣିଲେ ସରକାର

ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଐତିହାସିକ ନିଷ୍ପତି । ମେଡିକାଲ, ଇଞ୍ଜିନିୟରିଂ ସମେତ ବିଭିନ୍ନ ବୈଷୟିକ, ବୃତିଗତ ଏବଂ ଆନୁସଙ୍ଗିକ ପାଠ୍ୟକ୍ରମ ନାମଲେଖା ସଂରକ୍ଷଣ ନୀତିରେ ବଡ଼ ସଂସ୍କାର ଅଣାଯାଇଛି । କ୍ୟାବିନେଟ ନିଷ୍ପତି ନେଇଛି- ରାଜ୍ୟର ଅନୁସୂଚିତ ଜନଜାତି (ଏସ୍‌ଟି) ୨୨.୫୦ ପ୍ରତିଶତ, ଅନୁସୂଚିତ ଜାତି (ଏସ୍‌ସି) ୧୬.୨୫% ଏବଂ ସାମାଜିକ ଓ ଅର୍ଥନୈତିକ ଭାବେ ପଛୁଆବର୍ଗ (ଏସ୍‌ଇବିସି) ଛାତ୍ରଛାତ୍ରୀମାନେ ନାମଲେଖାରେ ପାଇବେ ୧୧.୨୫ ପ୍ରତିଶତ ସଂରକ୍ଷଣ । ପୂର୍ବରୁ ଏସ୍ ?ଟିଙ୍କୁ ୧୨%, ଏସ୍‌ସିଙ୍କୁ ୮% ସଂରକ୍ଷଣ ମିଳୁଥିଲା । ଏସ୍‌ଇବିସିଙ୍କ ପାଇଁ ଆଦୌ ନଥିଲା ସଂରକ୍ଷଣ । ଶନିବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଅଧ୍ୟକ୍ଷତାରେ ବସିଥିଲା ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ ବୈଠକ । ବୈଠକ ପରେ ନିଜେ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଦେଲେ ବହୁପ୍ରତୀକ୍ଷିତ ଖବର । ଜଣାଇଲେ, ବୃତିଗତ, ବୈଷୟିକ ଶିକ୍ଷା ସଂରକ୍ଷଣରେ ଏସ୍‌ସି , ଏସଟି ଛାତ୍ରଛାତ୍ରୀଙ୍କ ବଢ଼ିବ ଭାଗିଦାରୀ । ଆଉ ପ୍ରଥମ ଥର ପାଇଁ ଏସଇବିସି ବର୍ଗ ବି ପାଇବେ ସଂରକ୍ଷଣ । ମୁଖ୍ୟମନ୍ତ୍ରୀ ଜଣାଇଛନ୍ତି,ରାଜ୍ୟରେ ସମୁଦାୟ ମେଡିକାଲ ସିଟ୍ (ୟୁଜି/ ପିଜି) ସଂଖ୍ୟା ୨୪୨୧ । ନୂଆ ସଂରକ୍ଷଣ ନୀତି ଲାଗୁ ପରେ ଏସଟିଙ୍କ ପାଇଁ ସଂରକ୍ଷିତ ସିଟ୍ ସଂଖ୍ୟା ୫୪୫ ହେବ । ଆଗରୁ ଥିଲା ୨୯୦ । ସେହିପରି ଏସ୍ସି ବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷିତ ରହିବ ୩୯୨ ସିଟ୍ । ପୂର୍ବରୁ ଥିଲା ୧୯୩ । ଏସ୍‌ଇବିସି ଛାତ୍ରଛାତ୍ରୀଙ୍କ ପାଇଁ କିଛି ବ୍ୟବସ୍ଥା ନଥିବାବେଳେ ଏବେ ୨୭୧ ସିଟ୍ ସଂରକ୍ଷିତ ରହିବ । ସମୁଦାୟ ଇଞ୍ଜିନିୟରିଂ ସିଟ୍ ସଂଖ୍ୟା ୪୪ ହଜାର ୫୭୯ । ଏସ୍‌ଟି ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷିତ ରହୁଥିଲା ୫୩୪୯ ସିଟ୍ । ଏବେ ରହିବ ୧୦ ହଜାର ୩୦ ସିଟ୍ । ଏସ୍‌ସି ବର୍ଗଙ୍କ ସିଟ୍ ସଂଖ୍ୟା ୩୫୬୬ରୁ ବଢ଼ି ୭୨୪୪ ହେବ । କୌଣସି ସଂରକ୍ଷଣ ସୁବିଧା ପାଉନଥିବା ଏସ୍‌ଇବିସି ଛାତ୍ରଛାତ୍ରୀଙ୍କ ପାଇଁ ଏଣିକି ଇଞ୍ଜିନିୟରିଂ ଶିକ୍ଷାରେ ୫୦୧୫ ସିଟ୍ ସଂରକ୍ଷିତ ରହିବ । ପୂର୍ବରୁ ମେଡିକାଲ ଶିକ୍ଷାରେ ୪୮୩ଟି ସିଟ୍ ସଂରକ୍ଷିତ ଥିବାବେଳେ ଏବେ ଏହା ୧୨୦୭କୁ ବୃଦ୍ଧି ପାଇବ । ମେଡିକାଲରେ ମୋଟ ୟୁଜି ସିଟ୍ ସଂଖ୍ୟା ୧୮୦୦ । ପୂର୍ବରୁ ଏସ୍ଟି ବର୍ଗଙ୍କ ପାଇଁ ୨୧୬, ଏସ୍ସିଙ୍କ ପାଇଁ ୧୪୪ ସିଟ୍ ସଂରକ୍ଷିତ ଥିଲା । ଏବେ ଏସଟି ବର୍ଗ ପାଇଁ ୪୦୫, ଏସ୍ସିଙ୍କ ପାଇଁ ୨୯୨, ଏସ୍‌ଇବିସି ବର୍ଗ ଛାତ୍ରଛାତ୍ରୀଙ୍କ ଲାଗି ୨୦୨ଟି ଆସନ ସଂରକ୍ଷିତ ରହିବ । ସେହିପରି ମୋଟ ପିଜି ସିଟ୍ ସଂଖ୍ୟା ୬୨୧ ହୋଇଥିବାବେଳେ ପୂର୍ବରୁ ଏସଟି ବର୍ଗଙ୍କ ଲାଗି ୭୪, ଏସ୍ସିଙ୍କ ପାଇଁ ୪୯ଟି ସିଟ୍ ସଂରକ୍ଷିତ ଥିଲା । ଏବେ



ମେଡିକାଲ ପିଜି ପାଠ୍ୟକ୍ରମରେ ଏସଟି ବର୍ଗ ପାଇଁ ୧୩୯, ଏସ୍ସିଙ୍କ ବର୍ଗ ଲାଗି ୧୦୦ ଓ ଏସ୍‌ଇବିସିଙ୍କ ପାଇଁ ୬୯ଟି ସିଟ୍ ସଂରକ୍ଷିତ ରହିବ । ନୂଆ ନୀତି ପରେ ଇଞ୍ଜିନିୟରିଂରେ ମୋଟ ସଂରକ୍ଷିତ ସିଟ୍ ସଂଖ୍ୟା ୮୯୧୫ରୁ ବଢ଼ି ୨୨ ହଜାର ୨୮୯ ହେବ । ମୁଖ୍ୟମନ୍ତ୍ରୀ କହିଛନ୍ତି, ନୂଆ ସଂରକ୍ଷଣ ବ୍ୟବସ୍ଥା ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ସେମାନଙ୍କ ଅନୁବନ୍ଧିତ କଲେଜ ଓ ଶିକ୍ଷାନୁଷ୍ଠାନ, ଆଇଟିଆଇ ଏବଂ ପଲିଟେକ୍ନିକରେ ପ୍ରଦାନ କରାଯାଉଥିବା ଇଞ୍ଜିନିୟରିଂ, ଟେକ୍ନୋଲୋଜି, ମ୍ୟାନେଜେମଂଟ, କମ୍ପ୍ୟୁଟର ଆପ୍ଲିକେସନ୍, ମେଡିସିନ୍, ସର୍ଜରୀ, ଡେଂଟାଲ, ନର୍ସିଂ, ଫାର୍ମାସି, ଆନୁସଙ୍ଗିକ ସ୍ୱାସ୍ଥ୍ୟ ବିଜ୍ଞାନ, ପ୍ରାଣୀ ଚିକିତ୍ସା ବିଜ୍ଞାନ, ଆୟୁର୍ବେଦ, ହୋମିଓପ୍ୟାଥି, କୃଷି ଓ ସହଯୋଗୀ ବିଜ୍ଞାନ, ସ୍ଥାପତ୍ୟ କଳା, ପ୍ଲାନିଙ୍ଗ୍, ସିନେମାଟିକ ଆର୍ଟ ଆଣ୍ଡ ଟେକନୋଲୋଜି ଆଦି ଶିକ୍ଷାନୁଷ୍ଠାନରେ କାର୍ଯ୍ୟକାରୀ ହେବ । ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଜନସଂଖ୍ୟା ଦୃଷ୍ଟିରୁ ଆଦିବାସୀଙ୍କ ସଂଖ୍ୟା ୨୨%ରୁ ଅଧିକ । ସେମାନଙ୍କୁ ଏହି ଶିକ୍ଷା କ୍ଷେତ୍ରରେ ମାତ୍ର ୧୨% ସଂରକ୍ଷଣ ମିଳୁଥିଲା । ଦଳିତ ବର୍ଗ (ଏସ୍‌ସି) ଙ୍କ ସଂଖ୍ୟା ୧୭%ରୁ ଅଧିକ ହୋଇଥିବାବେଳେ ମିଳୁଥିଲା ମାତ୍ର ୮% ସଂରକ୍ଷଣ । ଏସଇବିସି ବର୍ଗଙ୍କୁ କିଛି ସଂରକ୍ଷଣ ମିଳୁନଥିଲା । ପୂର୍ବ ସରକାର ଏ ନେଇ ଆଦୌ ଚିନ୍ତା କରିନଥିଲେ । ସ୍ୱାଧୀନତାର ୭୮ ବର୍ଷ ପରେ ବି ସେମାନଙ୍କୁ ନ୍ୟାୟ ମିଳିନଥିଲା । ସଂଖ୍ୟା ଅନୁପାତରେ ସଂରକ୍ଷଣ କୌଣସି ସରକାର ଦେଇନଥିଲେ । ଅତି ଆନନ୍ଦର ସହ କହୁଛି, ଆମ ସରକାର ଏବେ ସମସ୍ତ ବର୍ଗଙ୍କୁ ନ୍ୟାୟ ଦେବାକୁ ଏହି ପଦକ୍ଷେପ ନେଇଛୁ । ଏହି ବଳିଷ୍ଠ ପଦକ୍ଷେପ ସମୃଦ୍ଧ ଓଡ଼ିଶା ଗଠନରେ ବଡ଼ ଭୂମିକା ନେବ । ପୂର୍ବ ସରକାର ଅତି ନଗଣ୍ୟ ସଂରକ୍ଷଣ ଦେଇ ଅନ୍ୟାୟ କରିଥିଲେ । ଆମ ସରକାର ନ୍ୟାୟ ଦେଉଛି ।

### ଅଳ୍ପରେ ଖବର

» କୋରାପୁଟ ଜିଲ୍ଲାରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି । କୋରାପୁଟର ବୈପାରିଗୁଡ଼ା, ଲମତାପୁଟ, ସେମିଳିଗୁଡ଼ା, ପଟାଙ୍ଗି, ଦାମନଯୋଡ଼ି, ଜୟପୁର, ନନ୍ଦପୁର ଅଂଚଳରେ ଭୂକମ୍ପର ଝଟକା ଅନୁଭୂତ ହୋଇଛି । ରିକ୍ଟର ସ୍କେଲରେ ଭୂକମ୍ପର ତୀବ୍ରତା ୪.୪ ରେକର୍ଡ କରାଯାଇଛି ।

» ଦେଶର ପୂର୍ବତନ ଉପ ପ୍ରଧାନମନ୍ତ୍ରୀ ବାବୁ ଜଗଜୀବନ ରାମଙ୍କ ଜୟନ୍ତୀରେ ତାଙ୍କୁ ନମନ କରିଛନ୍ତି ରାଜ୍ୟପାଳ ଡ.ହରିବାବୁ କମ୍ଭମପତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ରାଜ୍ୟପାଳ କହିଛନ୍ତି ଯେ, ବାବୁ ଜଗଜୀବନ ରାମଙ୍କ ଜୟନ୍ତୀରେ ତାଙ୍କୁ କୋଟି କୋଟି ପ୍ରଣାମ ।

» ଖୋଲା ବଜାରରେ ବନ୍ଦ ହେଲା ଗ୍ୟାସ ବିକ୍ରି । ଗ୍ୟାସ ବିକ୍ରି ନେଇ ଇକେୱାଇସି କରାଯିବ । କେବଳ ଯାହା ନାଁରେ କାର୍ଡ ଥିବ ଗ୍ୟାସ ଏଜେନ୍ସିରୁ ସେମାନେ ଗ୍ୟାସ ଟାଙ୍କି ନେଇ ପାରିବେ ।

» ଏଣିକି ମାସକୁ ୫ କେଜି ବଦଳରେ ମିଳିବ ୧୦ କେଜି ଚାଉଳ । ମୋଦି ଦେବେ ୫ କେଜି ମୋହନ ମାଝୀ ଦେବେ ୫ । ଏଣିକି ଗରିବଙ୍କୁ ମିଳିବ ମାସକ ୧୦ କେଜି ଚାଉଳ ।

## ବାବୁ ଜଗଜୀବନ ରାମଙ୍କ ଜନ୍ମବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ଅମିତ ଶାହ



ନୂଆଦିଲ୍ଲୀ : କେନ୍ଦ୍ର ଗୃହମନ୍ତ୍ରୀ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ବାବୁ ଜଗଜୀବନ ରାମଙ୍କ ଜନ୍ମବାର୍ଷିକୀରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏକ୍ସ ରେ ଏକ ପୋଷ୍ଟରେ ଶ୍ରୀ ଅମିତ ଶାହ କହିଛନ୍ତି, "ସାମାଜିକ ନ୍ୟାୟର ପ୍ରବର୍ତ୍ତକ ବାବୁ ଜଗଜୀବନ ରାମଙ୍କୁ ତାଙ୍କ ଜନ୍ମବାର୍ଷିକୀରେ ବିନମ୍ର ଶ୍ରଦ୍ଧାଞ୍ଜଳି । ସେ ତାଙ୍କ ସମଗ୍ର ଜୀବନ ରାଷ୍ଟ୍ର ସେବା ଏବଂ ସାମାଜିକ ନ୍ୟାୟ ପାଇଁ ଉତ୍ସର୍ଗ କରିଥିଲେ । ସେ ସ୍ୱାଧୀନତା ସଂଗ୍ରାମରେ ଏକ ଅତୁଳନୀୟ ଅବଦାନ ଦେଇଥିଲେ ଏବଂ ଧର୍ମାନ୍ତରୀକରଣ ବିରୁଦ୍ଧରେ ଠିଆ ହୋଇ ବିଭାଜନକାରୀ ଶକ୍ତିକୁ ଦୃଢ଼ ଭାବରେ ବିରୋଧ କରିଥିଲେ । ସମାଜର ଦୁର୍ବଳ ଏବଂ ଅବହେଳିତ ବର୍ଗର ଅଧିକାର ପାଇଁ ତାଙ୍କର ସଂଘର୍ଷ ଆମକୁ ପ୍ରେରଣା ଦେଇ ଚାଲିବ ।

## ଓଡ଼ିଶା ସରକାରଙ୍କ ସଂରକ୍ଷଣ ନୀତିର ସଂସ୍କାରକୁ ସ୍ୱାଗତ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ



ଭୁବନେଶ୍ୱର : ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ସହ ସାମାଜିକ ନ୍ୟାୟ ପ୍ରଦାନ ଦିଗରେ ରାଜ୍ୟ କ୍ୟାବିନେଟ୍ ?ର ଐତିହାସିକ ନିଷ୍ପତିକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ କରିଛନ୍ତି । ମେଡ଼ିକାଲ, ଇଞ୍ଜିନିୟରିଂ, କୃଷି, ଅନ୍ୟାନ୍ୟ ଉଚ୍ଚ ଶିକ୍ଷା ତଥା ଆନୁସଙ୍ଗିକ ପ୍ରଯୁକ୍ତିବିଦ୍ୟାଭିତିକ ପାଠ୍ୟକ୍ରମରେ ନାମଲେଖା ପାଇଁ ସଂରକ୍ଷଣ ସୀମା ବୃଦ୍ଧି ନିଷ୍ପତି ସମାଜର ଅନ୍ତିମ ଶ୍ରେଣୀରେ ଥିବା ପ୍ରତିଭାମାନଙ୍କୁ ସ୍ୱପ୍ନକୁ ପୂରଣ କରିବା ଦିଗରେ ଐତିହାସିକ ପଦକ୍ଷେପ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏହି କଲ୍ୟାଣକାରୀ ନିଷ୍ପତି ପାଇଁ ଶ୍ରୀ ପ୍ରଧାନ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଜ୍ୟର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଶାର ମେଡ଼ିକାଲ, ଇଞ୍ଜିନିୟରି, କୃଷି ତଥା ଆନୁସଙ୍ଗିକ ପ୍ରଯୁକ୍ତିବିଦ୍ୟାଭିତିକ ଶିକ୍ଷା ପାଠ୍ୟକ୍ରମରେ ନାମଲେଖା ପାଇଁ ଅନୁସୂଚିତ ଜନଜାତି (ଏସଟି) ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷଣକୁ ୧୨% ରୁ ୨୨.୫୦% ଏବଂ ଅନୁସୂଚିତ ଜାତି (ଏସି) ପାଇଁ ୮% ରୁ ୧୬.୨୫% କୁ ବୃଦ୍ଧି କରାଯାଇଛି । ରାଜ୍ୟରେ ପ୍ରଥମ ଥର ପାଇଁ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆବର୍ଗ (ଏସଇବିସି) ଛାତ୍ରଛାତ୍ରୀଙ୍କ ନିମନ୍ତେ ୧୧.୨୫% ସଂରକ୍ଷଣ ବ୍ୟବସ୍ଥାକୁ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ମିଳିଛି । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ, ସାମାଜିକ ନ୍ୟାୟ ପ୍ରଦାନ କରିବା ମୋଦୀ ସରକାରଙ୍କ ଶାସନର ମୂଳମନ୍ତ୍ର । ସମାଜର ପ୍ରତ୍ୟେକ ବର୍ଗକୁ ସମାନ ସୁଯୋଗ, ଅଧିକାର ଓ ସମ୍ମାନଜନକ ଜୀବନ ପ୍ରଦାନ କରିବା ଆମ ସରକାରଙ୍କ ପ୍ରାଥମିକତା । ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ 'ସବକା ସାଥ୍, ସବକା ବିକାଶ' ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶା ସରକାରଙ୍କ ଏହି ନିଷ୍ପତି ଡବଲ ଇଞ୍ଜିନ ସରକାରଙ୍କ 'ଅନ୍ତ୍ୟୋଦୟ ସଂକଳ୍ପ' ବା ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ବିକାଶ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

## ତାରାତାରିଣୀଙ୍କ ଦର୍ଶନ କଲେ ପ୍ରଧାନମନ୍ତ୍ରୀଙ୍କ ସଚିବ



ପୁରୁଷୋତମପୁର : ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦିତୀୟ ପ୍ରମୁଖ ସଚିବ ତଥା ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ଶକ୍ତିକାନ୍ତ ଦାଶ ଓ ତାଙ୍କ ସ୍ତ୍ରୀ ରବିବାର ଗଞ୍ଜାମ ଗସ୍ତରେ ଆସି ପ୍ରସିଦ୍ଧ ଆରାଧ୍ୟ ଇଷ୍ଟଦେବୀ ମା' ତାରାତାରିଣୀଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରି ଆଶୀର୍ବାଦ ନେଇଛନ୍ତି । ଏହାସହ ମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟମାନଙ୍କୁ ବୁଲି ଦେଖିବା ସହ ମନ୍ଦିର ବିକାଶ ସମ୍ପର୍କରେ ଉପସ୍ଥିତ ଆସିକା ଏମ୍‌ପି ଅନିତା ଶୁଭଦର୍ଶିନୀ ଓ ଗଞ୍ଜାମ ଜିଲାପାଳ ଭି.କୀର୍ତିଭାସନଙ୍କ ସହ ଆଲୋଚନା କରିଥିଲେ । ଏହି ସମୟରେ ଛତ୍ରପୁର ଉପଜିଲାପାଳ ଶୁଭାଶିଷ ବରାଳ, ମନ୍ଦିର ନିର୍ବାହୀ ଅଧିକାରୀ ତଥା ପୁରୁଷୋତମପୁର ତହସିଲଦାର ବିନୋଦ କୁମାର ବେହେରା, ଏମ୍‌ପିଙ୍କ ପ୍ରତିନିଧି ଯଜ୍ଞନାରାୟଣ ଦାଶ, ସୀତାରାମ ପାଣିଗ୍ରାହୀ, ଶଙ୍କର ନାହାକଙ୍କ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ ।

## ରାଜ୍ୟରେ ଗରମ ଗୁଳୁଗୁଳି ସହ ଝଡ଼ବର୍ଷା : ୧୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ




ଭୁବନେଶ୍ୱର : ରାଜ୍ୟରେ ଜାରି ରହିଛି ଖରା ତାତି ସାଙ୍ଗକୁ ଝଡ଼ବର୍ଷା ପ୍ରଭାବ । ଅପରାହ୍ନରେ ବଦଳି ଯାଉଛି ପାଗ । ଆଜି ପାଇଁ ୧୮ ଜିଲ୍ଲାକୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ପବନ ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ତେବେ ଆଜିଠୁ ରାଜ୍ୟରେ କାଳବୈଶାଖୀ ପ୍ରଭାବରେ ବର୍ଷା ବଢ଼ିପାରେ । ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି । ୪୦ରୁ ୫୦ କିମି ବେଗରେ ପବନ ବହିବ । ଉତର ଓଡ଼ିଶା ଓ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ କୁଆପଥର ସହ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ୬ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ । ୪୦ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନା ଅଛି । ସେହିଭଳି ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ । ୭ ଓ ୮ ତାରିଖରେ ଉତର ଓଡ଼ିଶା ଓ ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ହୋଇପାରେ । ଝାରସୁଗୁଡ଼ା, ତାଳଚେର, ପାରଳାଖେମୁଣ୍ଡିରେ ଦିନ ତାପମାତ୍ରା ୪୦ ଡିଗ୍ରୀ ଉପରେ ଥିଲା । ତାଳଚେରରେ ସର୍ବାଧିକ ୪୦.୨ ଡିଗ୍ରୀ ରେକର୍ଡ ହୋଇଛି । ଶନିବାର ଚାନ୍ଦବାଲି ଓ ଭଦ୍ରକର କିଛି ସ୍ଥାନରେ ବର୍ଷା ହୋଇଥିଲା । ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରବଳ ଖରା ସାଙ୍ଗକୁ ତାତି ଓ ଗୁଳୁଗୁଳି ଅନୁଭୂତ ହୋଇଥିଲା ।

## ପୂର୍ବତଟ ରେଳବାଇର ବିକାଶ ପ୍ରତି ଭାରତୀୟ ରେଳବାଇ ପ୍ରତିବଦ୍ଧ



ଭୁବନେଶ୍ୱର : ନବ ଗଠିତ ଦକ୍ଷିଣ ତଟ ଜୋନରେ କେତେକ ଷ୍ଟେସନ ସାମିଲ ନେଇ ଯେଉଁ ଚିନ୍ତା ପ୍ରକଟ କରାଯାଉଛି ଭାରତୀୟ ରେଳବାଇ ଆଜି ତାହା ଉପରେ ସ୍ପଷ୍ଟିକରଣ ରଖିଛି । ରେଳବାଇ ପକ୍ଷରୁ କୁହାଯାଇଛି ଯେ ପଲାସା-ଇଚ୍ଛାପୁରମ୍ ସେକ୍ସନ (୫୦ କିଲୋମିଟର) ରେ ୭ଟି ଷ୍ଟେସନ ଯଥା ପଲାସା, ସୁମାଦେବୀ, ମାଣ୍ଡାସା ରୋଡ୍, ବାରୁଭା, ସୋମପେଟା, ଝାଡୁପୁଡି ଏବଂ ଇଚ୍ଛାପୁରମ୍ ରହିଛି । ଏହି ସମସ୍ତ ଷ୍ଟେସନ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲାରେ ଅବସ୍ଥିତ । ଏହି ଷ୍ଟେସନଗୁଡ଼ିକ ମଧ୍ୟରୁ କୌଣସିଟି ହେଲେ ଓଡ଼ିଶା ମଧ୍ୟରେ ଅବସ୍ଥିତ ନୁହେଁ । ଏହି ଷ୍ଟେସନଗୁଡ଼ିକ ଛୋଟରୁ ମଧ୍ୟମ ଆକାରର ଷ୍ଟେସନ ଯାହା ମୁଖ୍ୟତଃ ଯାତ୍ରୀ ପରିଚାଳନା କରିଥାଏ । ଏଥି ମଧ୍ୟରୁ କୌଣସିଟି ଏକ ପ୍ରମୁଖ ମାଲ ପରିବହନ ଷ୍ଟେସନ ନୁହେଁ । ତେଣୁ, ପୂର୍ବତଟ ରେଳବାଇର ରାଜସ୍ୱ ପ୍ରଭାବିତ ହେବାର ସମ୍ଭାବନା ନାହିଁ । ଷ୍ଟେସନଗୁଡ଼ିକ ଯେଉଁ ଜୋନ୍ ଅଧିନରେ ଆସିଲେ ବି ସେହିସବୁ ଷ୍ଟେସନରେ ମାଲ ପରିବହନ ନିରବଚ୍ଛିନ୍ନ ଭାବରେ ଜାରି ରହିବ । ସମସ୍ତ ସୀମାରେଖା ମଧ୍ୟରେ ରେଳ ଚଳାଚଳ ନିରବଚ୍ଛିନ୍ନ ଜାରି ରହିବ । ରେଳ ସେବାରେ କୌଣସି ବ୍ୟାଘାତ ଉପୁଜିବ ନାହିଁ । ପଲାସା-ଭୁବନେଶ୍ୱର, ପଲାସା-କଟକ ଏବଂ ଇଚ୍ଛାପୁରମ-କଟକ ମେମୁ/ ଯାତ୍ରୀବାହୀ ସେବା ସମେତ ସମସ୍ତ ବର୍ତ୍ତମାନ ଚଳାଚଳ କରୁଥିବା ସମସ୍ତ ଟ୍ରେନର କାର୍ଯ୍ୟସୂଚୀ, ମାର୍ଗ କିମ୍ବା ଯାତାୟତ କୌଣସି ପରିବର୍ତ୍ତନ ବିନା ଜାରି ରହିବ । ବିଶାଖାପାଟନମ୍ ଡିଭିଜନରେ ଯାତ୍ରୀ ସେବାଗୁଡ଼ିକର ସୁଗମ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ଏହା ଏକ ବୈଷୟିକ ସଂଶୋଧନ । ପୂର୍ବତଟ ରେଳବାଇ ଏବଂ ଦକ୍ଷିଣ ତଟ ରେଳବାଇ ମଧ୍ୟରେ କର୍ମଚାରୀ ନିୟୋଜନ ସମେତ ସ୍ଥାନାନ୍ତରଣର ପଦ୍ଧତିକୁ ଚୂଡ଼ାନ୍ତ ରୂପ ଦିଆଯାଉଛି । ସମସ୍ତ ରେଳ କର୍ମଚାରୀଙ୍କ ସ୍ୱାର୍ଥ ଏବଂ ସେବା ସର୍ତାବଳୀ ନିୟମ ଅନୁଯାୟୀ ସମ୍ପୂର୍ଣ୍ଣ ସୁରକ୍ଷିତ ରହିବ । ଓଡ଼ିଶା ପ୍ରତି ଭାରତୀୟ ରେଳବାଇର ପ୍ରତିବଦ୍ଧତା ଅତୁଟ ରହିଛି । ଓଡ଼ିଶାରେ ରେଳ ନେଟୱାର୍କ ସମ୍ପ୍ରସାରଣ, ଷ୍ଟେସନ ଆଧୁନିକୀକରଣ, ବନ୍ଦେ ଭାରତ ସେବା ଏବଂ ପୂର୍ବତଟ ରେଳବାଇ ଅଧୀନରେ ନବଗଠିତ ରାୟଗଡା ଡିଭିଜନ ଆଦିରେ ରେକର୍ଡ ପୁଞ୍ଜି ବ୍ୟୟ ଏହି ପ୍ରତିବଦ୍ଧତାକୁ ଦର୍ଶାଉଛି ।

# ଓଡ଼ିଆ ପକ୍ଷ ପାଳନ ଅବସରରେ ବାଲେଶ୍ୱରରେ ବିଶାଳ 'ଐତିହ୍ୟ ଗଣଦୌଡ଼' ଅନୁଷ୍ଠିତ





ବାଲେଶ୍ୱର(ନି.ପ୍ର.) ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ 'ଓଡ଼ିଆ ପକ୍ଷ' ପାଳନ ଅବସରରେ ଆଜି ବାଲେଶ୍ୱରର ଶାନ୍ତି କାନନ ଠାରେ କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାର ଓ ବାଲେଶ୍ୱର ଜିଲ୍ଲା ପ୍ରଶାସନଙ୍କ ମିଳିତ ସହଯୋଗରେ ଏକ ବିଶାଳ 'ଐତିହ୍ୟ ଗଣଦୌଡ଼' ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସହରର ବିଭିନ୍ନ ବର୍ଗର ଲୋକମାନେ ଉତ୍ସାହର ସହିତ ସାମିଲ ହୋଇଥିଲେ । ଏହି ବର୍ଣ୍ଣାଢ୍ୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରୀ ଦଳର ଉପ ମୁଖ୍ୟ ସଚେତକ ତଥା ମାନ୍ୟବର ବିଧାୟକ, ରେମୁଣା ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗ ଦେଇଥିଲେ । ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ମାନ୍ୟବର ଅଧ୍ୟକ୍ଷା, ବାଲେଶ୍ୱର ପୌର ପାଳିକା ଶ୍ରୀମତୀ ସବିତା ସାହୁ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାଏକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ଜେନା, ଜିଲ୍ଲା ସଂସ୍କୃତି ଅଧିକାରିଣୀ ସୁଶ୍ରୀ ମନସ୍ୱିନୀ ରାଉତ, ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଅତିଥି ମାନଙ୍କ ଦ୍ୱାରା ବ୍ୟାସ କବି ଫକିର ମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପ୍ରଦାନ କରାଯାଇଥିଲା । ଏହାପରେ ମୁଖ୍ୟ ଅତିଥି ସବୁଜ ପତାକା ଦେଖାଇ ଐତିହ୍ୟ ଗଣଦୌଡ଼ର ଶୁଭାରମ୍ଭ କରିଥିଲେ । ଏହି ଦୌଡ଼ ଶାନ୍ତି କାନନ ପରିସରରୁ ଆରମ୍ଭ ହୋଇ ଫକୀର ମୋହନ ମହାବିଦ୍ୟାଳୟ ରାସ୍ତା, ସିନେମା ଛକ ଓ ଗଡ଼ଗଡ଼ିଆ ଛକ ଦେଇ ପୁନର୍ବାର ଶାନ୍ତି କାନନକୁ ଫେରି ଆସିଥିଲା । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଯୁବଗୋଷ୍ଠୀ ଏବଂ ସାଧାରଣ ନାଗରିକଙ୍କୁ ମିଶାଇ ପାଖାପାଖି ୫୦୦ରୁ ଊର୍ଦ୍ଧ୍ୱ ଜନ ସାଧାରଣ ଅଂଶଗ୍ରହଣ କରିଥିଲେ । ଓଡ଼ିଆ ଅସ୍ମିତା ଓ ଐତିହ୍ୟର ବାର୍ତ୍ତା ବା[ବା ସହିତ ଶାରୀରିକ ସୁସ୍ଥତା ପ୍ରତି ସଚେତନତା ସୃଷ୍ଟି କରିବା ଏହି ଆୟୋଜନର ମୁଖ୍ୟ ଲକ୍ଷ୍ୟ ।

# ରେମୁଣାରେ ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପର ଶୁଭ ଶିଳାନ୍ୟାସ





ବାଲେଶ୍ୱର(ନି.ପ୍ର.) ରବିବାର ସକାଳ ୧୦ ଘଟିକା ସମୟରେ ରେମୁଣା ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ପ୍ରକଳ୍ପର ଶୁଭ ଶିଳାନ୍ୟାସ କରାଯାଇଥିଲା । ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କ କରକମଳରେ ଆୟୋଜିତ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ରେମୁଣା ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ ଉପସ୍ଥିତ ଥିଲେ । ସର୍ବ ପ୍ରଥମେ ଚଷାଖଣ୍ଡ ପଂଚାୟତ ଅନ୍ତର୍ଗତ ସହିଦ୍ ବାଘାଯତୀନ ସ୍ମୃତି ପୀଠର ଉନ୍ନତି ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଅନୁଦାନ କ୍ରମେ ଡଞ୍ଜଉଡ ତରଫରୁ ପ୍ରଦତ ଏକ କୋଟି ପଚାଶ ଲକ୍ଷ ଟଙ୍କା କାର୍ଯ୍ୟର ଶିଳାନ୍ୟାସ କରାଯାଇଥିଲା । ଏହା ପରେ ଇଂଚୁଡ଼ି ପଂଚାୟତ ସ୍ଥିତ ପ୍ରସିଦ୍ଧ ଲବଣ ସତ୍ୟାଗ୍ରହ ସ୍ମୃତି ପୀଠର ଉନ୍ନତି କଳ୍ପେ ଦୁଇ କୋଟି ତେୟାଳିଶି ଲକ୍ଷ ଟଙ୍କା କାର୍ଯ୍ୟର ଶୁଭ ଶିଳାନ୍ୟାସ କରାଯାଇଥିଲା । ଅନ୍ୟ ପକ୍ଷରେ ଓଡିଶା ସରକାର ଙ୍କ 'ବିକଶିତ ଗାଁ ବିକଶିତ ଓଡିଶା ' ଯୋଜନା ଅନ୍ତର୍ଗତରେ ଇଂଚୁଡ଼ି ପଂଚାୟତର ଲବଣ ସତ୍ୟାଗ୍ରହ ସ୍ମୃତି ବିଦ୍ୟାପୀଠ ଏବଂ ସିଆଳିପଦା ଖେଳ ପଡିଆର ଉନ୍ନତିକରଣ କାର୍ଯ୍ୟର ଶୁଭ ଶିଳାନ୍ୟାସ ମଧ କରାଯାଇଥିଲା । ଏହି ପ୍ରୟାସ ନିଶ୍ଚୟ ରେମୁଣାକୁ ପର୍ଯ୍ୟଟନ ମାନଚିତ୍ରରେ ଆହୁରି ଉଜ୍ଜ୍ୱଳ କରିବା ସହ ଏହି ପବିତ୍ର ପୀଠ ମାନଙ୍କର ଗୌରବକୁ ନୂତନ ଦିଗ ଦେବ ବୁଲି ବିଧାୟକ ଶ୍ରୀ ଦାସ କହିଥିଲେ । ଏହି ଅବସରରେ ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା, ପୂର୍ବତନ ରେମୁଣା ବ୍ଲକ ଅଧ୍ୟକ୍ଷ ଗୋପୀନାଥ ସେନାପତି, ବରିଷ୍ଠ କାର୍ଯ୍ୟକର୍ତ୍ତା ଜୟନ୍ତ ମଣ୍ଡଳ, ମଣ୍ଡଳ ସଭାପତି ମାନସ ମହାନ୍ତି, କାର୍ତ୍ତିକ ଚନ୍ଦ୍ର ଦାସ, ଅନାଦି ନାୟକ, ଅଜୟ ବାରିକ, ଡମ୍ବରୁଧର ଜେନା, ବ୍ରହ୍ମାନନ୍ଦ ବିଶ୍ୱାଳ, ସିଲି ବେହେରା ଇତ୍ୟାଦି ଉପସ୍ଥିତ ଥିଲେ ।

# ଆଇଟିଆଇ ପଡ଼ିଆରେ ବୈଶାଖୀ ମହୋତ୍ସବ ୮ରୁ



ବାଲେଶ୍ୱର (ନି.ପ୍ର.) ବାଲେଶ୍ୱର ଆଇଟିଆଇ ପଡ଼ିଆରେ ପ୍ରଥମଥର ପାଇଁ ବୈଶାଖୀ ମହୋତ୍ସବ ଆସନ୍ତା ୮ରୁ ଆରମ୍ଭ ହୋଇ ୧୭.୭.୨୬ରିଖ ୧୦ଦିନ ଧରି ଚାଲିବ ବୋଲି ମହୋତ୍ସବ କମିଟି ପକ୍ଷରୁ ୫ ତାରିଖ ଅପରାହ୍ନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମଂଚରେ ବସିଥିବା କର୍ମକର୍ତ୍ତାମାନେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି । ସେମାନେ କହିଛନ୍ତି କି, ପ୍ରଥମଥର ପାଇଁ ବାଲେଶ୍ୱର ଜିଲ୍ଲାରେ ପଡ଼ୋଶୀ ରାଜ୍ୟ, ଆନ୍ତଃରାଜ୍ୟ ଓ ଆନ୍ତଃଜିଲ୍ଲା, ମହିଳା ସ୍ୱୟଂ ସହାୟକ ଗ୍ରୁପମାନଙ୍କୁ ନେଇ ବୈଶଣାଖୀ ମହୋତ୍ସବ କାର୍ଯ୍ୟକମ ଆରମ୍ଭ ହେବ । ଏଥିରେ ମୀନାବଜାର, ପଡ଼ୋଶୀ ରାଜ୍ୟର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ, ଶିକ୍ଷସଂସ୍ଥା ପ୍ରମୁଖ ଏହି ଦଶଦିନିଆ ମହୋତ୍ସବରେ ସାମିଲ ହେବେ । ପ୍ରତ୍ୟେହ ସଂଧ୍ୟାରେ ଲୋକକଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ଲୋକନୃତ୍ୟ, ରାଜ୍ୟ ତଥା ରାଜ୍ୟ ବାହାରୁ ସଂଗୀତଜ୍ଞ, ମଂଚ କଳାକ,, ଆର୍କେଷ୍ଟ୍ରା ପ୍ରମୁଖ ସାମିଲ ହେବେ । ତା'ଛଡ଼ା ଜିଲ୍ଲାର ଛୋଟଛୋଟ କଳାକଳା ଓ ଶିଳ୍ପୀମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବ । ତା'ଛଡ଼ା ରାଜ୍ୟର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବ । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମହୋତ୍ସବ କମିଟିର ସଭାପତି ନରେନ୍ଦ୍ର ବିହାରୀ ଦାସ, ଉପଦେଷ୍ଟା ଉଜ୍ଜ୍ୱଳ ଚନ୍ଦ୍ର କର, ସାଧାରଣ ସମ୍ପାଦକ ଦିବାକର ଜେନା, ଉପସଭାପତି ସୁଶାନ୍ତ କୁମାର ଦାସ, ଆବାହକ ଗଗନ କୁମାର ସେଠୀ, ପ୍ରହ୍ଲାଦ ସିଂ, ସନ୍ଦୀପ କୁମାର ଦାସ, ସାନ୍ତନୁ କୁମାର ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଦୁବୁଲାଗଡ଼ି ବେଳାଭୂମି ମହୋତ୍ସବ ଉଦ୍‌ଘାଟିତ



ବାଲେଶ୍ୱର (ନି.ପ୍ର.) ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ଦୁବୁଲାଗଳି ବେଳାଭୂମିରେ ଦୁବୁଲା ଗଡ଼ି ବେଳାଭୂମି ମହୋତ୍ସବ ଉଦ୍ଘାଟିତ ହୋଇଯାଇଛି । ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଁ ଦୁବୁଲାଗଳି ବେଳାଭୂମି ମହୋତ୍ସବ କମିଟିର ପ୍ରୟାସ ଜାରି ରହିଛି ।ଏହି ମହୋତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପରିଷଦ ଅଧକ୍ଷ ନାରାୟଣ ପ୍ରଧାନ, ସମ୍ମାନୀତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା , ଯୁବ ନେତା ମାନସ ଦାସ ପଟ୍ଟନାୟକ, ସ୍ଥାନିୟ ସରପଂଚ ପ୍ରବୀର କୁମାର ସାହୁ, ଶିଳ୍ପି କେଶୁ ଦାଶ ପ୍ରମୁଖ ଯୋଗଦେଇ ଦୁବୁଲାଗଳି ବେଳାଭୂମିକୁ ସାରା ବିଶ୍ୱରେ ପରିଚିତ କରାଇବା ପାଇଁ ଯଥାଶୀଘ୍ର ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦାବୀ ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ ଗୌରହରି ମାନ୍ନା ,କଷାଫଳ ମେରାଇନ ଥାନା ଅଧିକାରୀ ରଶ୍ମିରେଖା ମହାଳିକ , ସମାଜସେବୀ ଶ୍ରୀକୃଷ୍ଣ ଗିରି, ସୁନିଲ କୁମାର ଦାସ, ତପନ କୁମାର ଦାସ, ବିକାଶ ଚନ୍ଦ୍ର ଦାସ, ବିଜୟା ନନ୍ଦ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ ।ପର୍ଯ୍ୟଟକ ମାନକୁ ଆକୃଷ୍ଟ କରାଇବା ପାଇଁ ରାସ୍ତା ସମ୍ପ୍ରସାରଣ ଓ ବେଳାଭୂମିର ଉନ୍ନତିକରଣ ଉପରେ ଅତିରିକ୍ତ ଜିଲ୍ଲାପାଳ ଓ ଜିଲ୍ଲା ପରିଷଦ ଅଧକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସଭାକାର୍ଯ୍ୟ ଶେଷରେ ଦୁବୁଲାଗଳି ବେଳାଭୂମି ମହୋତ୍ସବର ଅଧକ୍ଷ ଡ଼କ୍ଟର ଦେବବ୍ରତ ପ୍ରଧାନ ମହୋତ୍ସବ ବିବରଣୀ ପାଠ କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।ପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁନାମ ଧନ୍ୟ ସଙ୍ଗୀତ ନିର୍ଦ୍ଦେଶକ ସୁବାଷ ରାମଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ହୋଇଥିଲା । ବିଭିନ୍ନ କଳାକାର ମାନେ ଯୋଗ ଦେଇ ନୃତ୍ୟ ସଙ୍ଗୀତ ଓ ମଡେଲିଙ୍ଗ ପରିବେଷଣ କରିଥିଲେ । ଏହି ବେଳାଭୂମି ମହୋତ୍ସବର ଉଦ୍ଘାଟନୀ ସମାରୋହରେ ବାଲେଶ୍ୱର ଜିଲ୍ଲାର ବରିଷ୍ଠ ଅଧିକାରୀ, ବୁଦ୍ଧିଜୀବୀ ଓ ସ୍ଥାନିୟ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା ।

# ଫାର୍ମାସୀ ଅଫିସର ସଂଘ ବାଲେଶ୍ୱର ଶାଖାର ବାର୍ଷିକ ଅଧିବେଶନ ଅନୁଷ୍ଠିତ




ବାଲେଶ୍ୱର (ନି.ପ୍ର.) ରବିବାର ମଧ୍ୟାହ୍ନରେ ବାଲେଶ୍ୱର ପାଣିଟାଙ୍କି ସ୍ଥିତ ସିଦ୍ଧି କଲ୍ୟାଣମଣ୍ଡପ ପରିସରରେ ଫାର୍ମାସି ଅଫିସର ସଂଘ ବାଲେଶ୍ୱର ଶାଖାର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ଗିରିଜା ଶଙ୍କର ଦାସ, ସମ୍ମାନିତ ଅତିଥି ଭାବେ ଡା.ପରେଶ ଚନ୍ଦ୍ର ନନ୍ଦି ଓ ମୁଖ୍ୟ ବକ୍ତା ଭାବେ ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ, ଓଡ଼ିଶା ଫାର୍ମାସିଷ୍ଟ ମହାସଂଘର ରାଜ୍ୟ ସଭାପତି ଶୁଭଲକ୍ଷ୍ମୀ ସ୍ୱାଇଁ, ରାଜ୍ୟ ସମ୍ପାଦକ କ୍ଷୀତିଶ ଚନ୍ଦ୍ର ପଟ୍ଟନାୟକ, କୋଷାଧ୍ୟକ୍ଷ ସୁଧୀର ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟରେ କହିଥିଲେ କି, ଯେପରି ଡାକ୍ତରମାନେ ରୋଗୀମାନଙ୍କ ପାଇଁ ବିଭିନ୍ନ ସମୟରେ ଭଗବାନର ଏକ ଅଂଶ ଭାବେ ସମାଜରେ ପ୍ରତିପାଦନ ହୁଅନ୍ତି ଠିକ୍ ସେହିପରି ଫାର୍ମାସିଷ୍ଟମାନେ ଡାକ୍ତରମାନଙ୍କ ସହ କୌଣସି କ୍ଷେତ୍ରରେ କମ୍ ପାରଦର୍ଶୀତା ହାସଲ କରିଥିବା ନୁହେଁ ବୋଲି ମଂଚରେ ଯୋଗ ଦେଇଥିବା ଅତିଥିମାନେ ସୂଚନା ଦେଇଥିଲେ । ଆରମ୍ଭରେ ମୁଖ୍ୟ ଅତିଥି ଡ. ଗିରିଜା ଶଙ୍କର ଦାସ ପ୍ରଦୀପ ପ୍ରଜ୍ୱଳନ କରି ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ । ବାଲେଶ୍ୱର ଶାଖାର ସଭାପତି ମୋହିମ ଚନ୍ଦ୍ର ପାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାକ୍ ସୂଚନା, ମଂଚ ପରିଚାଳନା ଓ ଧନ୍ୟବାଦ ଦେଇଥିଲେ ଯୋଗେଶ୍ୱର ମହାପାତ୍ର । ଏହି ଅବସରରେ ଅବସରଗ୍ରହଣ କରିଥିବା ୬ଜଣ ଫାର୍ମାସିଷ୍ଟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନେ ଦୀନବନ୍ଧୁ ଦାସ, ନରେନ୍ଦ୍ର ବାରିକ, ପଂଚାନନ ବାରିକ, ମଧୁସୂଦନ ସାହୁ, ନରେନ୍ଦ୍ର ଭୂତିଆ, ହରିଶଚନ୍ଦ୍ର ଜେନା । ଆୟୋଜିତ କାର୍ଯ୍ୟକ୍ରମକୁ ମାନସ ପଣ୍ଡା, ସରୋଜ ଭଂଜ ଓ ମନୋଜ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିବା ବେଳେ ଫାର୍ମାସିଷ୍ଟମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା ।

# ଜଳେଶ୍ୱର କଂଗ୍ରେସର ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଓ ମିଶ୍ରଣ ପର୍ବ

ଜଳେଶ୍ୱର (ନି ପ୍ର ) ଜଳେଶ୍ୱର କଂଗେସ ପକ୍ଷରୁ ଆଜି ଖୁସୀ ପ୍ଲାଜା ସମ୍ମିଳିନୀ କକ୍ଷରେ ନୂତନ ଭାବେ ଯେଉଁମାନେ କଂଗ୍ରେସ ଦଳର ବିଭିନ୍ନ ପଦ ପଦବୀରେ ସମର୍ପିତ ହୋଇଛନ୍ତି ସେମାନଙ୍କୁ ସମ୍ବର୍ଦ୍ଧନା ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି ଏଥିରେ ମଂଚ ପରିଚାଳନା କରିଥିଲେ ଜଳେଶ୍ୱର କଂଗେସର ବରିଷ୍ଠ ନେତା ଲକ୍ଷ୍ମୀକାନ୍ତ କର , ଅତିଥି ପରିଚୟ ପ୍ରଦାନ କରିଥିଲେ ଜିଲ୍ଲା ସଧାରଣ ସମ୍ପାଦକ ମଧୁସୂଦନ ଦାସ, ବାଲେଶ୍ୱର ଜିଲ୍ଲା କଂଗେସ ସଭାପତି ସତ୍ୟଶିବ ଦାସ ଜଳେଶ୍ୱର ନେତା ସୂର୍ଦସନ ଦାସ, ବ୍ଲକ ସଭାପତି ହେମନ୍ତ କୁମାର ଗିରି, ସୁନୀଲ କୁମାର ପରିଡ଼ା, ଭୋଗରାଇ ବ୍ଲକ ସଭାପତି ସନ୍ତୋଷ କୁମାର ଜେନା, ପୌରପାଳିକାର ସଭାପତି ଜଗଦିଶ ନନ୍ଦୀ, ପଦ୍ମଲୋଚନ ବେହେରା, ଜନ୍ମଜୟ ଜେନା, ନରେନ୍ଦ୍ର କୁମାର ରାଉତ , ଶ୍ରୀକାନ୍ତ ସିଂ, ଅଞ୍ଜନ ସିଂ, ରାଧାରାଣୀ ପାତ୍ର, ସୁଦାମ ପାତ୍ର , ଗୋପାଳ କୃଷ୍ଣ ଜେନା, ଦୀପକ ପାତ୍ର ପ୍ରମୁଖ ଅନେକ କଂଗେସ ନେତୃବୃନ୍ଦ ମାନଙ୍କୁ ବିଭିନ୍ନ ସମ୍ମାନିତ କରିଥିଲେ ଏବଂ ଜଳେଶ୍ୱର ନିର୍ବାଚନ ମଣ୍ଡଳୀରୁ ଗୋବଘୋଟା , ନାମ୍ପ, ଓଲମରା ବସ୍ତା ବ୍ଲକ ଅନ୍ତର୍ଗତ ସନ୍ତୋଷପୁରା ଗ୍ରାମ ପଂଚାୟତର ଅବସର ପ୍ରାପ୍ତ ଓୟୁଇଟି କର୍ମଚାରୀ ଅଭିମନ୍ୟୁ ଅଣ୍ଡିଆ, ନାମ୍ପ ପୂର୍ବତନ ସରପଂଚ କେଶବ ଚନ୍ଦ୍ର ପ୍ରଧାନ ସମେତ ଅନେକ ବିଜେଡି ଓ ବିଜେପି ଦଳର ଶତାଧିକ ନେତା କର୍ମୀ ଦଳ ଛାଡ଼ି କଂଗେସ ଦଳରେ ସାମିଲ ହୋଇଛନ୍ତି ।

# ବରିଷ୍ଠ ମହିଳା ଫୁଟବଲ ଖେଳାଳି ଚୟନ ପ୍ରତୀଯୋଗିତା

ବାଲେଶ୍ୱର (ନି.ପ୍ର.) ଜିଲ୍ଲା କ୍ରୀଡ଼ାସଂଘ ଆନୁକୁଲ୍ୟରେ ଚଳିତ ମାସ ୧୫.୦୪.୨୦୨୬ ରିଖ ରେ ବରିଷ୍ଠ ମହିଳା ଫୁଟବଲ ଖେଳାଳି ଚୟନ ପ୍ରତୀଯୋଗିତା ସ୍ଥାନୀୟ ପରମିଟ ପଡିଆ ଠାରେ ଦିବା ୩ ଘଟିକାରେ ସମୟରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା କ୍ରୀଡାସଂଘ ର କାର୍ଯ୍ୟକାରୀ ସଭାପତି ଶ୍ରୀ ଅଭୟ ମହାପାତ୍ର ଜଣାଇଛନ୍ତି । ଆଗ୍ରହୀ କ୍ରୀଡାବିତ ମାନେ ଅରିଜିନାଲ ଜନ୍ମ ପ୍ରମାଣ ପତ୍ର,ଆଧାର କାଡ ଏବଂ ଏହାର ଏକ ଜେରକ୍ସ କପି ସାଙ୍ଗରେ ନେଇ ଆସିବେ । ଅଧିକ ବିବରଣୀ ପାଇଁ ଯୁଗ୍ମ ସମ୍ପାଦକ ଫୁଟବଲ ଶ୍ରୀ ନିମାଇଁ ଚରଣ ରାଉତରାୟ (୯୪୩୭୨୯୬୦୦୯)ଙ୍କ ସହିତ ଯୋଗାଯଗ କରିବା ପାଇଁ ଜିଲ୍ଲା କ୍ରୀଡାସଂଘ ର କାର୍ଯ୍ୟକାରୀ ସଭାପତି ଶ୍ରୀ ଅଭୟ ମହାପାତ୍ର ଜଣାଇଛନ୍ତି । ଏହି ଚୟନ ପ୍ରତୀଯୋଗିତା ରେ ଯୋଗ୍ୟ ବିବେଚିତ ହେବାକୁ ଥିବା ଖେଳାଳି ମାନେ କଟକ ଠାରେ ହେବାକୁ ଥିବା ମହିଳା ଫୁଟବଲ ଲିଗ ରେ ବାଲେଶ୍ୱର ଜିଲ୍ଲା ତରଫରୁ ପ୍ରତିନିଧିତ୍ୱ କରିବେ ।




**ସୁନହଟ ଶକୁନ୍ତଳା ସ୍କୁଲର ଜଣେ କଳାକାର ବାଲେଶ୍ୱରର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶଙ୍କ ଫଟୋଚିତ୍ର ଆଙ୍କି ଜିଲ୍ଲାପାଳଙ୍କୁ ପ୍ରଦାନ କରୁଛନ୍ତି । ତାଙ୍କ ପାର୍ଶ୍ୱରେ ଶିକ୍ଷାଧିକାରୀ ବସନ୍ତ ନାୟକ । (ଫଟୋ-ଦେବବ୍ରତ)**

# ରେଞ୍ଜର ମାଡ଼ମରା ଘଟଣା, ନ୍ୟାୟପାଇଁ ଧାରଣାଦେବେ ଫରେଷ୍ଟଗାର୍ଡ଼ଙ୍କ ପତ୍ନୀ ଓ ପରିବାର



ନୀଳଗିରି(ନି.ପ୍ର)ଏସିଏଫ୍ ତଥା ଲଡିହା ରେଞ୍ଜରଙ୍କ ଅମାନବୀୟ ମାଡ଼ ଏବଂ ଅତ୍ୟାଚାର ବିରୋଧରେ ଶେଷରେ ନ୍ୟାୟପାଇଁ ଧାରଣାଦେବେ ପୀଡିତ ଫରେଷ୍ଟଗାର୍ଡଙ୍କ ପରିବାର । ଏନେଇ ପୂର୍ବତନ ବିଧାୟକ ତଥା ବରିଷ୍ଠ ଆଇନଜୀବି ଚିତରଞ୍ଜନ ଷଡ଼ଙ୍ଗୀଙ୍କ ବାସଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଫରେଷ୍ଟଗାର୍ଡଙ୍କ ପତ୍ନୀ ଦିପ୍ତିମୟୀ ପାତ୍ର । ସୂଚନା ଅନୁଯାୟୀ ଗତ ମାର୍ଚ୍ଚ ୨୫ତାରିଖ ରାତି ପ୍ରାୟ ୧୨ଟା ସମୟରେ ନୀଳଗିରି କୁଲଡିହା ଭାରାପ୍ରାପ୍ତ ରେଞ୍ଜଅଧିକାରୀ ତଥା ଏସିଏଫ୍ ସୁବ୍ରତ କୁମାର ବେହେରା ନିଜର ୨୦ରୁ ୨୫ବନକର୍ମଚାରୀଙ୍କ ସହିତ ଏକ ରେଡସାରି ଫେରୁଥିବା ବେଳେ ମୟୂରଭଞ୍ଜ ଝିଙ୍କିପଦାରୁ ନିଜ ନୀଳଗିରି ଭଡ଼ାଘରକୁ ଫେରୁଥିବା ଉପରଡିହା ଗ୍ରାମର ଜିଲ୍ଲାବନବିଭାଗ କାର୍ଯ୍ୟାଳୟର ନିଲମ୍ବିତ ଫରେଷ୍ଟଗାର୍ଡ ପଦ୍ମଲୋଚନ ପାତ୍ର ଏବଂ ତାଙ୍କ ସାଥୀ ବିଦ୍ୟୁତ୍ ବିଭାଗର କର୍ମଚାରୀ କ୍ଷୀରୋଦ ଦାସଙ୍କୁ ଗାଡ଼ି ଓଭରଟେକ୍ କୁ ନେଇ ନିଷ୍ଠୁର ମାଡ଼ମାରିଥିଲେ । ଫଳରେ ପଦ୍ମଲୋଚନଙ୍କ ବାମହାତ ଭାଙ୍ଗିଯିବା ସହ ପିଠିରେ ଅକଥନୀୟ ମାଡ଼ର ଚିହ୍ନ ଦେଖିବାକୁ ମିଳିଥିଲା । ଉଭୟଙ୍କୁ ଖୋଦ୍ ରେଞ୍ଜର ଏବଂ ସହକର୍ମୀ ବନକର୍ମଚାରୀ ବରହମପୁର ଥାନାକୁ ନେଇ ଏକ ଲିଖିତ ସମାଧାନପତ୍ର ଲେଖାଇ ନେଇଥିଲେ । ମାତ୍ର ଯନ୍ତ୍ରଣାରେ ଛଟପଟ ପଦ୍ମଲୋଚନ ଏବଂ କ୍ଷୀରୋଦଙ୍କୁ ହସ୍ପିଟାଲକୁ ନନେଇ ଛାଡିଚାଲି ଯାଇଥିବା ବେଳେ ପରିବାରଲୋକେ ବାଲେଶ୍ୱର ମେଡିକାଲ କଲେଜକୁ ନେଇ ଚିକିତ୍ସା କରାଇଥିଲେ । ଏପରିକି ପରବର୍ତ୍ତୀଦିନ ୨୬ତାରିଖ ଏସିଏଫ୍ ସୁବ୍ରତ ବେହେରା ମେଡିକାଲ ଯାଇ ମାମଲାକୁ ରଫାଦଫା କରିବାକୁ ଚେଷ୍ଟାକରି ଆକ୍ରମଣର ଶିକାର ହୋଇଥିଲେ ।ଏନେଇ ପଦ୍ମଲୋଚନଙ୍କ ପତ୍ନୀ ଏବଂ କ୍ଷୀରୋଦଙ୍କ ପରିବାର ତରଫରୁ ବରହମପୁର ଥାନାରେ ଅଭିଯୋଗ ହୋଇଥିଲେ ହେଁ ପୋଲିସ କୌଣସି ପଦକ୍ଷେପ ନେଇନଥିବା ବେଳେ ବାଲେଶ୍ୱର ଡିଏଫ୍ଓ ମଧ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ । ତେଣୁ ନିଜକୁ ଅସୁରକ୍ଷିତ ଏବଂ ନ୍ୟାୟପାଇଁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନିକଟକୁ ପତ୍ରଲେଖିଥିବା ବେଳେ ଆଜି ନୀଳଗିରି ଏସଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପରିବାର ବନ୍ଧୁବାନ୍ଧବଙ୍କ ସହିତ ଶାନ୍ତିପୂର୍ଣ୍ଣ ଧାରଣାଦେବାକୁ ସାମ୍ବାଦିକ ସମ୍ମିଳନୀରେ ପଦ୍ମଲୋଚନଙ୍କ ପତ୍ନୀ ଦିପ୍ତିମୟି ପାତ୍ର ସୂଚନା ଦେଇଛନ୍ତି । ଗଡ଼ଜାତ ମାଟିର ସ୍ୱାଭିମାନ ଏବଂ ଜଣେ ହରିଜନ ସଂପ୍ରଦାୟର ମହିଳାଙ୍କ ଅଧିକାରପାଇଁ ପୂର୍ବତନ ବିଧାୟକ ଚିତରଞ୍ଜନ ଷଡ଼ଙ୍ଗୀ ନିଜର ସମର୍ଥନଦେଇ ଧାରଣାରେ ସହଯୋଗକରିବେ ବୋଲି ସୂଚନା ଦେଇଛନ୍ତି ।

# ଭବ୍ୟ 'ଖଡ଼ି ଛୁଆଁ ଓ ପ୍ରବେଶ ଉତ୍ସବ - ୨୦୨୬' ଅନୁଷ୍ଠିତ

ନୟାଗଡ଼(ନିପ୍ର): ନୟାଗଡ଼ ଜିଲ୍ଲାର ବ୍ରଜେନ୍ଦ୍ର ହାଇସ୍କୁଲ ପରିସରରେ ଜିଲ୍ଲାସ୍ତରୀୟ 'ଖଡ଼ି ଛୁଆଁ ଓ ପ୍ରବେଶ ଉତ୍ସବ - ୨୦୨୬' ଭବ୍ୟ ଭାବରେ ପାଳିତ ହୋଇଛି । ଛୋଟ ପିଲାମାନଙ୍କ ଶିକ୍ଷା ଜୀବନର ପ୍ରଥମ ପଦକ୍ଷେପକୁ ଉତ୍ସବ ରୂପେ ପାଳନ କରିବାର ଏହି ପରମ୍ପରା ସମସ୍ତଙ୍କୁ ଆକର୍ଷିତ କରିଥିଲା । ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ସମ୍ମାନନୀୟ ବାଚସ୍ପତି ସୁରମା ପାଢ଼ୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଜିଲ୍ଲାପାଳ ମଧୁମିତା ରଥ, ମ୍ୟୁନିସିପାଲଟି ଅଧକ୍ଷା ନିରୁପମା ଖଟେଇ ଓ ଜିଲ୍ଲା



ଶିକ୍ଷା ଅଧିକାରୀ ଚିତରଞ୍ଜନ ପାଣ୍ଡେ, ନୟାଗଡ ବ୍ଲକ ଶିକ୍ଷାଧିକାରୀ ଉମାକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ପିଲାମାନଙ୍କୁ ଶିକ୍ଷା ପ୍ରତି ଆକର୍ଷିତ କରିବା, ସ୍କୁଲରେ ନୂତନ ଭିତିକୁ ଉତ୍ସାହିତ କରିବା ସହ ଶିକ୍ଷାକୁ ଆନନ୍ଦମୟ ଓ ସ୍ମରଣୀୟ କରିବାର ସନ୍ଦେଶ ଦିଆଯାଇଥିଲା । କାର୍ଯ୍ୟକ୍ରମ ଅବସରରେ ଆଠ ଗୋଟି ସଚେତନତା ରଥକୁ ଶୁଭାରମ୍ଭ କରିଥିଲେ । ଏହି ଉତ୍ସବ ମାତ୍ର ଏକ କାର୍ଯ୍ୟକ୍ରମ ନୁହେଁ, ପିଲାମାନଙ୍କ ଜୀବନର ଏକ ନୂଆ ଅଧ୍ୟାୟ । ଜିଲ୍ଲା ଶିକ୍ଷା ବିଭାଗର ତିନି ଜଣ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବନଲତା ବେହେରା, ଗୀତାଞ୍ଜଳି ସାହୁ, ସନ୍ଧ୍ୟାରାଣୀ ରାଉତ,ଏବଂ ଜିଲ୍ଲା ପ୍ରକଳ୍ପ ସମନ୍ୱୟ କାର୍ଯ୍ୟାଳୟର ସଂଯୋଜିକା ଶ୍ରାବଣୀ ମିଶ୍ର, ଶୁଭସ୍ମିତା ଦାଶ, କୃଷ୍ଣା ରାଣୀ ମାଝୀଙ୍କ ସହ ସମସ୍ତ କର୍ମଚାରୀଙ୍କ ସହଯୋଗ କର୍ମେ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ ହୋଇଥିଲା । ଅତିଥିମାନେ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିବା ସହ ସରକାରୀ ବିଦ୍ୟାଳୟକୁ ବାଛିଥିବା ପାଇଁ ଅଭିଭାବକମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ନେତା ଓ ପ୍ରଶାସନ ସହଯୋଗରେ ଚାଲିଛି ୩୦ମାଙ୍କଡ଼ା ଖଣି

ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ କୁପାରୀ ଅ□ଳରେ ମାଙ୍କଡା ଖଣି ମାଫିଆ ମାନେ ପୁଣିଥରେ ସକ୍ରିୟ ହୋଇ ବନ୍ଦ ପଡିଥିବା ସମସ୍ତ ମାଙ୍କଡା ଖଣି କୁ ଚାଲୁ କରିଛନ୍ତି । ମାଙ୍କଡା ମାଫିଆ ମାନେ ପାଖପାଖି ପାଖାପାଖି ୩୦ ଖଣିରୁ ଟ୍ରିପ ଟ୍ରିପ ମାଙ୍କଡା ବାଲେଶ୍ୱର ଭଦ୍ରକ, କେନ୍ଦୁଝର ଓ ମୟୁରଭଞ୍ଜ ଜିଲାର ବିଭିନ୍ନ ଅଂଚଳକୁ ଚାଲାଣ କରୁଛନ୍ତି । ମୁଖ୍ୟମନ୍ତ୍ରୀ, ରାଜ୍ୟ ଖଣି ବିଭାଗ ମନ୍ତ୍ରୀ ଓ ସଚୀବ, ବାଲେଶ୍ୱର ଜିଲାପାଳ ଏଥିପ୍ରତି ଦୃଷ୍ଟି ନଦେଲେ ସମଗ୍ର କୁପାରୀ ଅଂଚଳ କୃତ୍ରିମ ହ୍ରଦ ପାଲଟିବ ବୋଲି ଖଣି ସଂଲଗ୍ନ ଗ୍ରାମବାସୀ ମାନେ କହିଛନ୍ତି । ଉପରୋକ୍ତ ୨ ରାଜସ୍ୱ କ୍ଷେତ୍ର ଅଧୀନରେ ଭରପୁର ମାଙ୍କଡା ପଥର ଗଛିତ ରହିଛି । ରାଜସ୍ୱ ବିଭାଗ ସରକାରୀ ଭାବେ ନିଲାମ ଦେଉନଥିବା ବେଳେ ଚୋରା ଚାଲାଣକାରୀ ପ୍ରଶାସନ ଓ ଶାସକଦଳ ନେତୃବୃନ୍ଦଙ୍କୁ ହାତବାରିସି କରି ଏହି ବେଆଇନ କାର୍ଯ୍ୟ ଜାରି ରଖିଛନ୍ତି । ବର୍ତମାନ ବରପଦାରେ ୧୦ଟି, କଳମଚୁଆରେ ୫ଟି, ରଣପୁରରେ ୪ଟି, ହରିପୁରରେ ୪ଟି, କୁପାରୀ କଲେଜ ପଛପଟେ ୫ଟି କୁପାରୀ ସରକାରୀ ମଦ ଦୋକାନ ପଛ ପଟେ ୨ଟି ସମେତ ୩୦ଖଣି ଚାଲୁଥିବା ନେଇ ନିକଟସ୍ଥ ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ରାତି ତମାମ ପାୱାର ଟିଲର ଗର୍ଜନ କାରଣରୁ ଗ୍ରାମ ବାସୀଙ୍କୁ ରାତିରେ ଶୋଇବା ମୁସ୍କିଲ ହୋଇ ପଡୁଛି । ଏହିଭଳି ପରିତ୍ୟକ୍ତ ମାଙ୍କଡା ଖଣି ଗାତରେ ପଡି ୧୦ବର୍ଷରେ ୧୦ଜଣରୁ ଉର୍ଦ୍ଧ ବୟସ୍କ ଓ ଶିଶୁ, ୫୦ରୁ ଉର୍ଦ୍ଧ ଗୃହପାଳିତ ପଶୁ ଓ ବନ୍ୟପ୍ରାଣି ପ୍ରାଣ ହରାଇ ସାରିଥିବା ବେଳେ ଏବେ ପୁଣି ଥରେ ସୃଷ୍ଟି କରାଯାଉଥିବା ସେହିଭଳି ଗର୍ତ ମଣିଷ ପଶୁଙ୍କ ପାଇଁ ମୃତ୍ୟୁଜନ୍ତା ସାଜିଛି । ଏ ସମ୍ପର୍କରେ ଜିଲା ଖଣି ଅଧିକାରୀ ଜଗନ ବେହେରାଙ୍କ ପ୍ରତିକ୍ରିୟା ନେବାରେ ଖୁବଶୀଘ୍ର କୁପାରୀ ରାଜସ୍ୱ କ୍ଷେତ୍ରରେ ଚାଲିଥିବା ମାଙ୍କଡା ଖଣି ଗୁଡିକ ଉପରେ ଚଢାଉ କରାଯିବ ବୋଲି କହିଛନ୍ତି ।

# ଯୋଜନା ବଦ୍ଧ ଭାବରେ ସରକାରୀ ପୋଖରୀରୁ ମାଟି ଲୁଟ୍

ଲଙ୍ଗଳେଶ୍ୱର(ନିପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ଓ ବସ୍ତା ବ୍ଲକରେ ବ୍ୟାପକ ଭାବରେ ଲଘୁ ଖଣିଜ ପଦାର୍ଥ ଯଥା ମାଟି, ବାଲିର ଚୋରା ଚାଲାଣ ବଢି ଚାଲିଥିବାର ଦେଖିବାକୁ ମିଳୁଛି । ତେବେ ଲଘୁ ଖଣିଜ ପଦାର୍ଥର ଚୋରା ଚାଲାଣ ଯୋଗୁଁ ସରକାର ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛନ୍ତି । ଫଳରେ ବୁଦ୍ଧିଜୀବି ମହଲରେ ଏପରି କାର୍ଯ୍ୟକୁ ନେଇ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳୁଛି । ତେବେ ଏହି ବାଲି ଓ ମାଟିର ବେଆଇନ୍ କାରବାର କରିବାରେ ସହଯୋଗ ମିଳୁଛି ବାଲିଆପାଳ ରେ ହେଉଥିବା ଦୁଇଟି ବୃହତ୍ ସରକାରୀ ପ୍ରକଳ୍ପ ପାଇଁ । ସୂଚନାଯୋଗ୍ୟ ପୂର୍ତ ବିଭାଗ ଅଧୀନ ଓଡ଼ିଶା କୋଷ୍ଟ କେନାଲ ଉନ୍ନତୀକରଣ ପାଇଁ ସୁବର୍ଣ୍ଣରେଖା ନଦୀର ବାଲିଆପାଳ ଠାରେ ଏଲ୍‌ଟି ଦ୍ୱାରା ନିର୍ମିତ ପୋଲର ଉଭୟ ପାର୍ଶ୍ୱର ରାସ୍ତା ସଂଯୋଗୀ କରଣ ସହ ଅନ୍ୟାନ୍ୟ ସରକାରୀ ଠିକା କାମରେ ବାଲି ଓ ମାଟିର ପ୍ରଚୁର ଆବଶ୍ୟକତା ରହିଛି । ଫଳରେ ଠିକାଦାର୍ ମାନେ ସ୍ଥାନୀୟ ଅଂଚଳର ଟ୍ରାକ୍ଟର ଟିପର୍ ଓ ଜେସିବି ମାଲିକଙ୍କ ସହାୟତା ଲୁଡୁଛନ୍ତି । ଏହାର ସୁଯୋଗ ନେଇ ବସ୍ତା ଓ ବାଲିଆପାଳର କିଛି ମାଫିଆ, ଦଲାଲ ବିଭିନ୍ନ ଗ୍ରାମରେ ମୁଖିଆ ଶ୍ରେଣୀର ଲୋକଙ୍କୁ ପ୍ରଭାବିତ କରି ତଥା ଲାଂଚ, ମଦ,ମାଂସ ଭୋଜି ଦେଇ ସରକାରୀ ପୋଖରୀ କୁ ସୁଖେଇ ପ୍ରଚୁର ମାତ୍ରାରେ ମାଟି ବିକ୍ରି କରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଥିବା ଦେଖିବାକୁ ମିଳୁଛି । ଏହି କ୍ରମରେ ବାଲିଆପାଳ ବ୍ଲକ୍ ର ବଳରାମପୁର ଗ୍ରାମ ପଂଚାୟତର କାଳନ୍ଦା ଗ୍ରାମର ଖଦାଳଚିତ୍ ନାମକ ସରକାରୀ ପୋଖରୀରୁ ଅନ୍ୟୁନ ୨୦୦୦ ଡମ୍ପର ମାଟି ବିକ୍ରି ସରିଥିବା ବେଳେ ପାର୍ଶ୍ୱବର୍ତୀ ଅନ୍ୟ ଏକ ସରକାରୀ ପଡ଼ିଆରୁ ଅଦ୍ୟାବଧି ବେଆଇନ୍ ମାଟି ଖୋଳି ଠିକାଦାରଙ୍କୁ ବିକ୍ରି ଚାଲିଛି । ସେହିପରି ସେହି ବଳରାମପୁର ପଂଚାୟତର ସୁନାରୁଇ ଗ୍ରାମର ସରକାରୀ ପୋଖରୀ ପାନିଆଁଗଡିଆ ରୁ ବେଆଇନ୍ ମାଟିବିକ୍ରି ବେଳେ ବସ୍ତା, କନିଷ୍ଠ ଖଣି ଅଧିକାରୀ ଦୁଇଟି ଟ୍ରାକ୍ଟରକୁ ମାଟିସହ ବାଲିଆପାଳ ଥାନାରେ ଜିମା ଦେଇଛନ୍ତି । ପୋଖରୀ ଖୋଳି ଗାଁର ଉନ୍ନତି ହେବା କଥା କହି ନିରୀହ ଗାଁ ଲୋକଙ୍କୁ ବୁଝେଇ ଲକ୍ଷ ଲକ୍ଷ ଟଙ୍କାର ମାଟିକୁ ଠିକାଦାର ମାନଙ୍କୁ ବିକ୍ରି କରୁଥିବା ଜଣା ପଡ଼ିଛି । ତେବେ ସବୁଠାରୁ ବଡ଼ କଥା ହେଉଛି ସରକାରୀ ପୋଖରୀରୁ ବେଆଇନ୍ ମାଟି ବିକ୍ରି ପରେ, ପଂଚାୟତ ଓ ବ୍ଲକ୍ ପ୍ରଶାସନ କୁ ହାତବାରିସି କରି ପୋଖରୀଟି ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଶ୍ରମିକଙ୍କ ଦ୍ୱାରା ଖୋଳାଯାଇଥିବା ଦର୍ଶାଇ ପୁଣି ସରକାରୀ ଅର୍ଥକୁ ହଡପ୍ କରିବାର ଯୋଜନା କରାଯାଉଥିବା କିଛି ଗ୍ରାମବାସୀ ନାମ ଗୋପନ ରଖି ଆମ ପ୍ରତିନିଧିଙ୍କ ଠାରେ ପ୍ରକାଶ କରିଛନ୍ତି । ତେବେ ଗତ ଦୁଇଦିନ ତଳେ ବସ୍ତା ବ୍ଲକର ବିଭିନ୍ନ ଅଂଚଳରୁ ୪ଟି ଟ୍ରାକ୍ଟର ସହ ଜେସିବି ମେସିନ୍ ଜବତ କରିଛି ପ୍ରଶାସନ । ବିଗତ ବର୍ଷ ମାନଙ୍କରେ ମଧ ଏମିତି ଅନେକ ସରକାରି ପୋଖରୀକୁ ସଫା କରିବା ପରେ ଏବର୍ଷ ବ୍ୟାପକ ଭାବରେ ଲଘୁ ଖଣିଜ ମାଟି, ବାଲି ଲୁଟ ଚାଲିଛି । ଧରା ପଡ଼ିବା ପରେ ସ୍ଥାନୀୟ ସାମ୍ବାଦିକ ତଥା ସୂଚନା ଦାତାଙ୍କୁ ମାଟି ମାଫିଆଙ୍କ ଦ୍ୱାରା ଧମକ୍ ଦେବା ସହ କନିଷ୍ଠ ଖଣି ଅଧିକାରୀ, ଜିଲ୍ଲା ଖଣି ଅଧିକାରୀଙ୍କୁ ରାଜନୈତିକ ଚାପ ସହ କ୍ଷେତ୍ରରେ ଅନେକ ଗାଳି ଗୁଲଜ କରୁଥିବାର ଖବର ଆସୁଛି ।

# ୩ ଦିନିଆ ମାଦଳ ମହୁରୀ ଉତ୍ସବ ୭ରେ

ବାରିପଦା(ନିପ୍ର): ସ୍ଥାନୀୟ ସହିଦ ସ୍ମୃତି ଭବନରେ ଦୁର୍ଯ୍ୟୋ- ସରସ୍ୱତୀ ସାଂସ୍କୃତିକ ପରିଷଦ ଓ ସୌଖିନ କଳାକାର କ୍ଲବ ଆନୁକୂଲ୍ୟରେ ଚଳିତ ମାସ ୭ ତାରିଖରୁ ୯ ତାରିଖ ମଧ୍ୟରେ ମାଦଳ ମହୁରୀ ଉତ୍ସବ - ୨୦୨୬ ଅନୁଷ୍ଠିତ ହେବାକୁ ଯାଉଅଛି ଓ ପ୍ରଥମ ସନ୍ଧ୍ୟାରେ ଗୁହିରାମ ଜେନାଙ୍କ ନିର୍ଦ୍ଦେଶିତ ନାଟକ 'ମହାବିଭ୍ରାଟ' ଓ ଧନଞ୍ଜୟ ସାହୁଙ୍କ ନିର୍ଦ୍ଦେଶିତ ନାଟକ 'ରାଜଧାନୀରେ କରୋନା ଠକ', ୨ୟ ସନ୍ଧ୍ୟାରେ ଜ୍ଞାନ ପଣ୍ଡାଙ୍କ ନିର୍ଦ୍ଦେଶିତ ନାଟକ 'ଗ୍ରେଟ ନୁଙ୍ଗୁରା' ଓ ମହେଶ ସାହୁଙ୍କ ନିର୍ଦ୍ଦେଶିତ 'ମିଛୁଆ ରାଧୁଆ' ନାଟକ ଏବଂ ଶେଷ ସନ୍ଧ୍ୟାରେ 'ମରୀଚିକାର ଛାଇ' ନାଟକ ଓ ଝୁମର ନୃତ୍ୟର



କାର୍ଯ୍ୟକ୍ରମ ରହିଛି ବୋଲି ସମସ୍ତ ନାଟକର ନାଟ୍ୟକାର ତଥା ମୁଖ୍ୟ ଆୟୋଜକ କ୍ଷୀରୋଦ ବିହାରୀ ସିଟ ଜଣାଇଛନ୍ତି ଓ ଏହି ଅବସରରେ କ୍ଷୀରୋଦ ବିହାରୀ ସିଟଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବାରିପଦାର ବିଶିଷ୍ଟ ଅଭିନେତା, ନିର୍ଦ୍ଦେଶକ ଓ ନାଟ୍ୟ ସଂଗଠକ ପ୍ରମୁଖ ଉପସ୍ଥିତ ରହି ଉତ୍ସବର ସଫଳତା ପାଇଁ ସୁଚିନ୍ତିତ ମତାମତ ଦେଇଥିଲେ ।

# ପାରମ୍ପରିକ ପୋଷାକ ପରିଧାନ ଦିବସ ପାଳିତ

ଜଳେଶ୍ୱର(ନିପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏପ୍ରିଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ପାଳନ ହେଉଛି ଓଡ଼ିଆ ପକ୍ଷ । ଏହି ଓଡ଼ିଆ ପକ୍ଷ ପାଳନର ଦ୍ୱିତୀୟ ଓ ତୃତୀୟ ଦିନ ଅର୍ଥାତ୍ ଏପ୍ରିଲ ୨ ଓ ୩ ତାରିଖକୁ ପାରମ୍ପରିକ ପୋଷାକ ପରିଧାନ ଦିବସ "ଆମ ପୋଷାକ ଆମ ପରିଚୟ" ଦିବସ ଭାବେ ପାଳନ କରାଯାଇଛି । ଏହି ଅବସରରେ ଜଳେଶ୍ୱର ବ୍ଲକ ପକ୍ଷର ସମ୍ମିଳନୀ କକ୍ଷରେ ବିଡ଼ିଓ ଗୌରାଙ୍ଗ ଚରଣ ଘୋଷଙ୍କ ସଭାପତିତ୍ୱରେ ପାରମ୍ପରିକ ପୋଷାକ ପରିଧାନ ଦିବସ ବା "ଆମ ପୋଷାକ ଆମ ପରିଚୟ" ଦିବସ ପାଳନ ସହିତ ଜଳେଶ୍ୱର ବ୍ଲକରେ ବିଭିନ୍ନ ବିଭାଗର ଦକ୍ଷ କାର୍ଯ୍ୟ ପାଇଁ ୫ ବିଭିନ୍ନ ବିଭାଗର ଅଧିକାରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା । ପଂଚାୟତ ସ୍ତରରେ ବିଭିନ୍ନ ରାସ୍ତାଘାଟ ସହିତ ବିଭିନ୍ନ ସିଭିଲ କାର୍ଯ୍ୟରେ ଭଲ ଦକ୍ଷତା ଅର୍ଜନ କରିଥିବା ଜୁନିୟର ଇଞ୍ଜିନିୟର ରବିନ୍ଦ୍ର କୁମାର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିବା ବେଳେ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୋକ୍ତି ଯୋଜନା ବିଭାଗରୁ ଏପିଇଓ ପାୟଲ ସାହୁ, ପିଇଓ ଦିନେଶ ସେଠୀ, ଏଡିଇଓ ରାନୁଶ୍ରୀ ଚନ୍ଦ, ଡିଇଓ ସନ୍ତୋଷ କୁମାର ପଣ୍ଡାଙ୍କୁ ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ଏବଂ ବ୍ଲକ ଅଧକ୍ଷ ମାନସ କୁମାର ଜେନା, ଏବିଡିଓ ସୁଧୀର କୁମାର ସାହୁ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ନିରଞ୍ଜନ ବିଶ୍ୱାଳ, ବ୍ଲକ ଫାଇନାନ୍ସ ଅଫିସର ଜୀବନ କୁମାର ପରିଡ଼ା, ସିପି ସୁଜିତ କୁମାର ଜେନା, ଭାରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବିକ୍ରମ କୁମାର ଜେନା ପ୍ରମୁଖ ଅତିଥିଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସମସ୍ତ ପିଇଓ ଏଡିଇଓ ତଥା ବ୍ଲକର ସମସ୍ତ ଅଧିକାରୀ ମାନେ ପାରମ୍ପାରିକ ପୋଷାକ ପରିଧାନ କରି "ଆମ ପୋଷାକ ଆମ ପରିଚୟ" ଦିବସ ପାଳନ ସହିତ ସମସ୍ତ କାର୍ଯ୍ୟରେ ସଫଳତାର ସହ ସହଯୋଗ କରିଥିଲେ ।

# ମା'ରକ୍ଷାକାଳୀଙ୍କ ବାର୍ଷିକ ପୂଜାରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼

ଧାମନଗର(ନିପ୍ର): ଧାମନଗର ବ୍ଲକ ଦଳାଙ୍ଗ ପଂଚାୟତ ଅଧିନସ୍ତ ରାମେଶ୍ୱରପୁର ଗ୍ରାମରେ ମା'ରକ୍ଷାକାଳୀଙ୍କର ବାର୍ଷିକ ପୂଜା ଅନୁଷ୍ଠିତ ହୋଇଯାଇଅଛି, ପ୍ରତିବର୍ଷ ପରି ଏବର୍ଷ ମଧ ଗୋଟିଏ ଦିନରେ ମା'ଙ୍କ ର ପ୍ରତିମୂର୍ତି ନିର୍ମାଣ କରାଯାଇ ଶନିବାର ରାତ୍ର ୯ ଘଟିକା ସମୟ ଗେଙ୍ଗୁଟି ନଦୀରୁ କଳସ ପୂଜା କରାଯାଇ ଶୋଭାଯାତ୍ରା ରେ ମନ୍ଦିରକୁ ଅଣାଯାଇଥିଲା । ଏଥିରେ ଉକ୍ତ ଗ୍ରାମର ବୀରେନ୍ଦ୍ର କୁମାର ବାରିକ ସଂକଳ୍ପ କରିଥିଲେ ଏହା ପରେ ମା'ଙ୍କ ଚକ୍ଷୁ ଓ ଘଟ ସ୍ଥାପନ କରାଯିବା ସହିତ ପୂଜା ଅର୍ଚ୍ଚନା କରାଯାଇଥିଲା, ରାତ୍ର ୨.୩୦ ସମୟରେ ଏକ ବୁଦା ବଳି ଦିଆଯାଇଥିଲା । ଏହା ସହିତ ୭୦୦ ରୁ ଅଧିକ ବୁଦା କୁ କାନ କଟା ଯାଇ ଉତ୍ସର୍ଗ



କରାଯାଇଥିଲା । ହଜାର ହଜାର ଭକ୍ତଙ୍କ ର ସମାଗମ ହୋଇଥିଲା କେବଳ ଭଦ୍ରକ ଜିଲ୍ଲା ନୁହ ପୋଡ଼ଶି ଜିଲ୍ଲା ସହିତ ପଶ୍ଚିମ ବଙ୍ଗ ରୁ ମଧ ଭକ୍ତ ମାନେ ନିଜର ମାନସିକ ପୂରଣ ହୋଇଥିବାରୁ ଏଠାକୁ ଆସିଥିଲେ । ଧାମନଗର ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଶାନ୍ତି ଶୃଙ୍ଖଳା ରଖିବା ସହିତ କମିଟିକୁ ସମ୍ପୂର୍ଣ ସହଯୋଗ କରିଥିଲେ । ଏହି ପରିପେକ୍ଷୀରେ ମାନ୍ୟବର ଉଚ୍ଚ ଶିକ୍ଷା, ଭାଷା, ସାହିତ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୂରଜ, ସାଂସଦଙ୍କ ପ୍ରତିନିଧି ମନରଞ୍ଜନ ମଲ୍ଲିକ, ଧାମନଗର ବ୍ଲକ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ଧାମନଗର ଏନ ଏ ସି ମନ୍ତ୍ରୀଙ୍କ ପ୍ରତିନିଧି କୈଳାସ ମହାପାତ୍ର ପୂର୍ବତନ ପଂଚାୟତ ସମିତି ଅଧକ୍ଷ ଅଶୋକ କୁମାର ନାୟକ, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ପୂର୍ବତନ ସଭାପତି ଉମେଶ ମହାନ୍ତି, ସ୍ଥାନୀୟ ସରପଂଚ ରଂଜିତ ଯେନା ମା'ଙ୍କୁ ଦର୍ଶନ କରିବା ସହିତ ମା'ଙ୍କୁ ଆଶ୍ରିବାଦ ଭିକ୍ଷା କରିବା ସହିତ ଅଂଚଳ ବାସି ଙ୍କୁ ନିରୋଗ ଓ ଦୁଃଖ ଦୂର ନିମନ୍ତେ ମାଙ୍କୁ ପ୍ରାଥନା କରିଥିଲେ ଉକ୍ତ କାର୍ଯ୍ୟକ୍ରମରେ କମିଟିର ସଭାପତି କ୍ଷେତ୍ରବାସି ବାରିକ, ସମ୍ପାଦକ ରମାକାନ୍ତ ବେହେରା, ଉପଦେଷ୍ଟା କୃଷ୍ଣ ଚନ୍ଦ୍ର ନାୟକ, ସଭ୍ୟ ଭାସ୍କର ମହାପାତ୍ର, ଦାମୋଦର ମହାନ୍ତି, ଭାସ୍କର ଦଳାଇ, ପ୍ରଶାନ୍ତ କୁମାର ବେହେରା, ଅନନ୍ତ ଦଳାଇ, ଧନଞ୍ଜୟ ନାୟକ, ଓ ମା ରକ୍ଷା କାଳୀ ଯୁବକ ସଂଘର ସମସ୍ତ ସଭ୍ୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ, ଦିନ ୨୦ଟା ରୁ ୩ ଟା ପର୍ଯ୍ୟନ୍ତ ହୋମ ଯଂଜ୍ଞ କରାଯାଇଥିଲା । ଶେଷରେ ପୂର୍ଣଆହୁତି ଦିଆଯାଇ ସନ୍ଧ୍ୟାରେ ମା'ଙ୍କ ର ଭସାଣି ଶୋଭାଯାତ୍ରା କରାଯାଇ ଗେଙ୍ଗୁଟି ନଦୀରେ ବିସର୍ଜନ କରାଯାଇଥିଲା । ତେବେ ଅଦିନିଆ ବର୍ଷା ଦାଉ ସାଜିଥିଲା । ବର୍ଷା କୁ ଖାତିରି ନକରି ଭକ୍ତ ମାନେ ମା'ଙ୍କ ଦର୍ଶନ କରିଥିଲେ ।

# ରାଧାନାଥ ଓଡ଼ିଶା ଷ୍ଟେଟ ବ୍ରିଗେଡ ସ୍କୁଲର ବାର୍ଷିକ ଉତ୍ସବ

ସୋର(ନିପ୍ର): ସୋର ବ୍ଲକ ଅନନ୍ତପୁର ରେ ଅବସ୍ଥିତ ରାଧାନାଥ ଓଡିଶା ଷ୍ଟେଟ ବ୍ରିଗେଡ ସ୍କୁଲର ଏକ ବିଂଶ ତମ ବାର୍ଷିକ ଉତ୍ସବ ରେ ବରିଷ୍ଟ ଆଇନଜ୍ଞ ପ୍ରଦୀପ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି ମୁଖ୍ୟ ଅଥିଥି ଭାବରେ ସମାଜସେବି ସୁବ୍ରତ କୁମାର ଧଡ଼ା, ମୁଖ୍ୟବକ୍ତା ଭାବ ରେ ସେବା ନିବୃତ୍ତ ଶିକ୍ଷକ ନିତ୍ୟାନନ୍ଦ କର ସମ୍ମାନିତ ଅତିଥି ଭାବରେ ଅଧ୍ୟାପକ ସୁରଞ୍ଜନ ଦାସ, ବିଦ୍ୟାଳୟ ରେ ପ୍ରଧାନ ଶିକ୍ଷୟତ୍ରୀ ସରସ୍ୱତୀ ମହାପାତ୍ର ଅତିଥି ପରିଚୟ ସହ ବିଦ୍ୟାଳୟର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ ବିଦ୍ୟାଳୟର




ଗୁଣାତ୍ମକ ଶିକ୍ଷାର ବିକାଶ ସହ, ନେତାଜୀ ସୁବାସ ବୋଷ, ଶହୀଦ ବାଜିରାଉତ, ବୀର ସୁରେନ୍ଦ୍ର ସାହାଙ୍କ ଦେଶ ପାଇଁ ଦେଇଥବା ଆତ୍ମ ବଳି ଦାନରେ ଛାତ୍ରଛାତ୍ରୀମାନେ ଅନୁପ୍ରାଣିତ ହେବାକୁ ଅତିଥି ମାନେ ଭାଷଣରେ ମତ ବ୍ୟକ୍ତ କରିଥିଲେ, ସରକାରୀ ସ୍କୁଲର ସୁବିଧା ସୁଯୋଗ ବେସରକାରୀ ବିଦ୍ୟାଳୟ ମାନଙ୍କୁ ପ୍ରଦାନ କରିବାକୁ ମୁଖ୍ୟ ଅତିଥି ତାଙ୍କର ମତ ବ୍ୟକ୍ତ କରି ଥିଲେ । ବିଦ୍ୟାଳୟ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତା ରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ପୁରସ୍କାର ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା, ବିଦ୍ୟାଳୟର କୁନି କଳାକାରଙ୍କ ଦ୍ୱାରା ନୃତ୍ୟ ସଂଗୀତ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଦର୍ଶକ ମନ ମୋହି ଥିଲେ । ବିଦ୍ୟାଳୟର ପରିଚାଳନା କମିଟି ର ସମ୍ପାଦକ ଚନ୍ଦ୍ରଶେଖର ବାରିକ ଅନ୍ୟ, ସଭ୍ୟ ସଭ୍ୟା ଓ ଶିକ୍ଷକ ଶିକ୍ଷୟତ୍ରୀ ମାନେ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ ଶିକ୍ଷକ ରତିକାନ୍ତ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ ।

No. 24001/5/2627

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମୟୂରଭଞ୍ଜ, ବାରିପଦା
OFFICE OF THE COLLECTOR & DISTRICT MAGISTRATE, MAYURBHANJ, BARIPADA.
Email id: mbjnizarat@gmail.com
No.274/Niz. Date.25.03.2026

SHORT TENDER CALL NOTICE

Sealed proposal in enclosed format are being invited from the Registered Proprietors/ Agencies for providing Comprehensive Facility Management Service (CFMS) for Circuit House, Baripada. The details of information and documents to be furnished are given in the following manner.

Schedule of Events

| SL No. | Activity | Date & Time |
|---|---|---|
| 1 | Publication of Tender | 25.03.2026 |
| 2 | Last Date and Time for Submission of Pre-Bid queries through email | 13.04.2026 |
| 3 | Pre Bid Meeting Date and Time | 15.04.2026 (10.30AM) |
| 4 | Upload of Pre Bid Clarification Date and Time | 20.04.2026 (10.30AM) |
| 5 | Last Date and Time of submission of Bid | 27.04.2026 (10.30AM) |
| 6 | Technical Bid Opening Date and Time | 28.04.2026 (10.30AM) |
| 7 | Financial Bid Opening Date and Time | 30.04.2026 (10.30AM) |

Interested bidders may download the tender documents from the Mayurbhanj District portal i.e. www.mayurbhanj.odisha.gov.in and submit the duly filled bids must be sent by the stipulated period by Speed Post/ Registered Post in the address of Additional District Magistrate, Mayurbhanj.
The last date for submission of Bid is dt.27.04.2026.

Sd/-
Collector & District Magistrate,
Mayurbhanj

OIPR. 24001/24058/1/26-27/0001











ଦୁଃଖରୁ ମୁକ୍ତି ପାଇବାର ଏକମାତ୍ର ପନ୍ଥା ହେଉଛି ନିଜେ ସବୁ ବେଳେ କର୍ମରତ ରହିବା

# ଆଜିକାଲି



*ଯେଷାମର୍ଥେକାଙ୍କ୍ଷିତଂ ନୋ ରାଜ୍ୟଂ ଭୋଗାଃ ସୁଖାନି ଚ*
*ତ ଇମେଽବସ୍ଥିତା ଯୁଦ୍ଧେ ପ୍ରାଣାଂସ୍ତ୍ୟକ୍ତ୍ୱା ଧନାନି ଚ ॥*
*(ଶ୍ରୀମଦ୍ ଭଗବଦ୍ ଗୀତା)*

*ଭାବାର୍ଥ : ଆମେ ଯେଉଁମାନଙ୍କ ପାଇଁ ରାଜ୍ୟ, ଭୋଗ ଓ ସୁଖାଦି ଅଭିଳାଷ କରୁଛୁ, ଦେଖନ୍ତୁ ଏହି ଠାରେ ସେହିମାନେ ତ ଧନ ଓ ଜୀବନର ଆଶା ଛାଡ଼ି ଯୁଦ୍ଧ କରିବାକୁ ଠିଆ ହୋଇଛନ୍ତି ।*

## ଘାତକ ଜଳବାୟୁ ପରିବର୍ତ୍ତନ

ବିଶ୍ୱ ଜଳବାୟୁ ପରିବର୍ତ୍ତନ ଏବଂ ତାପମାତ୍ରା ବୃଦ୍ଧି ପ୍ରଭାବରେ ଭାରତରେ ପ୍ରତକୂଳ ପାଣିପାଗ ଜନସାଧାରଣଙ୍କ ପାଇଁ ଘାତକ ସାଜିଛି । ଯାହାର ପ୍ରଭାବରେ ୧୯ବର୍ଷ ମଧରେ ଅର୍ଥାତ ୨୦୦୧ ରୁ ୨୦୧୯ ମଧରେ ହଜାରରୁ ଅଧିକ ଲୋକଙ୍କ ଜୀବନ ଯାଇଛି । ଭାରତୀୟ ପାଣିପାଗ ବିଭାଗ ଏବଂ ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋର ତଥ୍ୟକୁ ଏନେଇ ଦେଶର ଏକ ମର୍ଯ୍ୟଦା ସମ୍ପନ୍ନ ବିଶ୍ୱବିଦ୍ୟାଳୟ ତରଫରୁ କରାଯାଇଥିବା ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ଅସ୍ୱାଭାବିକ ଜଳବାୟୁ ପରିବର୍ତ୍ତନ ତଥା ପ୍ରଚଣ୍ଡ ପ୍ରବାହ ଏବଂ ମାତ୍ରାଧିକ ଶୀତ ଲହରି କେବଳ ଜୀବନ ନେଉନାହିଁ, ଜନଜୀବନକୁ ଏକ ପ୍ରକାର ବିପର୍ଯ୍ୟସ୍ତ କରି ଦେଇଛି । ସର୍ଭେ ରିପୋର୍ଟ ଅନୁଯାୟୀ ୨୦୦୧ରୁ ୨୦୧୯ ମଧରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ସହ ଅଂଶୁଘାତରେ ୧୯ ହଜାର ୬୯୩ ଜଣଙ୍କ ଜୀବନ ଯାଇଥିବାବେଳେ ମାତ୍ରାଧିକ ଥଣ୍ଡା ତଥା ଶୀତ ଲହରି ଯୋଗୁଁ ୧୫ ହଜାର ୧୯୭ ଜଣଙ୍କ ମୃତ୍ୟୁ ଘଟିଥିଲା । ସେହିପରି ଓଡିଶା, ଆନ୍ଧ୍ରପ୍ରଦେଶର, ଉତରପ୍ରଦେଶ ଓ ପଂଜାବରେ ଗ୍ରୀଷ୍ମ ପ୍ରବାହ ଓ ଅଂଶୁଘାତର ପ୍ରଭାବ ଅଧିକ ରହିଥିବାବେଳେ ଉତରପ୍ରଦେଶ, ପଞ୍ଜାବ, ବିହାର, ରାଜସ୍ଥାନ ଓ ଦିଲ୍ଲୀରେ ମାତ୍ରାଧିକ ଶୀତର ପ୍ରକୋପ ଅନୁଭୂତ ହୋଇଥିଲା । ସେହିପରି ଶକ୍ତି, ପରିବେଶ ଓ ଜଳପରିଷଦ (ସିଇଇଡବ୍ଲୁ) ପକ୍ଷରୁ ହୋଇଥିବା ଆଉ ଏକ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱ ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଦେଶରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସହ ଅନିୟମିତ ପାଣିପାଗ ଦେଖିବାକୁ ମିଳିଛି । ଗୋଟିଏ ଅଂଚଳରେ ଉତାପ ବା ତାପମାତ୍ରା ବଢି ଚାଲିଥିବା ବେଳେ ଅନ୍ୟ ଅଂଚଳରେ ଅପ୍ରତ୍ୟଶିତ ବର୍ଷା ହେଉଛି । ଦେଶରେ ଛଅଟି, ଋତୁ ମଧ୍ୟରୁ ସାଧାରଣତଃ ତିନୋଟି ଗ୍ରୀଷ୍ମ, ବର୍ଷା ଓ ଶୀତକୁ ଲୋକେ ବୁଝୁଥିବାବେଳେ ଏବେ ଋତୁକୁ ବୁଝିବା ଏକ ଦୁରୁହ ବ୍ୟାପାର ହୋଇଛି । ଆହୁରି ମଧ ଦେଶର କେତେକ ଅଂଚଳରେ ଅସ୍ୱାଭାବିକ ଭାବେ ଦିନର ତାପମାତ୍ରା ବୃଦ୍ଧି ପାଉଥିବାବେଳେ ଆଉ କେତେକ ଅଂଚଳରେ ରାତ୍ରିର ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ୨୦୧୨ରୁ ୨୦୨୨ ମଧରେ ଦେଶର ପ୍ରାୟ ୭୦ ପ୍ରତିଶତ ଜିଲ୍ଲାରେ ପ୍ରତି ଗ୍ରୀଷ୍ମ ଋତୁରେ ୫ରୁ ଅଧିକ ଉଷ୍ମ ରାତି ଅନୁଭୂତ ହୋଇଛି । ୨୮ ପ୍ରତିଶତ ଜିଲ୍ଲାରେ ଦିନର ତାପମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଥିବାବେଳେ ମୁମ୍ବାଇରେ ଗତ ଦଶନ୍ଧିରେ ପୂର୍ବ ୩ ଦଶନ୍ଧି ତୁଳନାରେ ପ୍ରତି ଗ୍ରୀଷ୍ମ ଋତୁରେ ୧୫ଦିନ ଉତପ୍ତ ରାତି ଅନୁଭବ କରିଥିବାବେଳେ ଜୟପୁର, ଚେନ୍ନାଇ, ଭୁବନେଶ୍ୱର ଆଦି ସହରରେ ୭ରୁ ୧୦ ରାତିରେ ଅତ୍ୟଧିକ ଉତାପ ଅନୁଭବ କରିଥିଲେ । ତେବେ ସବୁଠାରୁ ଚିନ୍ତାଜନକ ପ୍ରସଙ୍ଗ ହେଉଛି, ଦେଶରେ ୫୭ ପ୍ରତିଶତ ଜିଲ୍ଲା ପ୍ରଚଣ୍ଡ ଗ୍ରୀଷ୍ମପ୍ରବଣ, ଯେଉଁଠାରେ ଦେଶର ୭୬ପ୍ରତିଶତ ଅର୍ଥାତ ୧୧୦ କୋଟିରୁ ଊର୍ଦ୍ଧ୍ୱ ଲୋକବାସ କରନ୍ତି । ଏହି ଅଂଚଳ ମଧରେ ୧୦ଟି ରାଜ୍ୟ ତଥା ଆନ୍ଧ୍ରପ୍ରଦେଶ, ଗୋଆ, କେରଳ, ମହାରାଷ୍ଟ, ଗୁଜରାଟ, ରାଜସ୍ଥାନ, ଓଡିଶା, କର୍ଣ୍ଣାଟକ, ତାମିଲନାଡୁ ଓ ଉତରପ୍ରଦେଶ ସର୍ବାଧିକ ତାପ-ବିପଦପ୍ରବଣ ରହିଛି । ଆମ ରାଜ୍ୟର ଭୁବନେଶ୍ୱର ତଥା ଖୋର୍ଦ୍ଧା ଜିଲ୍ଲା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ତାଲିକାରେ ରହିଛି । ଏହା ବ୍ୟତୀତ ରାଜ୍ୟର କଟକ, ପୁରୀ, ଢେଙ୍କାନାଳ, ନୟାଗଡ, ଗଂଜାମ, ଗଜପତି, ଯାଜପୁର, ଭଦ୍ରକ, ବାଲେଶ୍ୱର, ଭଦ୍ରକ, ବାଲେଶ୍ୱର, ମୟୁରଭଞ୍ଜ, ବରଗଡ, ବଲାଙ୍ଗୀର, ନବରଙ୍ଗପୁର, ସମ୍ବଲପୁର ଏବଂ ଝାରସୁଗୁଡା ଉଚ୍ଚ ଗ୍ରୀଷ୍ମପ୍ରବଣ ଅଂଚଳରେ ରହିଛି । ଏହି ଜିଲ୍ଲାଗୁଡିକ ବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲା ମଧ୍ୟମ ବିପଦ ତାଲିକାରେ ରହିଛି । ସେହିପରି ସର୍ଭେ ପରିସରଭୁକ୍ତ ଥିବା ଦେଶର ୭୩୪ଟି ଜିଲ୍ଲା ମଧରୁ ୪୧୭ଟି ଜିଲ୍ଲା ଉଚ୍ଚ ଓ ଅତ୍ୟନ୍ତ ଉଚ୍ଚ ବିପଦ ବର୍ଗରେ ରହିଥିବା ରିପୋର୍ଟରେ କୁହାଯାଇଛି । ଦେଶର ବିଭିନ୍ନ ଅଂଚଳରେ ଗ୍ରୀଷ୍ମ ପ୍ରବାହ, ଅନିୟମିତ ବର୍ଷା ଏବଂ ପ୍ରବଳ ଶୀତ ଲହରି କେବଳ ଜନଜୀବନକୁ ଠପ କରିନାହିଁ, ଲୋକଙ୍କ ଆର୍ଥୀକ ସ୍ଥିତିକୁ ମଧ ବିପର୍ଯ୍ୟସ୍ତ କରିଦେଉଛି । ଜୀବନ ସହ ଧନ ସମ୍ପତି କ୍ଷୟକ୍ଷତି ହେଉଛି । ଖରା, ବର୍ଷା ଓ ଶୀତ ପ୍ରଭାବରେ ଲୋକେ ଘରୁ ବାହାରି ପାରୁ ନଥିବା ବହୁ ଚାଷ, ବାସ ଓ ଶ୍ରମ କ୍ଷତି ବଢିଚାଲିବା ସହ ଆର୍ଥୀକ ବିପର୍ଯ୍ୟାୟର ସମ୍ମୁଖୀନ ହେଉଛନ୍ତି । ଆହୁରି ମଧ ମଣିଷର ସ୍ୱାସ୍ଥ୍ୟ ଉପରେ ଗମ୍ଭୀର ପ୍ରଭାବ ପକାଉଛି । ବିଶେଷକରି ବୃଦ୍ଧ, ବାହ୍ୟ ଶ୍ରମିକ, ପିଲା, ଉଚ୍ଚ ରକ୍ତଚାପ ଓ ମଧୁମେହ ଭଳି ରୋଗରେ ପିଡିତ ଲୋକଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଛି । ଉଲ୍ଲେଖଯୋଗ୍ୟ ଯେ, ଦେଶର ନୀତି ନିର୍ଦ୍ଧାରକମାନେ ପରିସ୍ଥିତିକୁ ଦେଖି ଏହାର ନିୟନ୍ତ୍ରଣ ପାଇଁ କ୍ରିୟାନୁଷ୍ଠାନ କରିଥାନ୍ତି । କିନ୍ତୁ ଏବେ ଯେପରି ଜଳବାୟୁ ପରିବର୍ତନ ପ୍ରଭାବରେ ପାଣିପାଗରେ ଅନିୟମିତତା ବୃଦ୍ଧି ପାଇବାରେ ଲାଗିଛି, ତାହାର ମୁକାବିଲା ପାଇଁ ଦୀର୍ଘମିଆଦି ଭିତିରେ ଜରୁରୀକାଳୀନ ପଦକ୍ଷେପ ଗ୍ରହଣ କରିବେ ବୋଲି ଆଶା କରାଯାଏ ।

## ଜଙ୍ଗଲ ସୁରକ୍ଷା - ଜୀବନ ରକ୍ଷା

◆ ଅକ୍ଷୟ କୁମାର ରାଉତ

ଇଶ୍ୱରଙ୍କ ସୃଷ୍ଟି ସୁନ୍ଦର ପ୍ରକୃତି , ତାର ପଚଂଭୂତ ,ଜଳ ,ସ୍ଥଳ, ବାୟୁ , ପ୍ରାଣୀ ,ଉଦ୍ଭିଦ ଜଗତ ଆଦିଙ୍କ ସମଷ୍ଟିରେ ଆମର ପରିବେଶ । କେତେ ବେଳେ ଗ୍ରୀଷ୍ମର ରୌଦ୍ର ପଚଣ୍ଡତା ତ ମେଘର ମନ୍ଦ୍ରଧ୍ୱନି , ଶରତ ର ଶୁଭ୍ର ଶୋଭାତ ତ ହେମନ୍ତ ର କାକର , ଶୀତର ଶୀତଳତା ଓ ରିତୁରାଜ ବସନ୍ତ ର ମଳୟ ପବନ ବହି ଆଣେ କୋଇଲିର କୁହୁକୁହୁ ତାନ , ଷଡ଼ରିତୁ ଲୀଳା ରେ ପ୍ରକୃତି ର ଜୟଗାନ । ପ୍ରାକୃତିକ ସୁଷମା ର ଦିଗନ୍ତ ବିସ୍ତାରୀ ଶସ୍ୟକ୍ଷେତ୍ର , ତରଙ୍ଗ ଶୋଭିତ ନଦୀ ସକଳ , ଘନବନାନୀ ଆଚ୍ଛାଦିତ ନଭଶ୍ଚୁମ୍ବୀ ପର୍ବତମାଳା , ହଂସ କାରଣ୍ଡକ ଆଦି ବିହଙ୍ଗମ ଶୋଭିତ ହ୍ରଦ ଓ ହ୍ରଦ ତୀର , ଆମ୍ର , ନାରୀକେଳ ପଣସାଦି ବୃକ୍ଷ ପରିପୂର୍ଣ୍ଣ ମାଳ ମାଳ ତୋଟା , ଖଜୁରୀ ଆଦି ବୃକ୍ଷ ଶୋଭିତ ପଥପାର୍ଶ୍ୱ , ଘନସନିବିଷ୍ଟ ତୃଣରାଜି ଓ ସବୁଜ ଦ୍ରୁମଲତା ପରିଶୋଭିତ ପ୍ରକୃତି ର ଏକ ନୟନାଭିରାମ ଦୃଶ୍ୟ । ମାତ୍ର ଜନ ସଂଖ୍ୟାର ଅଭିବୃଦ୍ଧି , କଳକାରଖାନା ମାନଙ୍କ ର ଅବିଶ୍ୱାସନୀୟ ପ୍ରଗତି ଫଳରେ ଆମର ଏଇ ସୁନ୍ଦର ପ୍ରାକୃତିକ ପରିବେଶ ଆଜି ବିପର୍ଯ୍ୟୟ ଶିଳ୍ପ ସଂସ୍ଥା ମାନଙ୍କ ଦ୍ୱାରା ମାଟି , ବାୟୁ ,ଜଳ ,ଶବ୍ଦ ପ୍ରଦୂଷଣ ସାଧାରଣ ଜୀବନ ପ୍ରଣାଳୀରେ ଅନେକ ସମସ୍ୟା ସୃଷ୍ଟି କରିଛି । ସେଥିପାଇଁ ଆଜିର ଜୀବ ଜଗତ .ମନୁଷ୍ୟ ଅନେକ ମହାମାରୀ ଓ ମାରାତ୍ମକ ରୋଗର ଶିକାର ହେଉଛି । ମନୁଷ୍ୟ ର ଉଗ୍ର ଆଧୁନିକବାଦ ଓ ବେପରୁଆ ଆଣବିକ ବିସ୍ଫୋରଣ ପ୍ରକୃତି ର ସୌନ୍ଦର୍ଯ୍ୟ ନଷ୍ଟ ଓ ଜଙ୍ଗଲ ର ଧ୍ୱଂସ । ଏହି ଅବକ୍ଷୟ ପ୍ରକୃତି କୁ ରକ୍ଷା ପାଇଁ ପୂର୍ବ ଯୁଗରେ ପଚଂଭୂତ ର ପୂଜା ସଙ୍ଗେ ସଙ୍ଗେ ରାଜା ମହାରାଜା ମାନେ ଅଭୟା ଅରଣ୍ୟ କରୁଥିଲେ । ଆଦିମ ମଣିଷ ତାର ବୃକ୍ଷ ପୂଜା କୁ ଆମ ସଂସ୍କୃତି ର ମହାନ ଅଙ୍ଗ ରୂପେ ଧରି ନେଇଥିଲା । ପ୍ରଳୟ ସମୟରେ ଶୁକ୍ଲାମ୍ବର ବିଷ୍ଣୁ ବଟପୁଟ ଉପରେ ଶୟନ କରିଥିଲେ । ସେଥିପାଇଁ ବଟବୃକ୍ଷ କୁ ଆଦ୍ୟ ବୃକ୍ଷ ବୋଲି କୁହାଯାଏ । ହରିବଂଶ ପୁରାଣରେ ଅଚ୍ୟୁତାନନ୍ଦ ବୃକ୍ଷ ପୂଜା ର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି । ମାହାପୁରୁଷ ଅଚ୍ୟୁତାନନ୍ଦ ଅକ୍ଷୟବଟ ମୂଳରେ ସିଦ୍ଧି ଓ ଶୂନ୍ୟ



ସମାଧି ନେଇଛନ୍ତି । ଅଶ୍ୱତ୍ ବୃକ୍ଷ ମୂଳରେ ବୁଦ୍ଧଦେବ ଦିବ୍ୟଜ୍ଞ୍ୟାନ ଲାଭ କରିଥିଲେ । ପ୍ରତ୍ୟେକ ଜୈନ ତୀର୍ଥଙ୍କର ଗୋଟିଏ ଲେଖାଏଁ ଦିବ୍ୟତରୁ ମୂଳରେ ତପସ୍ୟାରତ ହୋଇ ଜ୍ଞାନ ପ୍ରାପ୍ତ ହୋଇଥିଲେ । ଜୈନ ଶାସ୍ତ୍ର ମତରେ ବଟ, ସପ୍ତପର୍ଣ୍ଣ ,ଶାଳ, ପ୍ରିୟଙ୍ଗୁ ,ଶିରିଷ , ନାଗକେଶର . ତମ୍ବୁର , ପାଟଳିକ ,ଜାମୁ ଅଶ୍ୱତଥ , ଦଧିପର୍ଣ୍ଣ , ନନ୍ଦୀବୃକ୍ଷ, ତୀଳକ ତରୁ ,ଚୂତ ,ଅଶୋକ , ଚମ୍ପକ , ବକୁଳ ଆଦି ବୃକ୍ଷକୁ ବିଭିନ୍ନ ଜୈନ ତୀର୍ଥଙ୍କର ସହିତ ଅବତାରଣା କରା ଯାଇଛି । ଉଦୟଗିରି ଓ ଖଣ୍ଡଗିରିରେ ବୃକ୍ଷ ପୂଜାର ପାରମ୍ପରା ବର୍ଣ୍ଣନା କରାଯାଇଛି । ନବକଳେବରରେ ନିମ୍ବବୃକ୍ଷ ରୁ ଦାରୁ ଦେବତା ଓ ଦେବୀ ଦୁର୍ଗା ପୂଜାରେ ନବପତ୍ରିକା ପ୍ରଚଳନ ବୃକ୍ଷ ପୂଜା କୁ ଆହୁରୀ ଋଦ୍ଧି ମନ୍ତ କରିଥାଏ , ତୁଳସୀ ହେଉ କି ଚନ୍ଦନ ହେଉ କି କଳସୀ ପୂଜାର ପଚଂପଲ୍ଲବ କି ଖମ୍ବେଶ୍ୱରୀ ଦେବୀ ପୂଜା ହେଉ କି ସବୁତ ବୃକ୍ଷ । ପ୍ରତି ବୃକ୍ଷଲତା ଗୋଟିଏ ଗୋଟିଏ ଦେବତା ଙ୍କର ପ୍ରତିନିଧି ରୂପେ ପୂଜା ପାଇଥାଆନ୍ତି । ଇନ୍ଦ୍ର ଦେବତାଙ୍କ ର ଖାଣ୍ଡବବନ , ରାବଣର ଅଶୋକ ବାଟିକା , ବାଳିର ମଧୁବନ, ଶ୍ରୀକୃଷ୍ଣଙ୍କର ଗିରିଗୋବର୍ଦ୍ଧନ ପୂଜା ସବୁ ତ ବନ ମହୋତ୍ସବ । ତେଣୁ ସାରା ଦେଶରେ ସରକାର ୧୯୫୦ ମସିହା ଠାରୁ ପ୍ରତି ଜୁଲାଇ ୧ ତାରିଖ ରୁ ୭ ତାରିଖ ପ୍ରର୍ଯ୍ୟନ୍ତ ବନ ମହୋତ୍ସବ ପାଳନ କରି ଆସୁଛନ୍ତି । ଆମ ପରିବେଶ ଓ ପ୍ରାଣୀ ଜଗତ କୁ ସୁସ୍ଥ ନିରାମୟ ରଖିବାରି ବୃକ୍ଷଲତା ଏକ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ଜଳଚକ୍ରର ପ୍ରମୁଖ ଭୂମିକା ଗ୍ରହଣ କରନ୍ତି ଆମ ଚତୁଃପାର୍ଶ୍ୱରେ ଥିବା ବୃକ୍ଷ ଲତା ମାନେ । ଆକଶରୁ ମେଘକୁ ବର୍ଷା କରାଇବାରେ ଏବଂ ପ୍ରାଣୀଜଗତ ପାଇଁ ବିରଳ ଔଷଧ ପ୍ରସ୍ତୁତ କରିବାରେ ବୃକ୍ଷଲତା ମାନଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ । ତେଣୁ ବୃକ୍ଷ ଆଦିମ କାଳରୁ ମଣିଷର ପରମମିତ୍ର । ଆଗ କାଳେ ଯିଏ ଘର ଟି କରୁଥିଲା ସେ ପ୍ରଥମେ ଶୁଭବୃକ୍ଷ ତୁଳସି , ଗୁଆ ,କଦଳୀ , ବେଲ ,ନଡ଼ିଆ ଆଦି ବୃକ୍ଷ ଲଗାଉଥିଲା । ଘରର ଅନତି ଦୂରରେ ବଜ୍ରପାତ ରୁ ରକ୍ଷା ପାଇଁ ତାଳଗଛ ଲଗା ଯାଉଥିଲା । ଗ୍ରହଦୋଷ ନିବାରଣ ନିମନ୍ତେ ବିଭିନ୍ନ ବୃକ୍ଷ ର ସାହାଯ୍ୟ ଆଦିମ ଅଧିବାସୀ ମାନେ ନେଉଥିଲେ । କିନ୍ତୁ ବର୍ତମାନ ପରିବେଷ ଅସନ୍ତୁଳନ ରେ ମାନବଜାତି ଅତିଷ୍ଠ ହୋଇ ପଡ଼ିଛି । ବଣଜଙ୍ଗଲ ଘେରା ଦେଶ ଆଜି ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ଆମ କେନ୍ଦ୍ର ଓ ରାଜ୍ୟ ସରକାର ବନ ମାନଙ୍କର ସୁରକ୍ଷା ନିମନ୍ତେ ଅନେକ ପଦକ୍ଷେପ ହାତକୁ ନେଇଛନ୍ତି । ବୃକ୍ଷଲତା ମାନଙ୍କ ର ଉଚିତ୍ ଦେଖାଶୁଣା ତଥା ରକ୍ଷଣବେକ୍ଷଣ ନିମନ୍ତେ ଏହି ବନଦିବସ ବା ବନ ମହୋତ୍ସବ ସର୍ବତ୍ର ପାଳନ କରା ଯାଉଛି । ବୃକ୍ଷକଟା ଓ ଜୀବଜନ୍ତୁ ଶିକାର ଉପରେ ସରକାରି କଟକଣା ରହିଛି । ସରକାର ଙ୍କ ସାମାଜିକ ବନ ଯୋଜନା ଏକ ମହତ୍ୱପୂର୍ଣ୍ଣ ଯୋଜନା ଅଟେ । ଏହି ଯୋଜନା ପରିବେଶର ସୁରକ୍ଷା ସହିତ କିଛିଟା ବେକାରୀ ସମସ୍ୟା ଦୂର କରି ପାରୁଛି । ବନମହୋତ୍ସବ ସଫଳ ହେଲେ ସବୁଜ ସୁନ୍ଦର ଧରା ହସି ଉଠିବ

*କଲେ ଆମେ ମିଶି ଜଙ୍ଗଲ ସୁରକ୍ଷା*
*ଜୀବ ଜଗତ ସର୍ବେ ହୋଇବେ ରକ୍ଷା*

*ପାରାଦ୍ୱୀପ ଗଡ଼ ,*
*କୁଜଙ୍ଗ, ଜଗତସିଂହପୁର,*
*୯୯୩୭୬୯୧୪୭୫.*

## କର୍ମ ହିଁ ଭଗବାନ

◆ ବିଚିତ୍ରାନନ୍ଦ ପ୍ରଧାନ

ବିହିତ କର୍ମ କରିବା ଏକ ସୁମହତ ଓ ବାଞ୍ଛନୀୟ ସୁଗୁଣ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ଏହାର ଉପକାରିତା ଅଶେଷ । ଯେ କର୍ତବ୍ୟ କରନ୍ତି ଓ ଯାହାଙ୍କ ପ୍ରତି କର୍ତବ୍ୟ କରାଯାଏ ଏଥିରେ ଉଭୟେ ଉପକୃତ ହୁଅନ୍ତି । କର୍ମମୟ ଜୀବନ ମଧରେ କେଉଁ କର୍ମ କରଣୀୟ ଓ କେଉଁଟି ଅକରଣୀୟ ତାହା ଶାସ୍ତ୍ରରେ ଉଲ୍ଲେଖ ହୋଇ ରହିଅଛି । ସୁକର୍ମ ଶୃଙ୍ଖଳାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଏଥିରେ ଆଳସ୍ୟ ଓ ଅବହେଳାର ସ୍ଥାନ ନାହିଁ । ଏହାର ମହୋପକାରିତା ସର୍ବବାଦୀ ସମ୍ମତ । ମନୁଷ୍ୟର କର୍ତବ୍ୟ ସର୍ବଦା ନୈତିକ ଭିତି ଉପରେ ପ୍ରତିଷ୍ଠିତ ଥିବାରୁ ତାହା ସମାଜ ଓ ଦେଶ ପାଇଁ କଲ୍ୟାଣକାରୀ ହୋଇଥାଏ । ଏହାଦ୍ୱାରା ମନୁଷ୍ୟର ଚିତ ଓ ହୃଦୟ ନିର୍ମଳ ଆନନ୍ଦରେ ଭରି ଉଠେ ଓ ମୁଖ ମଣ୍ଡଳରେ ଦିବ୍ୟ ଜ୍ୟୋତିର ଆହ୍ଲାଦ ପ୍ରସ୍ଫୁଟିତ ହୁଏ । ଯାହା ପ୍ରତି ନିଷ୍ଠାର ସହ କର୍ତବ୍ୟ କରାଯାଏ । ସେ ମଧ ଅସରା ଆନନ୍ଦରେ ଉଦବେଳିତ ହୋଇଉଠେ । ଦେଶର ପ୍ରତ୍ୟେକ ବ୍ୟକ୍ତି କର୍ତବ୍ୟ ପରାୟଣ ହେଲେ ଦେଶ ଓ ଜାତି ଅବିଳମ୍ବେ ଋଦ୍ଧିମନ୍ତ ହୋଇ ଉଠିବ । ଭୂପୃଷ୍ଠରେ ଥିବା ବିଭିନ୍ନ ଦେଶ ପରସ୍ପର ମଧରେ ସୁସମ୍ପର୍କ ରକ୍ଷା କରି ନ୍ୟାୟୋଜିତ କର୍ମ କଲେ ପୃଥିବୀରୁ ଯୁଦ୍ଧ, ବିଗ୍ରହର ଭୟ ଅନ୍ତର୍ହିତ ହୋଇଯିବ ଓ ଦେଶ ଦେଶ ମଧରେ ବନ୍ଧୁତ୍ୱର ଭାବ ପ୍ରରିପ୍ରକାଶ ହୋଇପାରିବ । ସୁକର୍ମର ଉପକାରିତା ପ୍ରତ୍ୟେକ କ୍ଷେତ୍ରରେ ଶାନ୍ତି ପ୍ରତିଷ୍ଠା କରିଯାଏ ଓ ଜୀବନରେ ସୁଖ ଓ ସମୃଦ୍ଧି ଭରି ଦେଇଥାଏ । କେବଳ ବ୍ୟକ୍ତି ସମଷ୍ଟି ପ୍ରତି ମନୁଷ୍ୟର କର୍ତବ୍ୟ ରହିଅଛି, ତାହାନୁହେଁ ନିଜ ପ୍ରତି ମଧ ମନୁଷ୍ୟର କର୍ତବ୍ୟ ରହିଅଛି । ତେଣୁ ନିଜର ସ୍ୱାସ୍ଥ୍ୟ, ଶିକ୍ଷା ଓ ନିଜ ଆତ୍ମାର ପବିତ୍ରତା ରକ୍ଷା ପାଇଁ ପ୍ରତି ପ୍ରତ୍ୟେକ ମନୁଷ୍ୟ ସଚେତନ ହେବା ଆବଶ୍ୟକ । ଇଂରାଜୀରେ ପ୍ରବଚନ ଅଛି, ଡ୍ୟୁଟି ଇଜ ଗଡ଼ ଅର୍ଥାତ କର୍ତବ୍ୟ ହିଁ ଭଗବାନ । ଏଥିପାଇଁ ନିଷ୍ଠା ଓ ପବିତ୍ରତା ସହିତ ପ୍ରତ୍ୟେକ କର୍ମ ସମାହିତ କରିବା ବିଧେୟ । ଶ୍ରୀମଦ୍ ଭାଗବତ ପୁରାଣରେ ଶ୍ରୀ ବ୍ୟାସଦେବ ଭକ୍ତି, ଜ୍ଞାନ, ଶରଣାପନ୍ନ ହେବା ପାଇଁ କେତେକ ସୁକର୍ମ



ସୁନିର୍ଦ୍ଧିଷ୍ଟ କରିଯାଇଛନ୍ତି । ତାହାହେଲା ପ୍ରତିଦିନ ଭାଗବତ ପାଠ କରିବା, ଈଶ୍ୱର ଚିନ୍ତନ କରିବା, ତୁଳସୀର ଯତ୍ନ ନେବା, ସୃଷ୍ଟିକର୍ତା ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଶ୍ରୀ ବ୍ୟାସଦେବଙ୍କ ଭାଗବତ ପୁରାଣ ବର୍ଣ୍ଣିତ ଏହି ଚାରିଗୋଟି କର୍ମ ନିତ୍ୟ ନିୟମିତ ଭାବରେ କରିବା ଦ୍ୱାରା ମନୁଷ୍ୟ ଜୀବନ ଧନ୍ୟ ହୁଏ । ମାନସିକ ଶାନ୍ତି ମିଳିଥାଏ । ଦୁଃଖ, କ୍ଳେଷ ଦୂର ହୋଇଯାଏ । ଗୀତାରେ ଭଗବାନ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ କ୍ଷେତ୍ରୀୟ କର୍ମ କରିବାକୁ ବୁଝାଇଥିଲେ । ମହାଭାରତ ଧର୍ମ ଯୁଦ୍ଧରେ କେଉଁ କର୍ମ କରଣୀୟ ଓ କେଉଁ କର୍ମ ଅକରଣୀୟ ତାହା ଉପଦେଶ ମାଧ୍ୟମରେ ଶିକ୍ଷା ଦେଇଥିଲେ ଓ ପରିଶେଷରେ ଅର୍ଜ୍ଜୁନଙ୍କୁ ଜ୍ଞାନ ଶିକ୍ଷା ଦେବା ସମୟରେ ଭଗବାନ ବିଶ୍ୱରୂପ ଦର୍ଶନ କରାଇଥିଲେ । ଏହାପରେ ଅର୍ଜ୍ଜୁନ କର୍ମର ସମସ୍ତ ତତ୍ୱ ଜାଣି ମହାଭାରତ ଯୁଦ୍ଧରେ ଅସ୍ତ୍ର ଧରିବାକୁ ମନସ୍ଥିର କରିଥିଲେ ଓ ଶ୍ରୀକୃଷ୍ଣଙ୍କ କଥିତ ମତେ ରଥରେ ବସି ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇଥିଲେ । ଏହି ଧର୍ମଯୁଦ୍ଧ ଜୟ କରିବାକୁ ଶ୍ରୀକୃଷ୍ଣ ପାଣ୍ଡବ ମାନଙ୍କର ପକ୍ଷ ନେଇଥିଲେ । ମହାଭାରତ ଯୁଦ୍ଧରେ ଧର୍ମର ଜୟ ହୋଇଥିଲା ଓ ପାଣ୍ଡବମାନେ ଜୟ ଲାଭ କରିଥିଲେ । ଏଣୁ ନିଜର ଆପଦ, ବିପଦରୁ ରକ୍ଷା ପାଇଁ ଓ ପରିବାରର ମଙ୍ଗଳ ସାଧନା ପାଇଁ ମନୁଷ୍ୟ ଭଗବାନଙ୍କ ଆଶ୍ରିତ ହୋଇ ମନ ପ୍ରାଣ ଦେଇ ପ୍ରାର୍ଥନା କଲେ ମନୁଷ୍ୟ ମଧରେ ଅପାର ଶକ୍ତି ବୃଦ୍ଧି ପାଏ ଓ କର୍ମ ପ୍ରେରଣା ଜାଗ୍ରତ ହୁଏ । ସମସ୍ତ କର୍ତବ୍ୟ ମଧରେ ପରମପିତା ପରମେଶ୍ୱରଙ୍କର ଅଭିପ୍ରାୟ ନିହିତ । ତେଣୁ ସମର୍ପଣ ଭାବ ନେଇ ବିହିତ କର୍ମ କଲେ, ସୁଫଳ ମିଳିବା ସହିତ ଜୀବନର ସଦଗତି ପ୍ରାପ୍ତି ହେବ । ଏହା ସତ୍ୟ ଯେ ସମସ୍ତ ଜନହିତକର କର୍ମ କରିବାରେ ସର୍ବମୟ ସୃଷ୍ଟିକର୍ତାଙ୍କର ଅଦୃଷ୍ଟ ଅଭୀପସା ରହିଥାଏ । ମନୁଷ୍ୟ ଦୁର୍ନୀତି ଗ୍ରସ୍ତ ହୋଇ କୁକର୍ମ କଲେ ଦେଶରେ ବିଶୃଙ୍ଖଳା ସୃଷ୍ଟି ହେବା ଫଳରେ ନାନା ଅଶାନ୍ତି, ଉପଦ୍ରବ, ଅସାମାଜିକତା ଦେଖାଦେଇଥାଏ । ମନୁଷ୍ୟ ମାନଙ୍କର ବ୍ୟକ୍ତିଗତ ନିରାପତା ସଂଶୟାକୁଳ ହୋଇଥାଏ । ବେଳେ ବେଳେ ବ୍ୟକ୍ତିମାନେ ନିଜ କର୍ତବ୍ୟକୁ ବିନା ଦ୍ୱିଧା ଏଡ଼ି ଦେଇ କର୍ତବ୍ୟ ପରିବର୍ତେ ଅକର୍ତବ୍ୟ ସାଧନ କରିବାରେ ଯତ୍ନଶୀଳ ହୁଅନ୍ତି । ବହୁ ସମୟରେ ମନୁଷ୍ୟ ଆଳସ୍ୟ ପରାୟଣ ହୋଇ କୌଣସି କର୍ମ କରିବାକୁ ଅନିଚ୍ଛା ପ୍ରକାଶ କରିଥାଏ । କର୍ମ ନକଲେ ମନୁଷ୍ୟ ନିଜେ ଆତ୍ମନିର୍ଭରଶୀଳ ହୋଇପାରେ ନାହିଁ । ଅନ୍ୟର କର୍ମରେ ସେ ନିର୍ଭରଶୀଳ ହୋଇଥାଏ । କର୍ମ ବିମୁଖ ବ୍ୟକ୍ତିମାନଙ୍କ ସଂଖ୍ୟା ଦେଶରେ ବୃଦ୍ଧି ହେଲେ ଦେଶର ପ୍ରଗତି ଓ ବିକାଶ ବାଧାପ୍ରାପ୍ତ ହୁଏ । ମନୁଷ୍ୟ କର୍ମ କରିବା ସମୟରେ ମନ ମଧରେ ଦୃଢ଼ତା ଓ ରୂଢ଼ତା ପରିହାର କରିବା ଉଚିତ । ନିଜର କର୍ତବ୍ୟ ଓ କର୍ମକୁ ନିରାପଦ ରଖିବା ନିମିତ ବୁଦ୍ଧି ଓ କୌଶଳ ଆବଶ୍ୟକ । ବିଶିଷ୍ଟ ବ୍ୟକ୍ତି ଓ ମହାପୁରୁଷ ମାନଙ୍କ ଜୀବନୀ ଆଲୋଚନା କଲେ ଆମେ ଜାଣିପାରିବା ଯେ ସେମାନେ ବାଲ୍ୟ କାଳରୁ କର୍ତବ୍ୟ ପରାୟଣ ଥିଲେ ଏବଂ ତାହା ହିଁ ସେମାନଙ୍କର ଭବିଷ୍ୟତ ଉନ୍ନତିର ସର୍ବପ୍ରଧାନ ସମ୍ବଳ ଥିଲା । ଏଣୁ ସାଧାରଣ ଜୀବନ ଯାତ୍ରାରେ ପ୍ରତ୍ୟେକ ବ୍ୟକ୍ତି ନିଜର କର୍ତବ୍ୟ ବୁଝି ସେହି ଅନୁଯାୟୀ କର୍ମ କରିବା ବାଞ୍ଛନୀୟ । କର୍ତବ୍ୟ ପରାୟଣ ଭଳି ଅନୁପମ ସୁଗୁଣର ଅଭ୍ୟାସ କରି ପାରିଲେ ନିଜର ବ୍ୟକ୍ତିଗତ ଉନ୍ନତି କରିବା ସଙ୍ଗେ ସଙ୍ଗେ ଦେଶ, ଜାତି ଓ ସମଗ୍ର ମନୁଷ୍ୟ ସମାଜର ହିତ ସାଧନ ହୋଇପାରିବ । ମନୁଷ୍ୟ ମାନଙ୍କର ବ୍ୟକ୍ତିଗତ ନିରାପତା, ଶିଳ୍ପ, ବାଣିଜ୍ୟ, ସାହିତ୍ୟ ଓ ଦର୍ଶନ କଳା ଓ ବିଜ୍ଞାନର ଅଗ୍ରଗତି ସହିତ ଦେଶର ପ୍ରଗତି ଓ ବିକାଶ ହୋଇପାରିବ । କର୍ତବ୍ୟ ପରାୟଣତା ଦ୍ୱାରା ବ୍ୟକ୍ତିର ଶାରୀରିକ, ମାନସିକ ଓ ନୈତିକ ଉନ୍ନତି ହୋଇଥାଏ । ସମଭାବାପନ୍ନ ମହତ କର୍ମ କରିବା ଦ୍ୱାରା ଦେଶରେ ଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠା ହେବାରେ ସହାୟକ ହୋଇଥାଏ ।

*ପ୍ଲଟ ନଂ ୩ଇ/୫୦୯, ସେକ୍ଟର-୯, ସି.ଡି.ଏ କଟକ- ୯୯୩୭୨୨୪୦୮୫*

## ଯୁବନୀତିରେ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ

◆ ଯଶସ୍ୱିନୀ ପଟ୍ଟନାୟକ

ଓଡ଼ିଶାର ଲୋକପ୍ରିୟ ସରକାର ଛାତ୍ରଛାତ୍ରୀଙ୍କ ବିବିଧ କଲ୍ୟାଣ ପାଇଁ କାର୍ଯ୍ୟ କରୁଛନ୍ତି । ସେମାନଙ୍କ ପାଠପଢ଼ା ସହ ନିଜକୁ ସୁରକ୍ଷିତ ରଖିବା ସହ ସାମାଜିକ ସୁରକ୍ଷା ଦାୟିତ୍ୱର ଆହ୍ୱାନକୁ ଗ୍ରହଣ କରି ଆତ୍ମରକ୍ଷା କୌଶଳ ତାଲିମ ଦେବାର ବ୍ୟବସ୍ଥା ମଧ ହୋଇଛି । ନିକଟରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅନ୍ତର୍ଗତ ଉଭୟ ସରକାରୀ ଓ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟର ପ୍ରଥମ ବର୍ଷର ଛାତ୍ରୀ ମାନଙ୍କୁ ଆରବିକ ତାଲିମ କୌଶଳ ଦିଆଯିବାର ବ୍ୟବସ୍ଥା ହୋଇଛି । ସୂଚନା ଥାଉକି ପ୍ରଥମ ଥର ଭାବେ ଆତ୍ମରକ୍ଷା କୌଶଳରେ ଏଭଳି ବ୍ୟବସ୍ଥାକୁ ଯୋଡ଼ା ଯାଇଛି । ପିଲାମାନଙ୍କୁ ଏହାସହ ବିଶେଷକରି ଛାତ୍ରୀ ମାନେ କିପରି ମାନସିକ ସ୍ତରରେ ଦକ୍ଷ ହେବେ ସେ ବ୍ୟବସ୍ଥା କରାଯାଉଛି । ଏହି ଦକ୍ଷତା କୌଶଳର ବିଭିନ୍ନ ବିଭାଗ କୁହାଯାଉଥିବା ମାଇଣ୍ଡ ଟୁ ମସଲ, ମସଲ ଟୁ ମାଇଣ୍ଡ, ଏନୋରବିକ, ଫ୍ଲେକ୍ସିବିଲିଟି ଓ ସେଲ୍ଫ ଡିଫେନ୍ସ ସ୍କିଲ ତାଲିମ ମିଳିବ । ପୁସଅପ୍ସ, ସ୍କ୍ୱାଟସ୍, ଲେଗ୍ କଲର୍ସ, ଲେଗ ଏ୍କସଟେନ୍ସନ୍, ଚେଷ୍ଟ ପ୍ରେସ୍, ଥ୍ରି ୱ୍ୱେ ସୋଲଡର ଷ୍ଟ୍ରେବ ଭଳି ବିଷୟରେ ମଧ ଛାତ୍ରୀ ମାନଙ୍କୁ ଶିକ୍ଷା ଦିଆଯିବ । ଆତ୍ମରକ୍ଷା କୌଶଳ ତାଲିମକୁ ଅଧିକ ବ୍ୟବସ୍ଥିତ ଢ଼ଙ୍ଗରେ କରିବାକୁ ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୧୯୫ଟି କଲେଜରେ ଆତ୍ମରକ୍ଷା କୌଶଳ କ୍ଲବ ଗଠନ କରାଯିବା ସହ ସେହି କଲେଜ ଗୁଡ଼ିକୁ କ୍ଲବ ବାବଦରେ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ । ଏହି ଟଙ୍କାକୁ ସେହି କଲେଜ ଲାଇଟ, ସାଉଣ୍ଡ, ପ୍ରଶିକ୍ଷଣ ସ୍ଥାନ ବାବଦରେ ଅତିବେଶିରେ ୨୦% ଖର୍ଚ୍ଚ କରିବାକୁ ଥିବାବେଳେ ମାଷ୍ଟର ଟ୍ରେର୍ନରଙ୍କ ପାଇଁ ୨୦% ଛାତ୍ରୀଙ୍କ ଶକ୍ତି ବର୍ଦ୍ଧକ ପାନୀୟ ଓ ଫଳ ପାଇଁ ୨୦%, କ୍ଲବର ଆନୁସଙ୍ଗିକ ସାମଗ୍ରୀ ଓ ମ୍ୟାଟ ବାବଦରେ ଅତିବେଶିରେ ୩୦%, ଫାଷ୍ଟଏଡ଼ ଡକ୍ୟୁମେଂଟେସନ, ରିପୋର୍ଟ ପ୍ରସ୍ତୁତି ପରି କାର୍ଯ୍ୟ ପାଇଁ ୧୦% ଅର୍ଥ ଖର୍ଚ୍ଚ କରାଯାଇ ପାରିବ । ଜରୁରୀକାଳୀନ ପରିସ୍ଥିତି ରେ ଅଡିଟ ସମେତ ଅନ୍ୟାନ୍ୟ କାର୍ଯ୍ୟ ପାଇଁ କଲେଜ କର୍ତୃପକ୍ଷ ସମସ୍ତ ବିଲକୁ ନୋଡାଲ କାର୍ଯ୍ୟାଳୟ ରେ ଦାଖଲ କରିବେ । ଗତ ୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ବିଭାଗ ପକ୍ଷରୁ ନିୟମ ମଧ ଜାରି ହୋଇଛି । ବ୍ୟବସ୍ଥା ଅନୁଯାୟୀ ଆତ୍ମରକ୍ଷା କ୍ଷେତ୍ରରେ ଆଗ୍ରହୀ ଥିବା ଜଣେ ଅଧ୍ୟାପକଙ୍କୁ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଭାବେ ନିଯୁକ୍ତି ଦିଆଯିବ । ଆତ୍ମରକ୍ଷା କୌଶଳ କ୍ଲବର ରୂପରେଖ କଲେଜର ଅଧ୍ୟକ୍ଷ ପ୍ରସ୍ତୁତ ସହ କଲେଜରେ ମୋଟ କେତେଜଣ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀ ରହିଛନ୍ତି ତାହାର ତାଲିକା ପ୍ରଦାନ କରିବେ । ପ୍ରତି ଗ୍ରୁପରେ ୩୦ଜଣ ଲେଖାଏଁ ଛାତ୍ରୀ ରହିବେ । ରିପୋଟିଂ ଓ ପଞ୍ଜୀକରଣ ତାରିଖ ପ୍ରସ୍ତୁତ, ବିଭିନ୍ନ କାର୍ଯ୍ୟକଳାପ, କେଉଁ ଗ୍ରୁପର ତାଲିମ କେବେ ସରିବ, ଟ୍ରେନର / ରିସୋର୍ସ ପର୍ସନ / ଲେଡ଼ି ପିଇଟିଙ୍କ ନାମ କଲେଜ ଅଧ୍ୟକ୍ଷ ପ୍ରଦାନ କରିବେ । ଗ୍ରୁପ ଅନୁଯାୟୀ ବଜେଟ ପ୍ରସ୍ତୁତ, ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରମାଣ ଓ ଡକ୍ୟୁମେଂଟ କଲେଜ ଅଧ୍ୟକ୍ଷ ପ୍ରସ୍ତୁତ କରିବେ । କାର୍ଯ୍ୟକ୍ରମ ସରିବା ପରେ ଶିକ୍ଷାନୁଷ୍ଠାନ କର୍ତୃପକ୍ଷ ଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିବେ । ବିଭାଗ ପକ୍ଷରୁ ଦିଆଯାଇଥବା ନିୟମାବଳୀ ଅନୁଯାୟୀ କାର୍ଯ୍ୟକ୍ରମ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଉଚ୍ଚଶିକ୍ଷା ବିଭାଗ ସିଧାସଳଖ ଆତ୍ମରକ୍ଷା କୌଶଳ ତାଲିମର ମନିଟରିଂ କରିବ । ଅଧିକାରୀମାନେ ନିୟମିତ ବ୍ୟବଧାନରେ ବିଭିନ୍ନ କଲେଜକୁ ଗସ୍ତ କରି କ୍ଲବ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟକଳାପର ତଦାରଖ କରିବେ । ସୂଚନାଥାଉକି ଯେ ୨୦୧୩ରେ ରାଜ୍ୟ ସରକାରଙ୍କ ଯୁବନୀତିରେ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ଦେବାର ବ୍ୟବସ୍ଥା ହୋଇଥିଲା । ଯୁକ୍ତ୨ ସମେତ ଯୁକ୍ତ ୩ କଲେଜ ପ୍ରଥମ ବର୍ଷ ଛାତ୍ରୀଙ୍କୁ ତାଲିମ ଦିଆଯିବାର ନିୟମ ରହିଛି । ଛାତ୍ରୀଙ୍କ ଶାରୀରିକ ଓ ମାନସିକ ସାମର୍ଥ୍ୟ ବୃଦ୍ଧି କରିବ, ଛାତ୍ରୀଙ୍କ ସହ ସମକକ୍ଷ କରିବା, ଛାତ୍ରୀଙ୍କ ଶକ୍ତି ବଢ଼ାଇବା ପାଇଁ ବିଭାଗ ପକ୍ଷରୁ ଆତ୍ମରକ୍ଷା ପ୍ରଶିକ୍ଷଣ ଦେବାକୁ ଲକ୍ଷ୍ୟ ରଖାଯାଇଛି । ଦିନକୁ ଦିନ ସାମାଜିକ କ୍ଷେତ୍ରରେ ଆମ ଝିଅମାନେ ଅନେକ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରୁଥିବାରୁ ଏବଂ ସେମାନଙ୍କ ନିତିଦିନିଆ ଜୀବନରେ ଆତ୍ମରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ସରକାରଙ୍କ ଏହି ସମୟୋପଯୋଗୀ ନିଷ୍ପତିକୁ ସବୁ ମହଲରେ ପ୍ରଶଂସା କରାଯାଉଛି । ଭାରତରେ ମହାରାଷ୍ଟ୍ର, ନୂଆଦିଲ୍ଲୀ, ଗୁଜୁରାଟ, ଉତର ପ୍ରଦେଶ ପରି ବିଭିନ୍ନ ରାଜ୍ୟରେ ଏହି ବ୍ୟବସ୍ଥା ଗ୍ରହଣ କରା ଯାଇ ଥିବା ବେଳେ ଓଡ଼ିଶା ସରକାର କିନ୍ତୁ ଆଉ ପାଦେ ଆଗକୁ ଯାଇ ଆତ୍ମରକ୍ଷା କୌଶଳ କ୍ଲବ ଗଠନ ସହ ଅନ୍ୟାନ୍ୟ ଉତ୍ସାହଜନକ ସହଯୋଗଭିତିକ କାର୍ଯ୍ୟକ୍ରମର ଦାୟିତ୍ୱ ହାତକୁ ନେଇଛନ୍ତି । ଆମ ସମୟରେ ସାମାଜିକ କ୍ଷେତ୍ରରେ ଅନେକ ସମୟରେ ଝିଅମାନେ କେବଳ ନିଜ ସୁରକ୍ଷା ନୁହେଁ ଆଖି ସାମ୍ନାରେ ସଂଗଠିତ କୌଣସି ଅସହାୟ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ପଛଘୁଂଚା ଦେଇଥାନ୍ତି । ଏ ସଂକ୍ରାନ୍ତୀୟ ଅନେକ ଖବର ଗଣମାଧ୍ୟମରେ ମଧ ପ୍ରକାଶ ପାଉଛି । ତେଣୁ ଆମ ଝିଅମାନେ ଆତ୍ମରକ୍ଷା କୌଶଳ ତାଲିମରେ ଜଣେ ଜଣେ ପ୍ରଶିକ୍ଷିତା ଯୋଦ୍ଧା ଭାବେ କାର୍ଯ୍ୟ କରିବେ । କେବଳ ନିଜ ବା ବନ୍ଧୁବର୍ଗ ବା ପରିବାରର ନୁହଁ ସର୍ବୋପରି ସମାଜର ସୁରକ୍ଷା ଦାୟିତ୍ୱରେ ଯେଉଁ କ୍ରାନ୍ତିକାରୀ ଭୂମିକା ଗ୍ରହଣ କରିବେ ଏହି ପ୍ରସଙ୍ଗରେ ମନେ ପଡ଼ି ଯାଉଛି ବୀରାଙ୍ଗନା ଲକ୍ଷ୍ମୀବାଈଙ୍କ କଥା । ଜୀବନ ଯୁଦ୍ଧରେ ଅନେକ ଝିଅ ମାନଙ୍କୁ ଅସହାୟ ବା ଅବଳା ଦୁର୍ବଳା ଭାବିବାର ଆଉ ସମୟ ହିଁ ନାହିଁ । ଦିନକୁ ଦିନ ଆମ ସାମାଜିକ ବ୍ୟବସ୍ଥା ସୁଦୃଢ଼ ହେଉଛି ଏ କ୍ଷେତ୍ରରେ ସରକାର ସମ୍ପୂର୍ଣ୍ଣ ସହଯୋଗ ଓ ପ୍ରୋତ୍ସାହନର ଦାୟିତ୍ୱ ମଧ ନିର୍ବାହ କରୁଛନ୍ତି ଏବଂ ଆମ ସମସ୍ତଙ୍କର ଏ କ୍ଷେତ୍ରରେ ପ୍ରେରଣାର ସହଯୋଗ ଭିତିକ ଗୁରୁଦାୟିତ୍ୱ ମଧ ରହିଛି । କାରଣ ଏବେ ବି ସମାଜରେ କୌଣସି ଏକ କ୍ଷେତ୍ରରେ ଝିଅଟିର ଅସହାୟ ଚିତ୍ରକୁ ଅନ୍ୟମାନେ ଏକ ତାମସାର ଦର୍ଶକ ଭାବେ ମୁକସାକ୍ଷୀ ଭାବେ ଦେଖୁଥିବାର ଉଦାହରଣ ମଧ ରହିଛି । ଯାହାକି ସମାଜବିତ ଓ ଆମ ସମସ୍ତଙ୍କ ପାଇଁ ଛାତି ଥରାଇ ଦେବାପରି ଅଘଟଣ ଠାରୁ କମ ନୁହଁ । ତେଣୁ ଆମ ଝିଅମାନେ ନିଜେ ସୁରକ୍ଷିତ ରହିବା ସହ ଆମ ସମାଜର ସୁରକ୍ଷା ଦାୟିତ୍ୱକୁ ହାତକୁ ନେବା କମ ଗୌରବର କଥା ନୁହେଁ । କଲ୍ୟାଣମୟୀ ଆମ ସୁନା ଝିଅ ମାନଙ୍କୁ ମୋର ଅନେକ ଶୁଭେଚ୍ଛା ଓ ଆଶୀର୍ବାଦ ସହିତ ସହଯୋଗ ଭଲପାଇବା ରହିଥିଲା, ରହିଛି ଆଉ ରହିବ ମଧ ।

*ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,*
*ସେକ୍ଟର-୮, ସିଡିଏ, କଟକ*

## ସୁନ୍ଦର ସ୍ୱାସ୍ଥ୍ୟ ପାଇଁ...



■ ଯଦି ଆପଣ ସକାଳୁ ଉଠିପାରୁ ନାହାଁନ୍ତି, ତେବେ ଆଲାରାମ୍ ଦେଇ ଉଠିବା ଦରକାର ନାହିଁ । ଆପଣଙ୍କ ରୁଟିନ୍ ଅନୁଯାୟୀ ଉଠନ୍ତୁ । ଉଠିବା ପରେ ହାତ-ଗୋଡ଼କୁ ଚଳପ୍ରଚଳ କରନ୍ତୁ । ଶରୀରକୁ ଷ୍ଟ୍ରେଚ୍ କରନ୍ତୁ, ଅର୍ଥାତ୍ ଶରୀରକୁ ବିଭିନ୍ନ ଦିଗକୁ ଝୁଙ୍କନ୍ତୁ । ଅଧଘ□ା ପାଇଁ ଯୋଗ କରନ୍ତୁ ।

■ ଏପରି ଯୋଗ କରନ୍ତୁ, ଯାହା ପେଟ ଉପରେ ପ୍ରଭାବ ପକାଇବ । ପେଟରୁ ଅଧିକ ଚର୍ବି ହ୍ରାସ ହୋଇଯିବ । ଏହାଦ୍ୱାରା ଶକ୍ତି ମଧ ବୃଦ୍ଧି ପାଇବ ।

■ ଅଧଘ□ା ଚାଲନ୍ତୁ । ପରିବାର ସଦସ୍ୟଙ୍କ ସହ ମାର୍କେଟ୍ ମଧ ଚାଲି ଯାଇପାରିବେ ।

■ ଚାଲିବା ପୂର୍ବରୁ ପାଣି ପିଅନ୍ତୁ । ଏକ ବୋତଲ ପାଣି ଧରି ଚାଲିବାକୁ ଯାଆନ୍ତୁ ।

■ ଖାଲି ପେଟରେ ଯୋଗ କିମ୍ବା ବ୍ୟାୟାମ କରିବେ ନାହିଁ । କମ୍ ଫ୍ୟାଟ୍ ଥିବା ଦୁଇଟି ବିସ୍କୁଟ୍ କିମ୍ବା ଗୋଟିଏ ସେଓ ଖାଆନ୍ତୁ । ଜଳଖିଆ କିମ୍ବା ରାତିରେ ଖାଇବା ପରେ ହଠାତ୍ ଚାଲିବାକୁ ଯାଆନ୍ତୁ ନାହିଁ ।

■ ଲିଫ୍ଟ ବ୍ୟବହାର ନକରି ସିଡ଼ି ବ୍ୟବହାର କରନ୍ତୁ । ୬ଟି ପାହାଚ ପାଂଚ□ଥର ଚାଲିବା ୩୦ମିନିଟ୍ ଯୋଗ ସହ ସମାନ ।

ଏହି ଟିପ୍ସଗୁଡ଼ିକ ପ୍ରତିଦିନ କାର୍ଯ୍ୟରେ ଲଗାନ୍ତୁ, ଦେଖିବେ ଆପଣ ଫିଟ୍ ରହିବେ । ପ୍ରଥମ ଦିନରୁ ବ୍ୟାୟାମ କିମ୍ବା ଯୋଗ ୨୦ମିନିଟ୍ ଓ ଏକଘଂଟାରେ ପହଂଚାନ୍ତୁ । ଏହା ଆପଣଙ୍କୁ ସୁସ୍ଥ ସହ ସୁନ୍ଦର ରଖିବାରେ ସହାୟ ହେବ ।+++











# ଭକ୍ତିର ଶକ୍ତି : ଆଧ୍ୟାତ୍ମିକ ଜାଗରଣ ପାଇଁ ଏକ ଯାତ୍ରା

◆ ସୌଭାଗ୍ୟ ରଂଜନ ମହାନ୍ତି

**ଆଜିର ଦ୍ରୁତ ଗତିଶୀଳ ଦୁନିଆରେ, ଆଭ୍ୟନ୍ତରୀଣ ଶାନ୍ତି ଏବଂ ଆଧ୍ୟାତ୍ମିକ ପରିପୂର୍ଣ୍ଣତା ଖୋଜିବା ଏକ କଷ୍ଟକର କାର୍ଯ୍ୟ ହୋଇ ପାରେ । ଆଧୁନିକ ଜୀବନର ବିଶୃଙ୍ଖଳା ଏବଂ ଚାପ ମଧ୍ୟରେ, ଭକ୍ତି ଯୋଗର ପ୍ରାଚୀନ ଜ୍ଞାନ ଆଶାର ଆଲୋକ ପ୍ରଦାନ କରେ । ଜଣେ ପୂଜ୍ୟ ଆଧ୍ୟାତ୍ମିକ ନେତା ଏବଂ ଭଜନ ମାର୍ଗର ପ୍ରତିଷ୍ଠାତା ଭାବରେ, ମୁଁ ପ୍ରେମାନନ୍ଦ ଜୀ ମହାରାଜ, ରାଧା ଏବଂ କୃଷ୍ଣଙ୍କ ପ୍ରତି ପ୍ରେମ ଏବଂ ଭକ୍ତିର ବାର୍ତ୍ତା ପ୍ରସାର ପାଇଁ ମୋର ଜୀବନ ଉତ୍ସର୍ଗ କରିଛି ।**

ଭକ୍ତିର ସାର: ଭକ୍ତି, କିମ୍ବା ଭକ୍ତି, ଆତ୍ମ-ସାକ୍ଷରତାର ସର୍ବୋଚ୍ଚ ପଥ । ଏହା ହୃଦୟରେ ଏକ ଯାତ୍ରା, ଯେଉଁଠାରେ ଜଣେ ପ୍ରେମ ଏବଂ ଦିବ୍ୟ ପ୍ରତି ଆତ୍ମସମର୍ପଣକୁ ବିକଶିତ କରିଥାଏ । ଭକ୍ତି ମାଧ୍ୟମରେ, ଆମେ ଭୌତିକ ଜଗତର ସୀମା ଅତିକ୍ରମ କରି ପରମ ବାସ୍ତବତାକୁ ଅନୁଭବ କରିପାରିବା । ଭକ୍ତିର ସୌନ୍ଦର୍ଯ୍ୟ ଏହାର ସରଳତା ଏବଂ ସାର୍ବଭୌମତ୍ୱରେ ନିହିତ, ଯାହା ଏହାକୁ ଜୀବନର ସମସ୍ତ କ୍ଷେତ୍ରର ଲୋକଙ୍କ ପାଇଁ ସୁଗମ କରିଥାଏ ।



ଗୁରୁଙ୍କ ଦାୟିତ୍ୱ : ଜଣେ ଗୁରୁ, କିମ୍ବା ଆଧ୍ୟାତ୍ମିକତା ଶିକ୍ଷକ ଭକ୍ତି ପଥରେ ଆମକୁ ମାର୍ଗଦର୍ଶନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ଜଣେ ପ୍ରକୃତ ଗୁରୁ ଜ୍ଞାନ, ମାର୍ଗଦର୍ଶନ ଏବଂ ସମର୍ଥନ ପ୍ରଦାନ କରନ୍ତି, ଯାହା ଆମକୁ ଆଧ୍ୟାତ୍ମିକ ବିକାଶର ଜଟିଳତାକୁ ଦୂର କରିବାରେ ସାହାଯ୍ୟ କରେ । ମୋର ନିଜସ୍ୱ ଗୁରୁ, ଶ୍ରୀ ହିତ ଗୌରାଙ୍ଗୀ ଶରଣ ଜୀ ମହାରାଜ, ମୋ ଆଧ୍ୟାତ୍ମିକ ଯାତ୍ରାରେ ପ୍ରେରଣା ଏବଂ ମାର୍ଗଦର୍ଶନର ଏକ ନିରନ୍ତର ଉତ୍ସ ହୋଇ ଆସିଛନ୍ତି ।

କୀର୍ତ୍ତନ ଏବଂ ସତ୍ସଙ୍ଗର ଶକ୍ତି: କୀର୍ତ୍ତନ, କିମ୍ବା ଭକ୍ତି ଗାନ, ଆଧ୍ୟାତ୍ମିକ ବିକାଶ ପାଇଁ ଏକ ଶକ୍ତିଶାଳୀ ଉପକରଣ । ଏହା ଆମକୁ ଦିବ୍ୟ ସହିତ ସଂଯୋଗ କରିବାରେ ସାହାଯ୍ୟ କରେ ଏବଂ ଆନ୍ତରିକ ଶାନ୍ତି ଏବଂ ଆନନ୍ଦର ଭାବନାକୁ ବୃଦ୍ଧି କରେ । ସତ୍ସଙ୍ଗ, କିମ୍ବା ଆଧ୍ୟାତ୍ମିକ ପ୍ରବଚନ, ସାଧକମାନଙ୍କୁ ଏକାଠି ହେବାକୁ ଏବଂ ସେମାନଙ୍କର ଅଭିଜ୍ଞତା ବାଂଟିବା ପାଇଁ ଏକ ମଂଚ ପ୍ରଦାନ କରେ, ଯାହା ସମାଜ ଏବଂ ଆଧ୍ୟାତ୍ମିକ ବିକାଶର ଭାବନାକୁ ପ୍ରୋତ୍ସାହିତ କରେ ।

ବୃନ୍ଦାବନର ଗୁରୁତ୍ୱ: ରାଧା ଏବଂ କୃଷ୍ଣଙ୍କ ପବିତ୍ର ଭୂମି, ବୃନ୍ଦାବନ, ଭକ୍ତମାନଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ । ଏହା ଏକ ତୀର୍ଥସ୍ଥାନ, ଯେଉଁଠାରେ ଜଣେ ପରମ ଦମ୍ପତିଙ୍କ ଦିବ୍ୟ ପ୍ରେମ ଏବଂ ସୌନ୍ଦର୍ଯ୍ୟ ଅନୁଭବ କରିପାରିବେ । ମୋର ନିଜସ୍ୱ ଆଶ୍ରମ, ଶ୍ରୀ ରାଧା କେଳି କୁଞ୍ଜ, ବୃନ୍ଦାବନରେ ଅବସ୍ଥିତ, ଭକ୍ତମାନଙ୍କୁ ଏକାଠି ହେବା ଏବଂ ଭକ୍ତିର ଆନନ୍ଦ ଅନୁଭବ କରିବା ପାଇଁ ଏକ ଶାନ୍ତ ଏବଂ ପବିତ୍ର ସ୍ଥାନ ପ୍ରଦାନ କରେ ।

ଆଧୁନିକ ସମୟରେ ଭକ୍ତିର ପ୍ରାସଙ୍ଗିକତା : ଆଜିର ବିଶ୍ୱରେ, ଯେଉଁଠାରେ ଚାପ ଏବଂ ଚିନ୍ତା ବହୁଳ ଭାବରେ ବୃଦ୍ଧି ପାଉଛି, ଭକ୍ତିର ବାର୍ତ୍ତା ପୂର୍ବାପେକ୍ଷା ଅଧିକ ପ୍ରାସଙ୍ଗିକ । ଭକ୍ତି ଆଧୁନିକ ଜୀବନୀ ଚ୍ୟାଲେଞ୍ଜଗୁଡିକରେ ଏକ ଶକ୍ତିଶାଳୀ ପ୍ରତିଷେଧକ ପ୍ରଦାନ କରେ, ଯାହା ଶାନ୍ତି, ଉଦ୍ଦେଶ୍ୟ ଏବଂ ପରିପୂର୍ଣ୍ଣତାର ଭାବନା ପ୍ରଦାନ କରେ । ଭକ୍ତିକୁ ଆମର ଦୈନନ୍ଦିନ ଜୀବନରେ ସାମିଲ କରି, ଆମେ ଆମର ଅସ୍ତିତ୍ୱକୁ ପରିବର୍ତ୍ତନ କରିପାରିବା ଏବଂ ଏଥିରେ ଥିବା ଦିବ୍ୟ ପ୍ରେମ ଏବଂ ଆନନ୍ଦକୁ ଅନୁଭବ କରିପାରିବା । ଭକ୍ତିର ପଥ ଏକ ଯାତ୍ରା, ଏକ ଗନ୍ତବ୍ୟସ୍ଥଳ ନୁହେଁ । ଏଥିପାଇଁ ସମର୍ପଣ, ଦୃଢତା ଏବଂ ଦିବ୍ୟଙ୍କ ନିକଟରେ ଆତ୍ମସମର୍ପଣ କରିବାର ଇଚ୍ଛା ଆବଶ୍ୟକ । ଯେତେବେଳେ ଆମେ ଏହି ଯାତ୍ରା ଆରମ୍ଭ କରୁ, ଆମେ ଗୁରୁମାନଙ୍କ ଜ୍ଞାନ, ଦିବ୍ୟ ପ୍ରେମ ଏବଂ ସାଥୀ ସାଧକଙ୍କ ସମର୍ଥନ ସହିତ ଥାଉ । ଆମେ ଭକ୍ତିର ପଥ ଚାଲୁ, ଆମ ଚାରିପାଖରେ ଥିବା ସମସ୍ତଙ୍କୁ ପ୍ରେମ, ଶାନ୍ତି ଏବଂ ଆନନ୍ଦ ବିସ୍ତାର କରୁ । ପ୍ରେମାନନ୍ଦ ଜୀ ମହାରାଜ, ଜନ୍ମଗ୍ରହଣ ଅନିରୁଦ୍ଧ କୁମାର ପାଣ୍ଡେ, ଜଣେ ପୂଜ୍ୟ ଆଧ୍ୟାତ୍ମିକ ନେତା ଏବଂ ବୃନ୍ଦାବନର ଶ୍ରୀ ହିତ ରାଧା କେଳି କୁଞ୍ଜ ଆଶ୍ରମର ପ୍ରତିଷ୍ଠାତା । ତାଙ୍କ ଜୀବନ ଇତିହାସର ଏକ ସଂକ୍ଷିପ୍ତ ବିବରଣୀ ଏଠାରେ ଦିଆଯାଇଛି :

ପ୍ରାଚୀନ ଜୀବନ : ପ୍ରେମାନନ୍ଦ ଜୀ ମହାରାଜଙ୍କ ଜନ୍ମ ମାର୍ଚ୍ଚ ୩୦, ୧୯୬୯ରେ ଉତ୍ତର ପ୍ରଦେଶର କାନପୁର ନିକଟସ୍ଥ ସାରସୋଲ ବ୍ଲକର ଅଖ୍ରୀ ଗାମରେ ହୋଇଥିଲା । ତାଙ୍କ ପିତାମାତା, ଶ୍ରୀ ରାମ ନରେଶ ପାଣ୍ଡେ ଏବଂ ଶ୍ରୀମତୀ ଶିବ ରାଣୀ ପାଣ୍ଡେ ଭକ୍ତ ହିନ୍ଦୁ ଥିଲେ ଯେଉଁମାନେ ଆଧ୍ୟାତ୍ମିକତା ପ୍ରତି ତାଙ୍କର ପ୍ରାରମ୍ଭିକ ଆଗ୍ରହକୁ ସମର୍ଥନ କରିଥିଲେ । ୧୩ବର୍ଷ ବୟସରେ, ସେ ତ୍ୟାଗ ଏବଂ ଆଧ୍ୟାତ୍ମିକ ବିକାଶର ଜୀବନ ବିତାଇବା ପାଇଁ ଘର ଛାଡିଥିଲେ ।

ଆଧ୍ୟାତ୍ମିକ ଯାତ୍ରା : ପ୍ରେମାନନ୍ଦ ଜୀ ମହାରାଜ ବର୍ଷ ବର୍ଷ ଧରି ବାରାଣସୀର ଘାଟରେ ଧ୍ୟାନ କରି ପ୍ରତିଦନି ତିନିଥର ଗଙ୍ଗାରେ ସ୍ନାନ କରି ଏବଂ ଆଧ୍ୟାତ୍ମିକ ବିକାଶ ଅନୁଭବ କରି ବିତାଇଥିଲେ । ଶ୍ରୀ ହିତ ଗୌରାଙ୍ଗୀ ଶରଣ ଜୀ ମହାରାଜ ଯିଏକି ବଡେ ଗୁରୁଜୀ ଭାବରେ ମଧ୍ୟ ଜଣାଶୁଣା, ତାଙ୍କୁ ରାଧା ବଲ୍ଲଭ ସମ୍ପ୍ରଦାୟରେ ଦୀକ୍ଷତ୍ କରାଯାଇଥିଲା । ତାଙ୍କ ଗୁରୁଙ୍କ ମାର୍ଗଦର୍ଶନରେ ପ୍ରେମାନନ୍ଦ ଜୀ ମହାରାଜ ରାଧା ଏବଂ କୃଷ୍ଣଙ୍କ ପ୍ରତି ତାଙ୍କର ଭକ୍ତିକୁ ଆହୁରି ଗଭୀର କରିଥିଲେ, ଶେଷରେ ବୃନ୍ଦାବନରେ ନିଜର ଆଶ୍ରମ ପ୍ରତିଷ୍ଠା କରିଥିଲେ ।

ଶିକ୍ଷା ଏବଂ ଐତିହ୍ୟ : ପ୍ରେମାନନ୍ଦ ଜୀ ମହାରାଜଙ୍କ ଶିକ୍ଷା ଭକ୍ତି, ତ୍ୟାଗ ଏବଂ ନିଃସ୍ୱାର୍ଥପର ପ୍ରେମର ଗୁରୁତ୍ୱ ଉପରେ ଗୁରୁତ୍ୱ ଦିଏ । ତାଙ୍କର ପ୍ରବଚନ ଏବଂ ସତସଙ୍ଗ ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରେରଣା ଦେଇଛି ଏବଂ ବୃନ୍ଦାବନରେ ଥିବା ତାଙ୍କ ଆଶ୍ରମ ଆଧ୍ୟାତ୍ମିକ ସାଧକଙ୍କ ପାଇଁ ଏକ କେନ୍ଦ୍ର ପାଲଟିଛି । ସେ 'ବ୍ରହ୍ମଚର୍ଯ୍ୟ' ଏବଂ 'ଆଧ୍ୟାତ୍ମିକ ଜାଗରଣ' ସମେତ ଅନେକ ପୁସ୍ତକ ଲେଖିଛନ୍ତି । ଦୁର୍ଭାଗ୍ୟବଶତଃ, ପ୍ରେମାନନ୍ଦ ଜୀ ମହାରାଜ ବର୍ତ୍ତମାନ ପଲିସିଷ୍ଟିକ୍ ବୃକକ୍ ରୋଗ (ଚକଡ) ସହିତ ଲଢୁଛନ୍ତି, ଯାହା ବୃକକ୍ ବିଫଳତାକୁ ନେଇଛି । ସେ ନିୟମିତ ଡାଏଲିସିସ୍ ସେସନ୍ କରନ୍ତି କିନ୍ତୁ ତାଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ସତ୍ତ୍ୱେ ଭକ୍ତମାନଙ୍କ ସହିତ ଜଡିତ ରୁହନ୍ତି ଏବଂ ଆଧ୍ୟାତ୍ମିକ ପ୍ରବଚନ ପ୍ରଦାନ କରନ୍ତି । ପ୍ରେମାନନ୍ଦ ଜୀ ମହାରାଜାଙ୍କ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏକ ବିପୁଳ ଅନୁଗାମୀ ଅଛନ୍ତି । ଏଠାରେ ତାଙ୍କ ଅନୁଗାମୀମାନଙ୍କର ଏକ ବିଭକ୍ତୀକରଣ ଦିଆଯାଇଛି ।

ଇନଷ୍ଟାଗ୍ରାମ : ୧୧.୧ ନିୟୁତ ଅନୁଗାମୀ (କିଛି ଉତ୍ସ ୨୩ ନିୟୁତ ଅନୁଗାମୀ ଉଲ୍ଲେଖ କରନ୍ତି) ୟୁଟ୍ୟୁବ୍ : ୭.୮୮ ନିୟୁତ ସବସ୍କ୍ରାଇବର୍ ଫେସବୁକ୍ : ୯୪୩କ ଅନୁଗାମୀ ତାଙ୍କୁ ବିଶ୍ୱ ସ୍ତରରେ ସର୍ବାଧିକ ଅନୁଗାମୀ ଆଧ୍ୟାତ୍ମିକ ନେତାମାନଙ୍କ ମଧ୍ୟରୁ ଜଣେ ଭାବରେ ବିବେଚନା କରାଯାଏ, ତାଙ୍କର ଅନଲାଇନ୍ ଏବଂ ଅଫଲାଇନ୍‌ରେ ଗୁରୁତ୍ୱପୂର୍ଣ୍ଣ ଉପସ୍ଥିତି ରହିଛି । ତାଙ୍କ ଭକ୍ତମାନଙ୍କ ମଧ୍ୟରେ ବିରାଟ କୋହଲି, ଅନୁଷ୍କା ଶର୍ମା, ହେମା ମାଳିନୀ, ଗ୍ରେଟ୍ ଖାଲି ଏବଂ ଜଝଝମୁଖ୍ୟ ମୋହନ ଭାଗବତ ଭଳି ପ୍ରମୁଖ ବ୍ୟକ୍ତିତ୍ୱ ଅନ୍ତର୍ଭୁକ୍ତ । ଅନେକ ଲୋକ ତାଙ୍କର ଆଧ୍ୟାତ୍ମିକ ଜ୍ଞାନ, କରୁଣାପୂର୍ଣ୍ଣ ଆଭିମୁଖ୍ୟ ଏବଂ ଭକ୍ତି ଯୋଗ ଏବଂ ସନାତନ ଧର୍ମ ଉପରେ ଶିକ୍ଷା ପ୍ରତି ଆକର୍ଷିତ ହୁଅନ୍ତି । ପ୍ରେମାନନ୍ଦ ଜୀ ମହାରାଜଙ୍କ ପ୍ରବଚନଗୁଡିକ ଜ୍ଞାନ, ପ୍ରେମ ଏବଂ ଭକ୍ତିରେ ପରିପୂର୍ଣ୍ଣ । ଏଠାରେ କିଛି ପ୍ରମୁଖ କଥା ଦିଆଯାଇଛି । ନାମ ଜପର ଗୁରୁତ୍ୱ : ପ୍ରେମାନନ୍ଦ ଜୀ ଆଧ୍ୟାତ୍ମିକ ବିକାଶ ଏବଂ ଶାନ୍ତି ପାଇବା ପାଇଁ 'ରାଧେ ରାଧେ' କିମ୍ବା 'ଶ୍ରୀ ରାଧା କୃଷ୍ଣ' ଜପର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରନ୍ତି । ସେ ବିଶ୍ୱାସ କରନ୍ତି ଯେ ଏହି ଅଭ୍ୟାସ ଭକ୍ତମାନଙ୍କ ଜୀବନର ଚ୍ୟାଲେଞ୍ଜରୁ ରକ୍ଷା କରିପାରିବ ଏବଂ ସେମାନଙ୍କୁ ଈଶ୍ୱରଙ୍କ ନିକଟତର କରିପାରିବ ।

ଆତ୍ମ ପ୍ରତିଫଳନ ଏବଂ ଆତ୍ମନିରୀକ୍ଷଣ : ସେ ଭକ୍ତମାନଙ୍କୁ ନିଜକୁ ଏବଂ ଜୀବନର ଉଦ୍ଦେଶ୍ୟକୁ ବୁଝିବା ପାଇଁ ଆତ୍ମ-ପ୍ରତିଫଳନ, ନୀରବତା ଏବଂ ଧ୍ୟାନରେ ନିୟୋଜିତ ହେବାକୁ ଉତ୍ସାହିତ କରନ୍ତି । ନିୟମିତ ଆତ୍ମନିରୀକ୍ଷଣ ବ୍ୟକ୍ତିମାନଙ୍କୁ ଉନ୍ନତି ପାଇଁ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବାରେ ଏବଂ ଆନ୍ତରିକ ଶାନ୍ତିର ଭାବନା ସୃଷ୍ଟି କରିବାରେ ସାହାଯ୍ୟ କରେ ।

ସେବା ଓ କରୁଣା: ପ୍ରେମାନନ୍ଦ ଜୀ ଅନ୍ୟମାନଙ୍କର ସେବା କରିବ ଏବଂ ସମସ୍ତ ଜୀବଜନ୍ତୁଙ୍କ ପ୍ରତି ଦୟାଳୁ ହେବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରନ୍ତି । ଏହା କରିବା ଦ୍ୱାରା, ବ୍ୟକ୍ତିମାନେ ଅନ୍ୟମାନଙ୍କ ସହିତ ଏକତା ଏବଂ ସଂଯୋଗର ଭାବନା ସୃଷ୍ଟି କରିପାରିବେ ।

ଭୌତିକ ଇଚ୍ଛାକୁ ପରିତ୍ୟାଗ କରିବା :ସେ ଭକ୍ତମାନଙ୍କୁ ଭୌତିକ ସମ୍ପତ୍ତି ଏବଂ ଇଚ୍ଛାରୁ ନିଜକୁ ଅଲଗା କରିବାକୁ ପରାମର୍ଶ ଦିଅନ୍ତି, ଯାହା ଆଧ୍ୟାତ୍ମିକ ବିକାଶରୁ ଦୁଃଖ ଏବଂ ବିଭ୍ରାନ୍ତି ଆଣିପାରେ ।

ଗୁରୁଙ୍କ ମାର୍ଗଦର୍ଶନ : ପ୍ରେମାନନ୍ଦ ଜୀ ଆଧ୍ୟାତ୍ମିକତାର ପଥକୁ ନେଭିଗେଟ୍ କରିବାରେ ଜଣେ ଗୁରୁ କିମ୍ବା ଆଧ୍ୟାତ୍ମିକ ମାର୍ଗଦର୍ଶକର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରନ୍ତି । ଜଣେ ଗୁରୁ ଭକ୍ତମାନଙ୍କୁ ଜୀବନର ଆହ୍ **overcome** ଜ୍ଞାନକୁ ଦୂର କରିବାରେ ସାହାଯ୍ୟ କରିବା ପାଇଁ ମାର୍ଗଦର୍ଶନ, ସମର୍ଥନ ଏବଂ ଜ୍ଞାନ ପ୍ରଦାନ କରନ୍ତି ।

ପ୍ରେମାନନ୍ଦ ଜୀ ମହାରାଜାଙ୍କ ପ୍ରଭାବଙ୍କ କିଛି ପ୍ରେରଣାଦାୟକ ଉଦ୍ଧୃତି **include** : ପ୍ରେମ ସେ ଶକ୍ତିଶାଳୀ ହ । (ପ୍ରେମ ଶକ୍ତିଶାଳୀ) । ସମାଜ କୀ ସେବା ହୀ ଭଗବାନ କି ସାଚଚି ପୂଜା ହ । (ସମାଜ ସେବା କରିବା ହେଉଛି ଭଗବାନଙ୍କର ପ୍ରକୃତ ଉପାସନା)ମୋଟ ଉପରେ ପ୍ରେମାନନ୍ଦ ଜୀ ମହାରାଜଙ୍କ ପ୍ରବଚନ ଆଧ୍ୟାତ୍ମିକ ଅଭିବୃଦ୍ଧି, ଶାନ୍ତି ଏବଂ ସୁଖ ଖୋଜୁଥିବା ବ୍ୟକ୍ତିଙ୍କ ପାଇଁ ମୂଲ୍ୟବାନ ଜ୍ଞାନ ଏବଂ ମାର୍ଗଦର୍ଶନ ପ୍ରଦାନ କରନ୍ତି ।

*ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨,ମୋ-୭୯୭୮୬୬୬୪୦୩*



# ଶ୍ରୀହନୁମାନ ଚାଳିଶାର ସୃଷ୍ଟି ଏବଂ ତା'ର ମହିମା

◆ ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ

ଏ ସଂସାରର ଅସଂଖ୍ୟ ମନୁଷ୍ୟଙ୍କ ଭକ୍ତି, ଆସ୍ଥା ଓ ବିଶ୍ୱାସର ପ୍ରତୀକ ଅଟନ୍ତି ଚିରଞ୍ଜିବୀ ଭକ୍ତରାଜ ଶ୍ରୀହନୁମାନ ମହାରାଜ । ସେ ଚାରିଯୁଗ ଧରି ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ନାମରସକୁ ପାନକରି ଚାଲିଛନ୍ତି । ଶ୍ରୀହନୁମାନ ମର୍ଯ୍ୟଦା ପୁରୁଷୋତମ ଶ୍ରୀରାମଚନ୍ଦ୍ରଙ୍କୁ ଏବଂ ତାଙ୍କରି ନାମକୁ ଏତେ ଭଲ ପାଆନ୍ତି ଯେ ଯେଉଁଠି ଯେଉଁଠି ଶ୍ରୀରଘୁନାଥଙ୍କ ନାମ କୀର୍ତନ ହେଉଥାଏ ; ସେ ସେହି ସେହି ସ୍ଥାନକୁ ଯୋଡ଼ ହସ୍ତରେ ଅରୂପରୂପେ ବା ବିବିଧ ରୂପକୁ ଧାରଣ କରିବା ସହ ଆନନ୍ଦ ଲୋତକ ପୂର୍ଣ୍ଣ ନୟନରେ ପ୍ରବେଶ କରିଥାନ୍ତି । ଏଣୁ କୁହା ଯାଇଛି ' ଯତ୍ର ଯତ୍ର ରଘୁନାଥ କୀର୍ତନମ୍ ତତ୍ର ତତ୍ର କୃତମସ୍ତକାଞ୍ଜଳିମ୍ ' । କପିଶ୍ରେଷ୍ଠଙ୍କ ଏପରି ଭକ୍ତି ଭାବକୁ ହୃଦୟଙ୍ଗମ କରି କୌଶଲ୍ୟା ନନ୍ଦନ କହିଥିଲେ ହେ ସଙ୍କଟ ମୋଚନ ! ତୁମକୁ ଯେ ଭଜନ କରିବ,ତୁମକୁ ଯେ ପୂଜନ କରିବ କିମ୍ବା ସଙ୍କଟ ସମୟରେ ଯେ ତୁମକୁ ସ୍ମରଣ କରିବ ତେବେ , ସେ ସମସ୍ତଙ୍କ ମନୋରଥ ନିଶ୍ଚିତ ରୂପରେ ପୂର୍ଣ୍ଣହେବ । ସେହି ସମୟ ଠାରୁ ଆଜିପର୍ଯ୍ୟନ୍ତ ଯେ ଶ୍ରୀହନୁମାନଙ୍କୁ ଅନନ୍ୟ ଭାବରେ ଡାକିଛି ତା'ର ସର୍ବ କାର୍ଯ୍ୟ ସିଦ୍ଧ ହୋଇଛି । ପ୍ରଭୁ ଶ୍ରୀରାମଙ୍କ ବାଣୀ ଷୋଡ଼ଶ ଶତାବ୍ଦୀରେ ପ୍ରମାଣିତ ହୋଇଛି । ସେହି ସମୟର କଥା ; ଏକଦା ସନ୍ଥ ଶିରୋମଣି ଶ୍ରୀଗୋସ୍ୱାମୀ ତୁଳସୀ ଦାସଙ୍କୁ ମୋଗଲ୍ ସମ୍ରାଟ ଆକବର ନିଜ ରାଜସଭାକୁ ଡକାଇ ଥିଲେ । କିନ୍ତୁ ତୁଳସୀ ଦାସ ଯିବା ପାଇଁ ଅନିଚ୍ଛା ପ୍ରକାଶ କରିବା ଯୋଗୁଁ ତାଙ୍କୁ ବନ୍ଦୀକରି କାରାଗାରକୁ ଅଣାଗଲା । ଏପରି ବିଷମ ପରିସ୍ଥିତିରେ ତୁଳସୀ ଦାସ ଆକବରଙ୍କ ବନ୍ଦୀଗୃହରେ ରହି ଅବଧୀ ଭାଷାରେ ଶ୍ରୀହନୁମାନ ଚାଳିଶା ରଚନା କରିବା ଆରମ୍ଭ କରିଲେ । ଆରମ୍ଭ କରିବାର ଚାଳିଶିତମ ଦିବସରେ ସମ୍ପୂର୍ଣ୍ଣ ଫତେପୁର ସିକ୍ରିକୁ ବିରାଟ ବିରାଟ ମାଙ୍କଡ଼ମାନେ ଘେରି ଯାଇଥିଲେ ଏବଂ ରାଜମହଲ ମଧ୍ୟଭାଗକୁ ପ୍ରବେଶ କରି ଦ୍ୱାରପାଳ ଓ ଜଗୁଆଳିମାନଙ୍କ ଉପରେ ଅତର୍କିତ ଆକ୍ରମଣ କରିବା ଆରମ୍ଭ କରିଦେଲେ । ଏହି ବାନରମାନେ ଏତେ ଉପଦ୍ରବ କରିଥିଲେ ଯେ ରାଜ୍ୟର ଜ୍ଞାନୀ ଗୁଣୀ ବ୍ୟକ୍ତିମାନେ ଆକବରଙ୍କୁ ପରାମର୍ଶ ଦେଲେ , ତୁଳସୀ ଦାସଙ୍କୁ ସସମ୍ମାନେ ମୁକ୍ତ କରିବା ପାଇଁ । ଏହା ଶୁଣି ମୋଗଲ ସମ୍ରାଟ ତତ୍ କ୍ଷଣାତ୍ ତୁଳସୀ ଦାସଙ୍କୁ ମୁକ୍ତ କରି ଦେଇଥିଲେ । ତାପରେ ସେହି କ୍ଷଣି ହିଁ ମର୍କଟମାନେ ସେଠାରୁ ଚାଲିଯାଇଥିଲେ । ଏହା ଥିଲା ତୁଳସୀ ଦାସଙ୍କ ଦ୍ୱାରା ବିରଚିତ ଶ୍ରୀହନୁମାନ ଚାଳିଶାର ମହିମା । ଉପୋରକ୍ତ କଥାରୁ ବୁଝିବାକୁ ହେବ ଯେ, ସଙ୍କଟ ସମୟରେ ସଙ୍କଟମୋଚନଙ୍କ ନାମ ଓ ଶ୍ରୀହନୁମାନ ଚାଳିଶା ପାଠ କଲେ ସମସ୍ତ ପ୍ରକାର ସଙ୍କଟ ଦୂର ହୋଇଥାଏ । ଯେଉଁଠି ତନ୍ତ୍ର, ମନ୍ତ୍ର ଓ ଯନ୍ତ୍ର କାର୍ଯ୍ୟ କରେ ନାହିଁ ସେଠି ଶ୍ରୀହନୁମାନ ଚାଳିଶା ବା ତାର ଏକ ଏକ ଦୋହା କିମ୍ବା ଚୌପାଇ ପାଠ କଲେ ତାହା ଅଭୂତପୂର୍ବ କାର୍ଯ୍ୟ କରିଥାଏ । ଯେପରି ଭୂତ ପିଶାଚ ନିକଟ ନହିଁ ଆୱେ । ମହାବୀର ଯବ ନାମ ସୁନାୱେ ।। ଅର୍ଥାତ୍ କୌଣସି ଦୁଷ୍ଟ ଶକ୍ତି ବା ଭୂତ-ପିଶାଚାଦି ପଂଚ ଭୌତିକ ଶରୀରକୁ ବାରମ୍ବାର କବଳିତ କରୁଥାଏ କିମ୍ବା ହାନି କରିବା ପାଇଁ ଉଦ୍ୟମ କରେ ତେବେ ଏ ଚୌପାଇ ପଢିବା ବା ଶୁଣିବା କ୍ଷଣି ଦୁଷ୍ଟ ଶକ୍ତି ଗୁଡ଼ିକ ତୁରନ୍ତ ସେ ସ୍ଥାନରୁ ଦୂରକୁ ଚାଲି ଯାଇଥାନ୍ତି । ଏହା ଅନୁଭବର ବିଷୟ । ପ୍ରଭୁ ପବନକୁମାରଙ୍କୁ ଯେ ନିରନ୍ତର ଜପ କରେ, ତେବେ ମହାବୀର ତାର ସମସ୍ତ ଦୁଃଖ ,କଷ୍ଟ ,ରୋଗ ଓ ଶୋକାଦି ନାଶ କରିଥାନ୍ତି । ଯଦି କେହି ଶୁଦ୍ଧ ମନ, କର୍ମ ଓ ବଚନରେ ଧ୍ୟାନକରେ ତେବେ କପିବର ତାର ସମସ୍ତ ସଙ୍କଟକୁ ହରଣ କରି ନିଅନ୍ତି । ଏଣୁ କୁହା ଯାଇଛି: ନାଶେ ରୋଗ ହରେ ସବ ପୀରା । ଜପତ ନିରନ୍ତର ହନୁମତ ବୀରା ।। ସଙ୍କଟ ତେ ହନୁମାନ ଛୁଡ଼ାୱେ । ମନ କ୍ରମ ବଚନ ଧ୍ୟାନ ଯୋ ଲାୱେ ।। କେବଳ ଏତିକି ନୁହେଁ ଯଦି କେହି କାମୀ ଭକ୍ତ ମନସ୍କାମନା କରେ ତେବେ ତାର କାମନା ଠାରୁ ସେ ( ଭକ୍ତ) ଅଧିକ ଫଳ ପ୍ରାପ୍ତି କରିଥାଏ । ଶ୍ରୀହନୁମାନ ହେଉଛନ୍ତି ଅଷ୍ଟ ସିଦ୍ଧି ( ଅଣିମା, ମହିମା, ଗରିମା, ଲଘିମା, ପ୍ରାପ୍ତି, ପ୍ରାକାମ୍ୟ, ଈଶିତ୍ୱ ଓ ବଶିତ୍ୱ ) ଏବଂ ନବନିଧି ( ପଦ୍ମ, ମହାପଦ୍ମ, ନୀଳ, ମୁକୁନ୍ଦ, ନନ୍ଦ, ମକର, କଛପ, ଶଙ୍ଖ ଓ ଖର୍ବ ) ର ପ୍ରଦାତା । ଅତଃ ତୁଳସୀ ଦାସ କହିଛନ୍ତି: ଔର ମନୋରଥ ଯୋ କୋଇ ଲାୱେ । ସୋଇ ଅମିତ ଜୀୱନ ଫଳ ପାୱେ ।। ଅଷ୍ଟସିଦ୍ଧି ନୌ ନିଧି କେ ଦାତା । ଅସବର ଦୀନ ଜାନକୀ ମାତା ।। ଯେଉଁ ପ୍ରାଣୀ ଏକାନ୍ତ ଚିତରେ କପୀଶଙ୍କୁ ସ୍ମରଣ କରିଥାଏ ଏବଂ ନିଜକୁ ତାଙ୍କରି ପାଦ ପଦ୍ମରେ ସମର୍ପିତ କରିଦିଏ , ତେବେ ମହାବୀର ସେହି ପ୍ରାଣୀକୁ ସର୍ବ ସୁଖ ଦେଇଥାନ୍ତି । ସେ ଯେଉଁମାନଙ୍କୁ ରକ୍ଷା କରନ୍ତି ସେମାନେ ନିର୍ଭୟ ହୋଇଯାନ୍ତି । ଏଣୁ କୁହାଯାଇଛି :

**ସବ ସୁଖଃ ଲୌହେ ତୁମ୍ହାରୀ ସରନା ।**
**ତୁମ ରକ୍ଷକ କାହୁଁକୋ ଡରନା ।।**

ଆମେ ଜାଣିଛେ ଯୁଗେ ଯୁଗେ ପ୍ରଭୁ ଭକ୍ତ ପାଇଁ ସବୁ କିଛି କରି ପାରନ୍ତି ଏବଂ ସେ ଭକ୍ତକୁ ନିଜର ଆତ୍ମା ଠାରୁ ମଧ୍ୟ ଅତ୍ୟଧିକ ଭଲ ପାଆନ୍ତି । ପ୍ରଭୁ ଶ୍ରୀରାମଙ୍କ ସମସ୍ତ ଭକ୍ତମାନଙ୍କ ମଧ୍ୟରୁ ଶ୍ରୀହନୁମାନ ହେଉଛନ୍ତି ପ୍ରିୟତମ ଭକ୍ତ । ଏଣୁ ତାଙ୍କୁ ( ଶ୍ରୀହନୁମାନ ) ଭକ୍ତ ଶିରୋମଣି ବୋଲି କୁହାଯାଏ । ପ୍ରଭୁ ରାଜୀବଲୋଚନ ରଘୁନାଥଙ୍କୁ ପାଇବାକୁ ହେଲେ, ପ୍ରଥମେ ଅଞ୍ଜନା ସୁତଙ୍କୁ ସ୍ମରଣ କରିବା ଆବଶ୍ୟକ ତେଣୁ ଚାଳିଶାରେ କୁହା ଯାଇଛି : ତୁମ୍ହରେ ଭଜନ ରାମ କୋ ପାୱେ । ଜନମ ଜନମ କେ ଦୁଃଖ ବିସରାୱେ ।। ଅନ୍ତକାଳ ରଘୁବର ପୁର ଜାହିଁ । ଜହାଁ ଜନ୍ମ ହରିଭକ୍ତ କହାଁଇ ।। ଏହାର ଅର୍ଥ : ବାୟୁପୁତ୍ରଙ୍କୁ ଭଜିଲେ ଶ୍ରୀରାମ ମିଳିଥାନ୍ତି ଏବଂ ଜନ୍ମ ଜନ୍ମର ଦୁଃଖ ମଧ୍ୟ ହରଣ ହୋଇଥାଏ । ଶେଷରେ କପୀଶଙ୍କ କୃପାରୁ ଜୀବ ରଘୁପତିଙ୍କ ପୁରକୁ ଗମନ କରିବାକୁ ସକ୍ଷମ ହୁଏ । ଯେତେବେଳେ ସେ ଜୀବ ପୁନର୍ବାର ଯେଉଁଠି ଜନ୍ମନିଏ ସେତେବେଳେ ତାଙ୍କୁ ହରିଭକ୍ତ ରୂପେ ଖ୍ୟାତି ପ୍ରାପ୍ତ ହୋଇଥାଏ । ଏତତ୍ ବ୍ୟତୀତ ଏହି ହନୁମାନ ଚାଳିଶାରେ ଏତେ ଐଶ୍ୱରିକ ଶକ୍ତି ଭରି ରହିଛି, ଯେ କେହିବି ଭକ୍ତି ସହକାରେ ଏକୋଇଶି ଦିନ ପର୍ଯ୍ୟନ୍ତ ପାଠ କରିବ, ତେବେ ସେ ଅଲୌକିକ ଦିବ୍ୟତକୁ ନିଶ୍ଚୟେ ହୃଦୟଙ୍ଗମ କରିପାରିବ । ଜୟ ଶ୍ରୀରାମ ।

*ଖମ୍ଭେଶ୍ୱରୀ ପାଟଣା, ଆସିକା,ଗଞ୍ଜାମ-୯୮୬୧୩୩୪୮୬୮*

# ହିନ୍ଦୁ ଧର୍ମରେ ୭ସବୁଠାରୁ ଆଧ୍ୟାତ୍ମିକ ଏବଂ ପବିତ୍ର ସଂଖ୍ୟା

**ହିନ୍ଦୁଧର୍ମ ବିଶ୍ୱାସ ଅନୁଯାୟୀ ୭ ସବୁଠାରୁ ଆଧ୍ୟାତ୍ମିକ ଏବଂ ପବିତ୍ର ସଂଖ୍ୟା । ସଂସ୍କୃତରେ ଏହାକୁ କୁହାଯାଏ ସପ୍ତ । ୭ ସଂଖ୍ୟା ହିନ୍ଦୁ ସନାତନ ଧର୍ମ ଏବଂ ସଂସ୍କୃତିର ଅନେକ ବୈଦିକ ଦର୍ଶନ ଏବଂ ଭାବର ପ୍ରତିନିଧିତ୍ୱ କରେ । ଏହା ସପ୍ତାହର ୭ଦିନ, ଇନ୍ଦ୍ରଧନୁର ସାତ ରଙ୍ଗ, ସଙ୍ଗୀତର ସାତ ସ୍ୱରକୁ ପ୍ରତିନିଧିତ୍ୱ କରେ । ଆସନ୍ତୁ ଦେଖିବା ହିନ୍ଦୁ ଧର୍ମରେ ୭ର ମହତ୍ୱ କେଉଁ କେଉଁ ସ୍ଥାନରେ ଅଛି ।**

ସପ୍ତପୁରୀ : ସପ୍ତ ପବିତ୍ର ନଗରୀ : ଅଯୋଧ୍ୟା, ମଥୁରା, କାଶୀ, କାଂଚୀ, ଅବନ୍ତିକା, ଦ୍ୱାରକା, ମାୟାପୁରୀ ଏହି ସାତଟି ସ୍ଥାନକୁ ହିନ୍ଦୁ ମାନ୍ୟତାରେ ସବୁଠୁ ପବିତ୍ର ସ୍ଥାନ ଭାବରେ ବିବେଚନା କରାଯାଏ । ଏହି ସ୍ଥାନ ସହ ଅନେକ ଧାର୍ମିକ ଏବଂ ଆଧ୍ୟାତ୍ମିକ ସଂଯୋଗ ରହିଛି ।

ସପ୍ତଦ୍ୱୀପ : ଜମ୍ବୁ ଦ୍ୱୀପ, ପ୍ଲାକ୍ଷା ଦ୍ୱୀପ, ସଲମଲ୍ଲି ଦ୍ୱୀପ, କୁଶ ଦ୍ୱୀପ, କ୍ରୈଡ଼ ଦ୍ୱୀପ, ସାକ୍ୟ ଦ୍ୱୀପ ଏବଂ ପୁଷ୍କର ଦ୍ୱୀପ । କୌଣସି ଧାର୍ମିକ ଅନୁଷ୍ଠାନ ପାଇଁ ଆମେ ସଂକଳ୍ପ କରିବା ବେଳେ କେଉଁ ଦ୍ୱୀପରେ ରହୁଛୁ ଏହା କହିବାକୁ ହୁଏ ।

ସପ୍ତ ସମୁଦ୍ର ବା ସପ୍ତ ପବିତ୍ର ସାଗର : ଲବଣ ସମୁଦ୍ର, ଲକ୍ଷୁ ସମୁଦ୍ର, ସୁରା ସମୁଦ୍ର, ସାର୍ପି ସମୁଦ୍ର, ଦଧି ସମୁଦ୍ର, କ୍ଷୀର ସମୁଦ୍ର ଏବଂ ଶୁଦ୍ଧୋଦକ ସମୁଦ୍ର । ହିନ୍ଦୁ ପୁରାଣରେ ଏହି ସପ୍ତ ସମୁଦ୍ରର ବର୍ଣ୍ଣନା ରହିଛି ।

ସପ୍ତନଦୀ ବା ସପ୍ତ ପବିତ୍ର ନଦୀ : ଗଙ୍ଗା, ଯମୁନା, ସରସ୍ୱତୀ, ଗୋଦାବରୀ, ନର୍ମଦା, ସିନ୍ଧୁ, କାବେରୀ । ହିନ୍ଦୁ ଧର୍ମରେ ଏହି ୭ଟି ନଦୀକୁ ପବିତ୍ର ନଦୀ ଭାବରେ ସ୍ୱୀକାର କରାଯାଇଛି । ତେଣୁ ସ୍ନାନ କରେ ଜଳତର୍ପଣ ସମୟରେ ଏହି ୭ନଦୀର ନାମ ନିଆଯାଏ ।

ସପ୍ତଲୋକ ବା ସପ୍ତ ପବିତ୍ର ଦୁନିଆ : ସମଗ୍ର ବ୍ରହ୍ମାଣ୍ଡରେ ୧୪ଟି ଭୁବନ ଅଛି । ପୃଥିବୀ ଉପରେ ଅଛି ୭ଟି ଏବଂ ପୃଥିବୀ ତଳେ ଅଛି ୭ଟି । ପୃଥିବୀ ସମେତ ଏହି ୭ଟି ଭୁବନକୁ କୁହାଯାଏ ଉର୍ଦ୍ଧ୍ୱ ଲୋକ । ଏଗୁଡ଼ିକ ହେଉଛି ଭୂଲୋକ, ଭୂର୍ବଲୋକ, ସ୍ୱର୍ଲୋକ, ମହାର୍ଲୋକ, ଜନଲୋକ, ତପୋଲୋକ, ସତ୍ୟଲୋକ । ପୃଥିବୀ ତଳେ ଥିବା ୭ଟି ଭୁବନକୁ କୁହାଯାଏ ଅଧୋଲୋକ । ଏଗୁଡ଼ିକ ହେଉଛି - ଅତଳ ବିତଳ, ସୁତଳ, ରସାତଳ, ତାଳତଳ, ମହାତଳ, ପାତାଳ ।

ସପ୍ତ ଋଷି ବା ସପ୍ତ ମହାନ୍ ଋଷି ଗୋଷ୍ଠୀ : ବିଶ୍ୱାସ କରାଯାଏ ଏହି ସପ୍ତ ଋଷି ବେଦର ଜ୍ଞାନକୁ ସାଧାରଣ ମଣିଷର ବ୍ୟବହାର ଏବଂ ବିଶ୍ୱାସ ଉପଯୋଗୀ କରାଇଥିଲେ । ପ୍ରତ୍ୟେକ ସପ୍ତଋଷି ଗୋଟିଏ ମାନବାନ୍ତର ଅବଧି ପର୍ଯ୍ୟନ୍ତ ବ୍ରହ୍ମାଣ୍ଡରେ ରୁହନ୍ତି । ଗୋଟିଏ ମାନବାନ୍ତରର ଅବଧି ୭୧ ମହାଯୁଗ । ଅର୍ଥାତ୍ ୭୧ ଢ ୪୩୨୦୦୦୦ ବର୍ଷ । ବର୍ତ୍ତମାନ ଯେଉଁ ମାନବାନ୍ତର ବା ସପ୍ତର୍ଷି ମଣ୍ଡଳ ଆକାଶରେ ଆମେ ଦେଖୁଛୁ ସେମାନଙ୍କୁ କୁହାଯାଏ ସ୍ୱୟଂଭୂବ ମାନବାନ୍ତର । ଏମାନେ ହେଉଛନ୍ତି ମରିଚି, ଅତ୍ରି, ଅଙ୍ଗିରା, ପୁଲସ୍ତ୍ୟ, ପୁଲହ, କ୍ରତୁ ଏବଂ ବଶିଷ୍ଠ । ଏମାନଙ୍କୁ ବ୍ରହ୍ମାଙ୍କ ମାନସ ପୁତ୍ର ବୋଲି କୁହାଯାଏ । ବର୍ଲମାନ ମହାଯୁଗ ଯେଉଁ ସପ୍ତର୍ଷିଙ୍କ ପାଇଁ ଉଦ୍ଦିଷ୍ଟ ସେମାନେ ହେଉଛନ୍ତି ବୈବଶ୍ୱତ ମାନବାନ୍ତର । ଏହି ସପ୍ତଋଷି ହେଉଛନ୍ତି, ଅତ୍ରି, ବଶିଷ୍ଠ, କାଶ୍ୟପ, ଗୌତମ, ଭଗଦ୍ୱାଜ, ବିଶ୍ୱାମିତ୍ର ଏବଂ ଯମଦଗ୍ନି ।

ସପ୍ତ ଚିରଞ୍ଜୀବୀ : ଅଶ୍ୱତ୍ଥାମା, ବଳୀ, ବ୍ୟାସ, ହନୁମାନ, ବିଭୀଷଣ, କୃପାଚାର୍ଯ୍ୟ, ପର୍ଶୁରାମ ଏମାନେ ହେଉଛି ସପ୍ତ ଚିରଞ୍ଜୀବି । ଏମାନେ ଏହି ମହାଯୁଗ ଶେଷ ପର୍ଯ୍ୟନ୍ତ ଜୀବିତ ରହିବେ । କୁରୁ - ପାଣ୍ଡବଙ୍କ ଯୁଦ୍ଧଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ପୁତ୍ର ଅଶ୍ୱତ୍ଥାମା, ଭକ୍ତ ପ୍ରହ୍ଲାଦଙ୍କ ନାତି ତଥା ବିରୋଚନଙ୍କ ପୁତ୍ର ଦୈତ୍ୟରାଜ ବଳୀ, ବେଦବ୍ୟାସ, ପବନପୁତ୍ର ହନୁମାନ,ଋଷି ଯମଦଗ୍ନିଙ୍କ ପୁଅ ତଥା ବିଷ୍ଣୁଙ୍କ ଷଷ୍ଠ ଅବତାର ପର୍ଶୁରାମ, ରାବଣର ଭାଇ ବିଭୀଷଣ, ଭରତବଂଶର କୁଳଗୁରୁ କୃପାଚାର୍ଯ୍ୟ ଆଦି ପୁରାଣ ବର୍ଣ୍ଣିତ ଚିରଞ୍ଜିବୀ । କିନ୍ତୁ ଚିରଞ୍ଜିବୀର ଅର୍ଥ ଅମର ନୁହେଁ ।

ସପ୍ତଧାତୁ : ଶରୀରର ବିକାଶ ଓ ପୋଷଣ ପାଇଁ ଜରୁରୀ ଜୈବିକ ତତ୍ୱକୁ କୁହାଯାଏ ଧାତୁ । ଆୟୁର୍ବେଦ ଅନୁଯାୟୀ ଏଗୁଡ଼ିକ ହେଉଛି ରସ, ରକ୍ତ, ମାଂସ, ମେଦ, ଅସ୍ଥି, ମଜ୍ଜା ଓ ଶୁକ୍ର । ଧାତବ ଅର୍ଥରେ ସପ୍ତ ଧାତୁ ହେଉ ସବୁର୍ଣ୍ଣ, ରଜତ, କାଂସ୍ୟ, ତାମ୍ର, ସୀସା, ଭଙ୍ଗା (ଟିଣ) ଓ ଲୁହା ।

ସପ୍ତପଦି : ସନାତନ ଭାରତୀୟ ସଂସ୍କୃତିର ବିବାହରେ ସପ୍ତପଦି ଏକ ରୀତି । ଏହି ବିଧାନରେ ବର ଓ ବଧୂ ଏକତ୍ର ସାତଟି ପ୍ରତିଜ୍ଞା ସହ ସାତପାଦ ଚାଲନ୍ତି । ଏହିଠାରୁ ହିଁ ବିବାହାର ରୀତି ସମ୍ପୂର୍ଣ୍ଣ ହୁଏ । ଏହାର ଅର୍ଥ ସେମାନେ ଜୀବନସାଥୀ ଭାବରେ ସାରା ଜୀବନ ଏକାଠି ଚାଲିବେ ।

ସପ୍ତସତି : ଦେବୀ ଦୁର୍ଗାଙ୍କର ସ୍ତୁତି କରାଯାଇଥିବା ୭୦୦ ଶ୍ଳୋକର ସମାହାରକୁ କୁହାଯାଏ ସପ୍ତସତି, ଚଣ୍ଡ ସପ୍ତସତି ବା ଦୁର୍ଗା ସପ୍ତସତି ।

ସପ୍ତ ମାତୃକା : ଦୁର୍ଗାଙ୍କର ୭ଟି ରୂପକୁ କୁହାଯାଏ ସପ୍ତମାତୃକା । ଏହି ସପ୍ତମାତୃକା ହିନ୍ଦୁ ଦର୍ଶନର ମୁଖ୍ୟ ଦେବତାମାନଙ୍କ ଦିବ୍ୟଶକ୍ତି ରୂପିଣୀ । ଏହି ସପ୍ତମାତୃକା ହେଉଛନ୍ତି - ବ୍ରହ୍ମଣୀ, ମାହେଶ୍ୱରୀ, କୌମାରୀ, ବୈଷ୍ଣବୀ ଓ ଚାମୁଣ୍ଡି ।

ସପ୍ତମୁଖୀ ରୁଦ୍ରାକ୍ଷ : ରୁଦ୍ରାକ୍ଷ ଦର୍ଶନ ଅନୁଯାୟୀ ସପ୍ତମୁଖୀ ରୁଦ୍ରାକ୍ଷ ଧନର ଦେବୀ ମା' ଲକ୍ଷ୍ମୀଙ୍କର ପ୍ରତିନିଧି । ଯେଉଁମାନେ ଏହି ରୁଦ୍ରାକ୍ଷ ପିନ୍ଧନ୍ତି ସେମାନଙ୍କର ଶାରୀରିକ, ମାନସିକ ଏବଂ ଆର୍ଥିକ ସମସ୍ୟା ଦୂର ହୋଇ ଯାଏ । ଏହାକୁ ଅଷ୍ଟମୁଖୀ ରୁଦ୍ରାକ୍ଷ ସହ ପିନ୍ଧିଲେ ଧାରକକୁ ଅଶେଷ ସୁଖ ଶାନ୍ତି ପ୍ରାପ୍ତ ହୁଏ ।

ସପ୍ତମୀର ଉତ୍ସବ : ମାଘମାସର ଶୁକ୍ଳପକ୍ଷ ସପ୍ତମୀକୁ କୁହାଯାଏ ରଥ ସପ୍ତମୀ ବା ସୂର୍ଯ୍ୟଜୟନ୍ତୀ । ଏହା ସୂର୍ଯ୍ୟଦେବତାଙ୍କ ପୂଜାର ଦିନ । ବିଶ୍ୱାସ କରାଯାଏ ଏହିଦିନ ସୂର୍ଯ୍ୟଦେବତା ୭ଟି ଘୋଡା ଟାଣୁଥିବା ରଥରେ ବସି ଉତରରୁ ପୂର୍ବ ଦିଗରେ ଗତି କରନ୍ତି । ଏହିଠାରୁ ବସନ୍ତ ଋତୁ ଆରମ୍ଭ ହୁଏ । ସୂର୍ଯ୍ୟଙ୍କ ରଥର ସାତଟି ଘୋଡ଼ା ସପ୍ତାହର ୭ଦିନ ଏବଂ ଆଲୋକର ସାତ ରଙ୍ଗର ପ୍ରତୀକ । ବୈଶାଖ ମାସର ଶୁକ୍ଳପକ୍ଷ ସପ୍ତମୀ ତିଥିରେ ପାଳିତ ହୁଏ ଗଙ୍ଗୋତ୍ପତି ଉତ୍ସବ । ବିଶ୍ୱାସ କରାଯାଏ ଏହି ଦିଗ ଗଙ୍ଗା ଋଷି ଜାହ୍ନୁଙ୍କ କାନରୁ ବାହାରକୁ ବାହାରି ଆସିଥିଲେ । ସେବେଠାରୁ ତାଙ୍କ ନାଁ ହୋଇଥିଲା ଜାହ୍ନବୀ ।

ସପ୍ତାନ୍ନ : ପିତୃ ଶ୍ରାଦ୍ଧ ସମୟରେ ସପ୍ତାନ୍ନ ଦାନ କରିବାର ନୀତି ରହିଛି । ଏହି ସପ୍ତାନ୍ନ ହେଉଛି ବିଶ୍ୱଦେବ ହୋମ, ବିପ୍ରଭୋଜନ, ପିଣ୍ଡଦାନ, ତିଳତର୍ପଣ, ଉଚ୍ଛିଷ୍ଟ ପିଣ୍ଡ, ଭୂରୀଭୋଜନ ଓ ଭୂରୀ ଦକ୍ଷିଣା ।

ସପ୍ତ ବ୍ୟସନ : ହିନ୍ଦୁଧର୍ମ ଅନୁଯାୟୀ ୭ଟି ବ୍ୟସନକୁ ପାପ ବୋଲି କୁହାଯାଇଛି । ଏଗୁଡ଼ିକ ହେଉଛି ସ୍ତ୍ରୀ ବ୍ୟସନ, କୁଆ, ଶିକାର, ମଦ୍ୟପାନ, ରୁକ୍ଷବଚନ, ଉଗ୍ରଦଣ୍ଡ ଏବଂ ବଦ୍‌ଖର୍ଚ୍ଚ ।

ସପ୍ତଗିରି : ହିନ୍ଦୁ ବିଶ୍ୱାସ ଅନୁଯାୟୀ ୭ଟି ପର୍ବତକୁ ସବୁଠାରୁ ପବିତ୍ର ବୋଲି ଗ୍ରହଣ କରାଯାଏ । ଏହି ୭ଟି ପର୍ବତ ଭଗବାନ ଭେଙ୍କଟେଶ୍ୱରଙ୍କର ବାସସ୍ଥାନ । ୭ଟି ପାହାଡ଼ର ସମାହାର ତିରୁପତି ତିରୁମଲା କ୍ଷେତ୍ର । ଏହି ସାତଟି ପାହାଡ଼ ହେଉଛି ଶେଷାଦ୍ରି, ଗରୁଡ଼ାଦ୍ରି, ଭେଙ୍କଟାଚଳ, ନାରାୟଣାଚଳ, ବୃଷଭାଚଳ, ଅଞ୍ଜନାଚଳ, ବୃଷାଚଳ । ସହସ୍ର ଫଣା ବିଶିଷ୍ଟ ଦିବ୍ୟନାଗ, ଶେଷନାଗଙ୍କ ଆବାସସ୍ଥଳ ହେଉଛି ଶେଷାଦ୍ରି । ପକ୍ଷୀରାଜ ଗରୁଡ଼ଙ୍କ ନାମ ଅନୁଯାୟୀ ଗରୁଡ଼ାଦ୍ରୀ, ପାପ ବିମୋଚନ ପାଇଁ ଭେଙ୍କଟେଶ୍ୱରଙ୍କ ଭକ୍ତ ନାରାୟଣଙ୍କ ନାମ ଅନୁଯାୟୀ ନାରାୟଣାଚଳ ଆଦି ହୋଇଛି । ସେମିତି ଭଗବାନ ଭେଙ୍କଟେଶ୍ୱରଙ୍କ ହାତରେ ପ୍ରାଣ ହରାଇଥିବା ରାକ୍ଷାସ ବୃଷଭାସୁର ଅନୁଯାୟୀ ହୋଇଛି ବୃଷଭାଚଳ, ଭଗବାନ ହନୁମାନଙ୍କ ମା'ଅଞ୍ଜନା ଦେବୀଙ୍କ ନାମ ଅନୁଯାୟୀ ହୋଇଛି ଅଞ୍ଜନାଚଳ ଏବଂ ଧର୍ମରାଜ ଯମଙ୍କ ଅନୁଯାୟୀ ହୋଇଛି ବୃଷାଚଳ । ଏହି ସାତଟି ପାହାଡ଼ରେ ଉପରୋକ୍ତ ଦେବତାମାନଙ୍କର ପୂଜା କରାଯାଏ । ସାମୁଦ୍ରିକ ଭାବରେ ଏହାକୁ କୁହାଯାଏ ତିରୁପତି ତିରୁମାଲା ଦେବସ୍ଥାନମ୍ ବା ସପ୍ତଗିରି ।

ହିନ୍ଦୁ ପଂଚାଙ୍ଗରେ ୭ : ହିନ୍ଦୁ କ୍ୟାଲେଣ୍ଡର ଅନୁଯାୟୀ ସପ୍ତାହର ସପ୍ତମ ଦିନ ଶନିବାର । ଏହି ଦିନର ଅଧିପତି ଶନି । ପ୍ରତ୍ୟକ ପକ୍ଷର ସପ୍ତମ ଦିନକୁ କୁହାଯାଏ ସପ୍ତମୀ । ଏହାର ଅଧିଶ୍ୱର ସୂର୍ଯ୍ୟ ଦେବତା । ସପ୍ତମୀ ଏକ ଶୁଭ ତିଥି । ଏହାକୁ କୁହାଯାଏ ଭଦ୍ରାତିଥି । ସପ୍ତମୀ ତିଥିରେ ରବିବାର ପଡ଼ିଲେ ଏହାକୁ କୁହାଯାଏ ଭାନୁ ସପ୍ତମୀ । ଭାଦ୍ରବ, ମାର୍ଗଶୀର, ପୌଷ, ମାଘ ଏବଂ ଫାଲଗୁନ୍ ମାସର କୃଷ୍ଣପକ୍ଷ ସପ୍ତମୀକୁ କୁହାଯାଏ ପୂର୍ବେଦ୍ୟୁ ସପ୍ତମୀ । ଏହିଦିନ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ସନାବତି ଶ୍ରାଦ୍ଧ ପଦ୍ଧତିରେ ତିଳତର୍ପଣ କରାଯାଏ

ହିନ୍ଦୁ ଜ୍ୟୋତିଷ ବିଦ୍ୟାରେ ୭ : ହିନ୍ଦୁ ଜ୍ୟୋତିଷଶାସ୍ତ୍ରୀ ଅନୁଯାୟୀ ସପ୍ତମ ଘର ବା ସପ୍ତମ ଭାବ ପ୍ରତ୍ୟେକ ବ୍ୟକ୍ତିର ଜୀବନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ । ଏହି ସ୍ଥାନ ବୈବାହିକ ଜୀବନକୁ ଦର୍ଶାଏ । ରାଶିଚକ୍ରର ସପ୍ତମ ସ୍ଥାନରେ ଅଛି ତୁଳା । ଏହାର ଅଧିପତି ମିଥୁନ । ଆମ ସୌର ପ୍ରଣାଳୀରେ ୭ଟି ଗ୍ରହ ଅଛି । ସୂର୍ଯ୍ୟ, ଚନ୍ଦ୍ର, ମଙ୍ଗଳ, ଶୁକ୍ର, ବୃହସ୍ପତି ଏବଂ ଶନି । ରାହୁ ଏବଂ କେତୁ ଛାୟାଗ୍ରହ । ସୂର୍ଯ୍ୟ ଏକ ନକ୍ଷତ୍ର ଏବଂ ଚନ୍ଦ୍ର ଉପଗ୍ରହ ହୋଇଥିଲେ ବି ହିନ୍ଦୁ ଜ୍ୟୋତିଷ ଶାସ୍ତ୍ରରେ ଏମାନଙ୍କୁ ଗ୍ରହ ଭାବରେ ବିବେଚନା କରାଯାଏ

ନ୍ୟୁମୋରୋଲୋଜିରେ ୭ : ଅଙ୍କ ଜ୍ୟୋତିଷ ବିଜ୍ଞାନ ଅନୁଯାୟୀ ୭ ସଂଖ୍ୟାର ଅଧିଶ୍ୱର କେତୁ । ଯେଉଁମାନଙ୍କର ଜନ୍ମ ସଂଖ୍ୟା ୭ ସେମାନେ ସହୃଦୟ ପ୍ରକୃତିର ଏବଂ ଅନ୍ୟମାନଙ୍କୁ ସାହାଯ୍ୟ କରନ୍ତି । ଧର୍ମ ପ୍ରତି ସେମାନଙ୍କର ଆଗ୍ରହ ଥାଏ । ସେମାନେ ଭାବପ୍ରବଣ, ମୁକ୍ତ ବିଚାର ପ୍ରବପଣ, ସନ୍ଦେହି, ସମାଲୋଚକ, ବଦ୍‌ଖର୍ଚ୍ଚି ଏବଂ ନିଜ ଗତିବିଧିରେ ସ୍ୱାଧୀନ । ସେମାନେ ଖୁବ୍‌ଶୀଘ୍ର ଅନାବଶ୍ୟକ ସମ୍ପର୍କରେ ବାନ୍ଧି ହୋଇପଡ଼ନ୍ତି । ମୁଖ୍ୟତଃ ବିଜ୍ଞାନ, ଜ୍ଞାନକୌଶଳ, ଅତିଭୌତିକ ବିଜ୍ଞାନ, ଦର୍ଶନ, ଧର୍ମ, ପର୍ଯ୍ୟଟନ, ଏବଂ କଳାକ୍ଷେତ୍ରରେ ନିଜର ଉତ୍କୃଷ୍ଟତା ପ୍ରତିପାଦନ କରିପାରନ୍ତି । ସେମାନଙ୍କ ଜୀବନରେ ସବୁବେଳେ ଅନିଶ୍ଚିତତା ଏବଂ ପରିବର୍ତ୍ତନ ଲାଗିରହିଥାଏ ।



## ଆଧ୍ୟାତ୍ମିକ ପରିବେଶରେ କମିଲା ପାଖର: ୧୪୪ ବ୍ରତଧାରୀଙ୍କ କଳସ ଶୋଭାଯାତ୍ରା

ସୋର(ନିପ୍ର): ସୋର ବ୍ଲକ ପାଖର ପଂଚାୟତ ଅନ୍ତର୍ଗତ ପାଖର ଛକରେ ଥିବା ଶ୍ରୀଶ୍ରୀ ଲକ୍ଷ୍ମୀନାରାୟଣ ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇ ଯାଇଛି । ସକାଳେ ପଂଚଗବ୍ୟ, କାୟାସୁଦ୍ଧି, ଅଧିବାସ, ଘଟତୋଳନ କରାଯାଇ ଥିଲା । ୧୪୪ ଜଣ ବ୍ରତଧାରୀ କଳସ ଶୋଭା ଯାତ୍ରାରେ ପାଖର ଛକରୁ ଅସ୍ତଗଡ଼ିଆ ଲକ୍ଷ୍ମୀ ପୂଜା ମଣ୍ଡପ ପାଖରେ ଥିବା ପୋଖରୀରୁ କଳସରେ ପାଣି ଆଣି ଥିଲେ । ଉକ୍ତ ଶୋଭାଯାତ୍ରାରେ ୪୦୦ ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ନିଜକୁ ସାମିଲ କରିଥିଲେ । ସଂନ୍ଧ୍ୟାରେ ଭଜନ କୀର୍ତନ ସହ ଯଂଜ୍ଞ ପୂର୍ଣ୍ଣାହୂତି କରା ଯାଇଥିଲା । ପୂଜକ ଚନ୍ଦ୍ରଶେଖର ଦୀକ୍ଷିତ, ରତ୍ନାକର ପଣ୍ଡା, ବିଜୟ କେତନ ରଥଙ୍କ ସହଯୋଗୀ ପୁରୋହିତ କାର୍ଯ୍ୟକ୍ରମ ସମ୍ପାଦିତ କରିଥିଲେ । ସଂନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛୋଟ ପିଲାଙ୍କ ନୃତ୍ୟ ସମସ୍ତଙ୍କୁ ବିମୋହିତ କରିଥିଲା । ଉଭୟ ଦ୍ୱିପ୍ରହର ଓ ରାତିରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ । କମିଟି ତରଫରୁ ସଭାପତି ରଘୁନାଥ ଜେନା, ଉପସଭାପତି ସୁବ୍ରତ କୁମାର ମହାନ୍ତି ସମ୍ପାଦକ ଶୁଭେନ୍ଦୁ କୁମାର ଦାସ, ସହ ସମ୍ପାଦକ ବୁଦ୍ଧିରାମ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ସହ ବୁଦ୍ଧିରାମ ରଣା, ଆଶିଷ କୁମାର ବିଶ୍ୱାଳ, ସୌଭାଗ୍ୟ ରଞ୍ଜନ ଦାସ ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା ।

# ଜିଲ୍ଲାସ୍ତରୀୟ ଐତିହ୍ୟ ଗଣଦୌଡ଼ ଅନୁଷ୍ଠିତ

ଖୋର୍ଦ୍ଧା(ନିପ୍ର): ଓଡ଼ିଶାର ଅସ୍ମିତା, ଓଡ଼ିଆର ପରମ୍ପରା, କଳା ଓ ସଂସ୍କୃତି କୁ ପୁନଃର୍ଜୀବୀତ କରିବା ତଥା ଏହାର ମହତ୍ୱ ପ୍ରତ୍ୟେକ ଓଡିଆଙ୍କ ମନରେ ଜାଗ୍ରତ କରିବା ଉପଲକ୍ଷେ ଓଡ଼ିଆ ପକ୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ଅପ୍ରେଲ ୧ ତାରିଖରୁ ୧୪ ତାରିଖ ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ପାଳନ କରାଯାଉଅଛି । ଓଡ଼ିଶାର ଗୌରବମୟ ଇତିହାସ ସମଗ୍ର ବିଶ୍ୱକୁ ଅନୁପ୍ରାଣିତ କରିଛି । ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ ଭଳି ଯୋଦ୍ଧା ନିଜ ଜୀବନକୁ ପଛରେ ପକାଇ ସ୍ୱାଧୀନତା ସଂଗ୍ରାମରେ ପାଇକ ମେଳି କରି ବ୍ରିଟିଶ୍ ଶାସନ ବିରୁଦ୍ଧରେ ସଂଗ୍ରାମ କରିଥିବା ବେଳେ ତତ୍କାଳୀନ ବି ଜେ ବି ଉଚ୍ଚ ବିଦ୍ୟାଳୟର ଛାତ୍ର ଶହୀଦ ଦିବାକର ପରିଡ଼ା ମାତ୍ର ୩୨ ବର୍ଷ ବୟସରେ ଦୁର୍ଦ୍ଧଶ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଠେଙ୍ଗାରେ ଯୁଦ୍ଧ କରି ଅତ୍ୟାଚାରକୁ ବିରୋଧ କରିଥିବାରୁ, ବ୍ରିଟିଶ୍ ସରକାର ତାଙ୍କୁ ଫାଶୀ ଖୁଂଟରେ ଝୁଲାଇ ଦେଇଥିଲେ । ଏଭଳି ସିଂହ ପରି ଓଡ଼ିଶାର ବରପୁତ୍ର ମାନଙ୍କ ତ୍ୟାଗ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ପୂର୍ବସୁରୀ ମାନଙ୍କ ଗାଥାକୁ ଅନୁସରଣ କରି ଓଡ଼ିଶାର ଅସ୍ମିତାକୁ ତଥା ଜିଲ୍ଲାର ଗାରିମାକୁ ଉଜ୍ଜୀବିତ କରି ରଖିବାକୁ ଆଜି ବି ଜେ ବି ଉଚ୍ଚ ବିଦ୍ୟାଳୟ ପରିସରରେ କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ ଜିଲ୍ଲା କ୍ରୀଡା ଅଧିକାରୀ ଗୀତାଞ୍ଜଳି ପଣ୍ଡା ଙ୍କ ପରିଚାଳନାରେ ଏବଂ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ବେଉରା ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଐତିହ୍ୟ ଗଣ ଦୌଡ଼ ସମାବେଶରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧାର ମାନ୍ୟବର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦେବ ପତାକା ଦେଖାଇ




ଗଣଦୌଡ଼କୁ ଶୁଭାରମ୍ଭ କରି ଉପରୋକ୍ତ ବିଷୟ ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ପ୍ରଦାନ କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ବେଉରା ଅଧ୍ୟକ୍ଷତା କରି ଏହି କାର୍ଯ୍ୟକ୍ରମର ବିସ୍ତୃତ ତଥ୍ୟ ପ୍ରଦାନ କରିବା ସହ କଳିଙ୍ଗର ଇତିହାସ ସମ୍ବନ୍ଧରେ ପିଲା ମାନଙ୍କୁ ଜାଣିବାକୁ ହେଲେ ଓଡ଼ିଆ ପକ୍ଷ ପାଳନର ସମସ୍ତ ଦିବସର ମହତ୍ୱ ବୁଝିବାକୁ ପରାମର୍ଶ ଦେଇ ଖୋର୍ଦ୍ଧା ବୀର ମାଟିର ଇତିହାସ ପଢି ଏକ ଅଗ୍ରଣୀ ଜିଲ୍ଲା ଗଢି ତୋଳିବା ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି, ସଭାପତି ଓ ସମ୍ମାନିତ ଅତିଥି ମାନଙ୍କୁ ଉତରୀୟ ଓ ଚାରା କୁଣ୍ଡ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଐତିହ୍ୟ ଗଣଦୌଡ ସମାରୋହରେ ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ପୌର ପରିଷଦ ଉପାଧ୍ୟକ୍ଷ, ବି ଜେ ବି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଭୁ ପ୍ରସାଦ ସେନାପତି, ଅବକାରୀ ଅଧିକ୍ଷକ, ଖୋର୍ଦ୍ଧା ସୁମିତ୍ରା ତ୍ରିପାଠୀ, ଡେପୁଟୀ କଲେକ୍ଟର, ରାଜସ୍ୱ ନିବେଦିତା ପରିଡ଼ା, ଡେପୁଟୀ କଲେକ୍ଟର, ନିର୍ବାଚନ, ରଞ୍ଜନ କୁମାର ଜେନା, ଡେପୁଟୀ କଲେକ୍ଟର ସ୍ୱିଟୀ ସୋରେନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ନିର୍ବାହୀ ଅଧିକାରୀ ପୌର ପରିଷଦ, ଖୋର୍ଦ୍ଧା ସିଦ୍ଧାର୍ଥ ପଟ୍ଟନାୟକ ଯୋଗଦାନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲା ବିକାଶ ମଂଚ ସଭାପତି ନରେନ୍ଦ୍ର ପୃଷ୍ଟି, ବିଭିନ୍ନ ଜନ ପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗ ଦେଇଥିଲେ । ଏହି ଗଣ ଦୌଡ଼ ବି ଜେ ବି ହାଇସ୍କୁଲରୁ ବାହାରି କୋର୍ଟ ଛକ ଦେଇ ପୁନଶ୍ଚ ବି ଜେ ବି ହାଇସ୍କୁଲ ରେ ପହଂଚିଥିଲା ।

## ବଲାଙ୍ଗୀ ଟେଲେଂଟ ହଂଟ ମେଗା ଅଡିସନ ଆୟୋଜିତ

ବାରିପଦା(ନିପ୍ର): ମୟୁରଭଞ୍ଜ ଜିଲ୍ଲା ରେ ଓଡ଼ିଆ ଭାଷା ସାହିତ୍ୟ, କଳା ସଂସ୍କୃତି ଏବଂ ପର୍ଯ୍ୟଟନ ର ସୁରକ୍ଷା ଏବଂ ବିକାଶ ନିମନ୍ତେ ବିଗତ ୨୦୦୩ ମସିହା ଠାରୁ ବାରିପଦାର ବାବା ବୁଢ଼ା ରାଉଳ ମଠ ନିକଟ ବୁଢ଼ାବଳଙ୍ଗ, ଚିପଟ ଏବଂ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ପୀଠରେ ମୟୁରଭଞ୍ଜ ଜିଲ୍ଲାର ମହାନ ଗଣପର୍ବ ମୟୁରଭଞ୍ଜ ବାଲିମେଳା ବଲାଙ୍ଗୀ ମହୋତ୍ସବ ପାଳିତ ହୋଇ ଆସୁଥିବା ବେଳେ, ଚଳିତ ଥର ୨୪ତମ ରାଜ୍ୟ ସ୍ତରୀୟ ବଲାଙ୍ଗୀ ମହୋତ୍ସବ-୨୦୨୬ ଏପ୍ରିଲ ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ୭ଦିନ ଧରି ପାଳିତ ହେବ. ଏହିପରିପ୍ରେକ୍ଷୀରେ ଆଜି ବାରିପଦା ଡିଭାଇନ ଇଞ୍ଜିନିୟରିଙ୍ଗ କଲେଜ ପରିସରରେ ନୃତ୍ୟ ପ୍ରତିଭା ଚୟନ ଭିତିକ କାର୍ଯ୍ୟକ୍ରମ ବଲାଙ୍ଗୀ ଟେଲେଂଟହଂଟ ମେଗା ଅଡିସନ ଅନୁଷ୍ଠିତ ହୋଇଯାଇଛି. କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ସମାଜସେବୀ ବିଶ୍ୱଜିତ ନାୟକ, ଉପଦେଷ୍ଟା ଡ଼. ଶଶୀ ଧର ବିଶ୍ୱାଳ, ଅଶୋକ କୁମାର ପଲେଇ ପ୍ରମୁଖ ଯୋଗଦେଇ ବଲାଙ୍ଗୀ ମହୋତ୍ସବ ଜିଲ୍ଲାରେ ଏକ ସାଂସ୍କୃତିକ ଆନ୍ଦୋଳନ ଗଢିତୋଳିଛି ବୋଲି କହିଥିଲେ । ସମ୍ପାଦକ ଦୀପକ କୁମାର ନାୟକ ମଂଚ ପରିଚାଳନା କରିଥିଲେ । ଏହି ଅଡିସନରେ ସବ ଜୁନିୟର, ଜୁନିୟର ଏବଂ ସିନିୟର ବିଭାଗରେ ଶତାଧିକ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିବା ବେଳେ, ବିଚାରକ ଭାବରେ ପ୍ରସିଦ୍ଧ ନୃତ୍ୟ କରିୟଗ୍ରାଫର ମାଷ୍ଟର ଶଙ୍କର ପ୍ରସାଦ, ମିସ ରୁପାଲୀ ଏବଂ ମିସ ଅନିନ୍ଦିତା ଯୋଗଦେଇ ମୂଲ୍ୟାୟନ କରିଥିଲେ । ପ୍ରତିଯୋଗିତା ପରେ ଆୟୋଜିତ ଉଦଯାପନୀ ଉତ୍ସବରେ ଫଳା ଫଳ ଘୋଷଣା କରାଯାଇ ଟପଟେନ ପ୍ରତିଯୋଗୀଙ୍କୁ ଗୋଲଡେନ କାର୍ଡ ପ୍ରଦାନ କରାଯାଇଥିଲା. ଉଦଯାପନୀ ଉତ୍ସବରେ ବିଶିଷ୍ଟ ସ୍ଥପତି ମୋନଜ କୁମାର କୁଅଁର ମୁଖ୍ୟଅତିଥି ଭାବରେ ଯୋଗଦେଇ ବଲାଙ୍ଗୀ ମୋହୋତ୍ସବ ଜିଲ୍ଲାରେ ଏକ ଅନନ୍ୟ ସାଂସ୍କୃତିକ ଧାରା ବୋଲି କହିଥିଲେ । କମିଟି ତରଫରୁ ବରିଷ୍ଠ ସଦସ୍ୟ ଗୋଲୋକ ମହାନ୍ତି, ଇନ୍ଦୁମତି ମହାନ୍ତି, ଆଇନଜୀବି ରାଜକିଶୋର ମହାନ୍ତ, ସାମ୍ବାଦିକ ରୋହିତ ବେହେରା ପ୍ରମୁଖ ଯୋଗ ଦେଇଥିବା ବେଳେ ବଲାଙ୍ଗୀ ସେନାର ଅଧ୍ୟକ୍ଷ କୁମରେଶ ନାୟକ ମଂଚ ପରିଚାଳନା କରିଥିଲେ । ବଲାଙ୍ଗୀ ସେନାର ଦିଲ୍ଲୀପ କୁମାର ପାତ୍ର, ବିଜୁ ଜିତ, ରଞ୍ଜିତ ପଲେଇ, ସୁଦିପ ନାୟକ, ପ୍ରକାଶ କାଣ୍ଡି, ଦେବାଶିଷ ଜିତ, ବିଶ୍ୱଜିତ ପାତ୍ର, ଆକାଶ ଭଞ୍ଜଦେଓ, ସତ୍ୟକାମ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଅନ୍ୟଦଳର ବହୁ କର୍ମୀ ବିଜେଡିରେ ମିଶିଲେ

ନୀଳଗିରି(ନିପ୍ର): ବିଜେଡ଼ି କାର୍ଯ୍ୟାଳୟ ପରିସରରେ ରବିବାର ପୂର୍ବାହ୍ନ ୧୧ଘଟିକା ସମୟରେ ଏକ କର୍ମୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ନୂତନ ବିଜେଡ଼ି ନଗର ସଭାପତି ତଥା ଯୁବନେତା ଅଚ୍ୟୁତ ଚରଣ ପ୍ରଧାନଙ୍କ ଆହ୍ୱାନରେ ନୀଳଗିରି ବିଜ୍ଞାପିତ ଅଂଚଳ ପରିଷଦର ୧୩ ଗୋଟି ୱାର୍ଡରୁ ଶତାଧିକ କର୍ମୀ ଓ ଜନତା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି କର୍ମୀ ସମ୍ମିଳନୀରେ ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ । ବକ୍ତବ୍ୟ ବର୍ତମାନର ବିଜେପି ସରକାରଙ୍କ ନୀତି ଉପରେ ବର୍ଷିଥିଲେ । ରାଜ୍ୟ ସରକାର ଦୁର୍ନୀତି, ଭ୍ରଷ୍ଟାଚାରରେ ବୁଡିରହିଥିବା ବେଳେ ନିର୍ବାଚନ ସମୟରେ ଜନତାଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଛନ୍ତି । ବର୍ତମାନର ସରକାର ଦିଶାହୀନ ସରକାର, ଏମାନଙ୍କ ପାଖରେ କୌଣସି ଲୋକ ହିତକର ଯୋଜନା ନାହିଁ । କେବଳ ରଙ୍ଗବଦଳାଇବା ଏମାନଙ୍କର କାମବୋଲି କହିବା ସହିତ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ କାର୍ଯ୍ୟକୁ ଏବେ ଲୋକେ ମନେପକାଇଲେଣି । ଆଗାମୀ ଦିନରେ ବିଜେପିକୁ ପ୍ରତ୍ୟାଖ୍ୟାନ କରିବେ ଏବଂ ବିଜେଡ଼ି ପୁନର୍ବାର କ୍ଷମତା ହାସଲ କରିବ । ତେଣୁ ବିଜେଡ଼ି କର୍ମକର୍ତାମାନେ ତୃଣମୂଳ ସ୍ତରରେ ଜନସାଧାରଣଙ୍କ ପାଖରେ ପହଂଚି ପୂର୍ବସରକାରର ନୀତି, ଆଦର୍ଶ ଏବଂ ବିକାଶ କାର୍ଯ୍ୟର ବାର୍ତା ପହଂଚାଇବାକୁ ଆହ୍ୱାନ ଦେଇଥିଲେ । ଫଳରେ ଖୁବଶୀଘ୍ର ବିଜେଡ଼ିର ସୁଶାସନ ଲୋକେ ପାଇପାରିବେ ବୋଲି ଦୃଢୋକ୍ତି କରିଥିଲେ । ନୂତନ ନଗର ସଭାପତି ଉଦୀୟମାନ ଯୁବନେତା ଅଚ୍ୟୁତ ଚରଣ ପ୍ରଧାନଙ୍କ ନେତୃତ୍ୱରେ ନୀଳଗିରି ବିଜ୍ଞାପିତ ଅଂଚଳରେ ବିକାଶକୁ ଆଗେଇ ନେବାକୁ ହେଲେ ପୁଣି ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣକରି ଆଗାମୀ ନିର୍ବାଚନରେ ଦଳ ଏନଏସି ନିଶ୍ଚିତ ଦଖଲ କରିବ ବୋଲି ଏହି କର୍ମୀସମ୍ମିଳନୀରେ ଉପସ୍ଥିତ ନେତୃତ୍ୱ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେଡିନେତା ମଦନ ପୃଷ୍ଟି, ପୂର୍ବତନ ନଗରପାଳ ରାଧା ଗୋବିନ୍ଦ ଖଟୁଆ, ଉଦୟ ଜ୍ୟୋତି ମହାନ୍ତି, କ୍ଷେତ୍ରମୋହନ ସିଂ, ପୂର୍ବତନ ନଗରସଭାପତି ରବୀନ୍ଦ୍ର ପରିଡା, ରଶ୍ମିରଂଜନ ରାଉତ, ଆଇନଜୀବୀ କିଶୋର ଦାସ, ପୂର୍ବତନ କାଉନସିଲର ଲୋକନାଥ ଦଲେଇ, ଯୁବନେତା, ବୁଦ୍ଧଦେବ ସରକାର, ରବୀନ୍ଦ୍ର ମହଲ, ତପନ କୁମାର ଦାସ, ପ୍ରକାଶ ସିଂ, ଜଗବନ୍ଧୁ ମୁନିଙ୍କ ସହ ବହୁ ବିଜେଡ଼ି କାର୍ଯ୍ୟକର୍ତା ଯୋଗଦେଇ ବିଜେପି ସରକାରଙ୍କ ଉପରେ ବର୍ଷିବାସହିତ ପୁଣି ବିଜେଡ଼ିର ସୁଶାସନ ଫେରି ପାଇବାକୁ ଦମ୍ଭୋକ୍ତି କରିଥିଲେ । ଆଜିର ଏହି ସମ୍ମିଳନୀରେ ଏକ ମିଶ୍ରଣ ପର୍ବର ଆୟୋଜନ ହୋଇଥିଲା । ଏନଏସିର ୪ନଂ ୱାର୍ଡରୁ ୨୯ଜଣ କର୍ମୀ ଅନ୍ୟଦଳ ଛାଡି ବିଜେଡିରେ ସାମିଲ ହୋଇଥିବା ବେଳେ ଦଳ ତରଫରୁ ତାଙ୍କୁ ଉତରୀୟଦେଇ ଦଳକୁ ସ୍ୱାଗତ କରାଯାଇଥିଲା । ଏମାନଙ୍କ ମିଶ୍ରଣପରେ ଦଳ ଅଧିକ ଶକ୍ତିଶାଳୀ ହେବବୋଲି ନବନିଯୁକ୍ତ ନଗରସଭାପତି ଅଚ୍ୟୁତ ପ୍ରଧାନ ସୂଚନା ଦେଇଛନ୍ତି ।

## କବିବର ରାଧାନାଥ ରାୟଙ୍କ ୧୧୮ତମ ଶ୍ରାଦ୍ଧ ଓ ସାଂସ୍କୃତିକ ସମାରୋହ ଉଦ୍‌ଯାପିତ

ସୋର(ନିପ୍ର): ସୋର ରାଧାନାଥ ପାଠାଗାର ଓ ଓଡ଼ିଆ ଭାଷା ସାହିତ୍ୟ ଓ ସାଂସ୍କୃତି ବିଭାଗ ଆନୁକୂଲ୍ୟରେ କବିବର ରାଧାନାଥ ରାୟଙ୍କ ୧୧୮ ତମ ଶ୍ରାଦ୍ଧ ଓ ୮୧ ତମ ସାଂସ୍କୃତିକ ସମାରୋହ ତୃତିୟ ଦିନରେ ଉଦ୍‌ଯାପିତ ହୋଇଯାଇଛି । ପାଠାଗାର ସଭାପତି ପର୍ଶୁରାମ ଧଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କବି ସେନାପତି ପ୍ରଦ୍ୟୁମ୍ନ କେଶରୀ ଓଡ଼ିଆ ଭାଷା ଆନ୍ଦୋଳନର ସନ୍ଧିକ୍ଷଣରେ ରାଧାନାଥଙ୍କ ଭଳି ସ୍ରଷ୍ଟାମାନଙ୍କର ଅପୂର୍ବ କୃତିତ୍ୱ ଓଡ଼ିଶା ଭାଷା ଭିତିକ ରାଜ୍ୟ ଗଠିତ ହୋଇପରିଥିଲା । ମୁଖ୍ୟ ବକ୍ତା ଭାବେ ଡ. ଜ୍ଞାନୀଦେବାଶିଷ



କହିଲେ ଯେ ଓଡ଼ିଶାର ଭାଗ୍ୟ ନିର୍ମାଣରେ ରାଧାନାଥଙ୍କ ଭୂମିକା ଥିଲା ସ୍ୱତନ୍ତ୍ର, ଆମ ଜାତୀୟ ଅସ୍ମିତାକୁ ଉପସ୍ଥାପିତ କରିବାକୁ ପଛେଇ ନାହାଁନ୍ତି । ବରେଣ୍ୟ ଅତିଥି ଭାବେ କବି ସୁବ୍ରତ ଦାସ ଯୋଗଦେଇ କହିଲେ ଯେ ଓଡ଼ିଆ ଜାତିର ସ୍ୱାଭିମାନକୁ, ସଂସ୍କୃତିକୁ ମହାଭାରତୀୟ ମହନୀୟତାରେ ଦେଖି ଦେଖେଇବାର ଅପୂର୍ବ ବିନ୍ଧାଣି ଥିଲେ କବିବର ରାଧାନାଥ ରାୟ । ଏହି ଅବସରରେ +୨ ଏବଂ +୩ କଲେଜ ସ୍ତରୀୟ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ସଂପାଦକ ଦାମୋଦର ଦାଶ ମହାପାତ୍ର ବିବରାଣୀ ପାଠ କରିଥିବା ବେଳେ କଳମଲୋଚନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ଭାରତୀ ମହାନ୍ତି ଭାରତ ଗୀତିକା ଗାନ କରିଥିବା ବେଳେ ପୁଷ୍ପାଞ୍ଜଳି ନାୟକ କବି ବନ୍ଦନା ଗାନ କରିଥିଲେ । ରବୀନ୍ଦ୍ର କୁମାର ଦାସ, ଡ. ରବୀନ୍ଦ୍ର ବିହାରୀ, ଅଶୋକ କୁମାର ମହାନ୍ତି, ମନ୍ମଥ ଦୀକ୍ଷିତ, ମହେଶ୍ୱର ପଣ୍ଡା, ଚେମେଇ ଦାସ ପ୍ରମୁଖ ପରିଚାଳନା କରିଥିବା ବେଳେ ଅନ୍ୟ ସଦସ୍ୟ ସଦସ୍ୟାମାନେ ସହଯୋଗ କରିଥିଲେ । ଶେଷରେ ମନୋରଂନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ସନ୍ତରାଗଡ଼ିଆ ମୁନି ସମାଜର କ୍ରିୟା ଯୋଗ ବୈଠକ

ନୀଳଗିରି(ନିପ୍ର): ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଂଚାୟତ ଅଧୀନ ସନ୍ତରାଗଡ଼ିଆ ବଜାର ସଂଲଗ୍ନ ମୁନି ସମାଜ ଗୃହ ରେ ସନ୍ତରାଗଡିଆ ମୁନି ସମାଜ ର କ୍ରିୟା ଯୋଗ ବୈଠକ ଅନୁଷ୍ଠିତ ହୋଇ ଯାଇଛି କ୍ଷ ଉକ୍ତ ବୈଠକ ମୁନି ଚିନ୍ତାମଣି ରାଉତଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିବା ବେଳେ, ସୋର ଶାଖା ଯୋଗ ଶିକ୍ଷକ ଜଗନ୍ନାଥ ବାରିକ ମୁଖ୍ୟ ଅତିଥି ଏବଂ ସନ୍ତରାଗଡିଆ ଯୋଗ ଶିକ୍ଷକ ମୁନି ରତ୍ନ ଗୌରଣ ପଟ୍ଟନାୟକ ମୁଖ୍ୟ ବକ୍ତା ଭାବେ ମଂଚାସିନ ରହି ଯୋଗ ମାଧ୍ୟମରେ ଶରୀର କୁ ରୋଗ ମୁକ୍ତ କରିବାର ବିଭିନ୍ନ ମାଧ୍ୟମ ସମ୍ପର୍କରେ ଉଦବୋଧନ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜ୍ଞାନ ରଞ୍ଜନ ନାୟକ, ଗୟାଧର ନାୟକ ଗୀତାଞ୍ଜଳି ସ୍ୱାଇଁ, ମଞ୍ଜୁଲତା ବେହେରା, ସୁମିତ୍ରା ସାମଲ, ରମଣ ସାମଲ ପ୍ରମୁଖ ୫୦ରୁ ଉର୍ଦ୍ଧ ମୁନି ସମାଜ ର ସଦସ୍ୟ ସଦସ୍ୟା ମାନେ ଉପସ୍ଥିତ ରହି ମାସିକ ଆଲୋଚନା ଚକ୍ର ରେ ଅଂଶ ଗ୍ରହଣ କରିବା ସହିତ କ୍ରିୟା ଯୋଗ ଅଭ୍ୟାସ ରେ ଅଂଶଗ୍ରହଣ କରିଥିଲେ ।

## ସଂଚିତ ଅର୍ଥକୁ ବୃଦ୍ଧାଶ୍ରମ ନିର୍ମାଣରେ ଲଗାଇଲେ ଶିକ୍ଷକ ମାୟାଧର

ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଡୁଙ୍ଗୁରା ଦର୍ଶନପ୍ରସାଦ ସରକାରୀ ହାଇସ୍କୁଲର ପ୍ରଧାନଶିକ୍ଷକ ମାୟାଧର ସାହୁ । ଅବସର ସମୟ ପୁରିବାକୁ ଆଉ ମାତ୍ର ୨ମାସ ରହିଲା । ହେଲେ ତାଙ୍କର କିଛି ମହାନଚିନ୍ତା ଓ ମହାନକାର୍ଯ୍ୟ ଯୋଗୁଁ ସମାଜ ସବୁଦିନ ପାଇଁ ମନେ ରଖିବ ଏଥିରେ ସନ୍ଦେହ ନାହିଁ । ହରିପୁର ପଂଚାୟତ ତାଳକୁରୁଆ ଗ୍ରାମର ଉକ୍ତ ଶିକ୍ଷକ ବୈବାହିକ ଜିବନରୁ ଦୁରେଇ ରହି ଶିକ୍ଷାଦାନକୁ ନିଶା ଓ ପେଶା ଭାବେ ଗ୍ରହଣ କରିଥିଲେ । ତାଙ୍କର ସଂଚିତ ଅର୍ଥକୁ ମହାନ କାର୍ଯ୍ୟରେ ଲଗାଇବା ଲକ୍ଷରେ ଘର ଠାରୁ କିଛିଦୁର ପଦୁନା ସ୍କୁଲ ନିକଟରେ ଥିବା ପୈତୃକ ସମ୍ପଂତିରେ ଏକ ବୃଦ୍ଧାଶ୍ରମ ଖୋଲିବାକୁ ନିଷ୍ପତି ନେଇ ବର୍ଷେ ତଳୁ ଘର ନିର୍ମାଣ କରିଥିଲେ । ପିତା ସ୍ୱର୍ଗତ ଯଶୋବନ୍ତ ସାହୁଙ୍କ ସ୍ମୃତିରେ ଟ୍ରଷ୍ଟ ସ୍ଥାପନା କରିବା ପରେ ଏବେ ୩୦ଶଯ୍ୟା ବିଶିଷ୍ଟ ଘରର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିଛି । ଆସନ୍ତା ୨୦ତାରିଖରେ ଆଶ୍ରମ ପ୍ରତିଷ୍ଠା ପାଇଁ ଦିନ ସ୍ଥିର କରାଯାଇଥିବା ବେଳେ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏଭଳି ମହାନ ଚିନ୍ତାଧାରା ସମ୍ପର୍କରେ ମାୟାଧର ସାହୁଙ୍କୁ ପଚାରିବାରେ ବହୁ ପରିବାରରେ ମାବାପା ମାନଙ୍କୁ ଅଦରକାରୀ ବସ୍ତୁ ଭାବେ ବିବେଚନା କରାଯାଉଛି । ବହୁ ପୂର୍ବରୁ ଏଭଳି ସ୍ୱର୍ଶକାତର ବିଷୟ ତାଙ୍କୁ ମାନସିକ ସ୍ତରରେ ଆଘାତ ଦେଇଥିଲା । ଏଣୁ ଏକ ବୃଦ୍ଧାଶ୍ରମ ନିର୍ମାଣ ପାଇଁ ନିଷ୍ପତି ନେଇଥିଲେ । ତାଙ୍କ ଗ୍ରାଚୁଇଟି ତଥା ଅନ୍ୟାନ୍ୟ ଫଣ୍ଡରୁ ଘର ନିର୍ମାଣ ଏବଂ ଟ୍ରଷ୍ଟ ସ୍ଥାପନା ବାବଦକୁ ୧କୋଟି ଟଙ୍କା ଖର୍ଚ୍ଚ କରି ସାରିଲେଣି । ଆଗକୁ ଆଉ ଯାହାବି ଲାଗିବ ସେ ଯଥାସମ୍ଭବ ସେ ଭରଣା କରିବେ । ତେବେ ଆଶ୍ରମକୁ ଦୀର୍ଘମିଆଦି ସୁତ୍ରରେ ଚଳାଇବା ଲକ୍ଷରେ ସେ ଖଇରା ଅଂଚଳର ସମସ୍ତ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ କାମନା କରିଛନ୍ତି । ବୈବାହିକ ଜିବନ ପ୍ରତି ବୈରାଗ୍ୟ ସମ୍ପର୍କରେ ତାଙ୍କ ମତାମତ ନେବାରେ ପିଲା ବେଳେ ତାଙ୍କ ଆଖି ସାମନାରେ ଜଣେ ପୁଅ ତାର ବୃଦ୍ଧ ମାଙ୍କୁ ଟେକିଆଣି ବାହାରକୁ ଫିଙ୍ଗି ଦେବା ତାଙ୍କୁ ବ୍ୟଥିତ କରିଥିଲା ଯେଉଁଥିପାଇଁ ବିବାହ ପ୍ରତି ବିତୃଷ୍ଣା ଆସିଥିଲା ବୋଲି କହିଛନ୍ତି ।

## ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ‘ପ୍ରବୃଦ୍ଧ ନାଗରିକ ସଗୋଷ୍ଠୀ’ କାର୍ଯ୍ୟକ୍ରମ ଅନୁଷ୍ଠିତ

ତାଳଚେର(ନିପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଯୋଜନା ଅନୁଯାୟୀ ତାଳଚେର ନଗର ତରଫରୁ ‘ପ୍ରବୃଦ୍ଧ ନାଗରିକ ସଂଗୋଷ୍ଠୀ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ତାଳଚେର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧକ୍ଷ ମେଜର ସୁବ୍ରତ ଦାସ, ଯୋଗଦେଇ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ର ବିଚାର ଉପରେ ପ୍ରକାଶ କରିଥିଲେ । ମୁଖ୍ୟ ବକ୍ତା ଭାବରେ ପ୍ରଧାପକ ତଥା ଆର ଏସ ଏସ ର କ୍ଷେତ୍ର କାର୍ଯ୍ୟବାହ ଦୁର୍ଗାଚରଣ ସାହୁ ଯୋଗଦେଇ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଦେଶ, ସମାଜ ଓ ଧର୍ମ ପ୍ରଥମ ଆଧାରରେ କାର୍ଯ୍ୟରତ ବୋଲି ପ୍ରକାଶ କରିଥିଲେ । ଶତାବ୍ଦୀ ବର୍ଷରେ ସଂଘ ର ୧୩୫୦୦୦ ସ୍ଥାନରେ




ଶାଖା ଚାଲିଛି, ବିଦେଶରେ ୬୨ ଦେଶରେ ସଂଘ ର କାର୍ଯ୍ୟକ୍ରମ ଚାଲିଛି । ସଂଘ ଏକ ସଂସ୍ଥା କିମ୍ବା ସଂଗଠନ ନୁହେଁ ଏହା ଏଭଲ୍ୟୁସନ ଅଫ ଲାଇଫ ଅଫ ହିନ୍ଦୁ ନେସନ ବୋଲି ସେ କହିଥିଲେ । ସଂଘର ମୂଳ କାର୍ଯ୍ୟ ସମାଜ ପରିବର୍ତନ ବୋଲି ସେ କହିଥିଲେ । ଶତାବ୍ଦୀ ବର୍ଷରେ ସରପଂଚ ପରିବର୍ତନ ଉପରେ ବିସ୍ତୃତ ଭାବେ ବ୍ୟାଖ୍ୟା କରିଥିଲେ । ୩୫୦ରୁ ଉର୍ଦ୍ଧ ବୁଦ୍ଧିଜୀବୀଙ୍କର ବିଭିନ୍ନ ପ୍ରଶ୍ନର ଉତର ରଖିଥିଲେ ଶ୍ରୀଯୁକ୍ତ ସାହୁ । ସମ୍ମାନିତ ଅତିଥି ଅନୁଗୋଳ ଜିଲ୍ଲା ସଂଘ ଚାଳକ ବିଜୟ କୁମାର ସାହୁ, ତାଳଚେର ନଗର ସଂଘ ଚାଳକ ପ୍ରମୋଦ କୁମାର କୁଣ୍ଡ ମଂଚାସୀନ ଥିଲେ । ଉକ୍ତ ବୁଦ୍ଧିଜୀବୀ ସମ୍ମିଳନୀରେ ତାଳଚେର ଅଂଚଳର ଡାକ୍ତର, ଇଂଜିନିୟର, ବୈଜ୍ଞାନିକ, ଓକିଲ, ସାମ୍ବାଦିକ, ଗବେଷକ, ଅଧ୍ୟାପକ, ପ୍ରଧାପକ, ଶିକ୍ଷକ, ଅବସରପ୍ରାପ୍ତ ସୈନିକ, ବ୍ୟବସାୟୀ, ସମାଜସେବୀ, ଶ୍ରମିକ ନେତା, କଳାକାର, ବିଭିନ୍ନ ଧାର୍ମିକ ବ୍ୟକ୍ତି ଇତ୍ୟାଦି ୧୧ଟି ବୃତି ର ବୁଦ୍ଧିଜୀବୀ ଗଣ ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସହ ଜିଲ୍ଲା ସଂଘ ଚାଳକ ଗିରିଧାରୀ ଶତପଥି, ଜିଲ୍ଲା କାର୍ଯ୍ୟବାହ ଅନିଲ ମହାନ୍ତି, ସହ ଜିଲ୍ଲା କାର୍ଯ୍ୟବାହ ବାବୁଲି ସାମଲ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ମାୟାଧର ସାହୁ, ଉପସ୍ଥିତ ଥିଲେ କାର୍ଯ୍ୟକ୍ରମ ର ସହ ସଂଯୋଜକ ପର୍ଶୁରାମ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡି ଛୁଆଁ କାର୍ଯ୍ୟକ୍ରମ

କେନ୍ଦୁଝର,(ନି.ପ୍ର) କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ରହିଥ?ିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ମଧ୍ୟରେ ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ସହ ଶିକ୍ଷା ସଚେତନତା ରଥ ପରିକ୍ରମା ଉଦଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି? ଭାବେ ବିଡ଼ିଓ ହୃଦାନନ୍ଦ ଅଡା ଯୋଗଦାନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଭଗବାନ ମିଶ୍ର, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ନବକିଶୋର ସାମଲ, ଜୟନ୍ତୀ ମଲ୍ଲିକ, ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ମହେନ୍ଦ୍ର ପଟ୍ଟନାୟକ, ସାଂସଦ ପ୍ରତିନିଧି ପଂଚାନନ ସାହୁ, ଶିକ୍ଷା ବିଭାଗର ସାଂସଦ ପ୍ରତିନିଧି ବିଜୟାନନ୍ଦ ବେହେରା,



ଅବସରପ୍ରାପ୍ତ ଶିକ୍ଷକ ନିରାକାର ବେହେରା, ବିଦ୍ୟାଳୟ ପରିଚାଳନା ସଭାପତି ଦିପକ କୁମାର ସାହୁ,ଉପ ସଭାପତି ଗୀତାଞ୍ଜଳି ପାତ୍ର, ସମରେନ୍ଦ୍ର ବେହେରା, ସଦସ୍ୟ ଅରବିନ୍ଦ ବେହେରା ଯୋଗଦାନ କରିଥିଲେ । ଶିଶୁ ବାଟିକା ରେ ନାମ ଲେଖାଇ ଥିବା ସମସ୍ତ କୁନି କୁନି ପିଲା ମାନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ । ପିଲା ମାନଙ୍କୁ ଫୁଲ, ଚନ୍ଦନ, ଦେଇ ଖଡି ଛୁଆଁଇ ନୂଆ ଶିକ୍ଷା ଆରମ୍ଭ କରିଥିଲେ । ସମଗ୍ର ଶିକ୍ଷା କେନ୍ଦୁଝର ପକ୍ଷରୁ ପିଲା ମାନଙ୍କୁ ସ୍କୁଲ ବ୍ୟାଗ ସହିତ ପ୍ଲେଟ, ରଙ୍ଗ ପେନସିଲ ପ୍ରଦାନ କରିଥିଲେ । ବ୍ଲକର ୨୨ ଗୋଟି ପଂଚାୟତ କୁ ସଚେତନତା ରଥ ପରିକ୍ରମା କରି ଶିକ୍ଷା ସଚେତନ ?ତାବାର୍ତା ପ୍ରଦାନ କରିବ ବୋଲି ମୁଖ୍ୟ ଅତିଥି ସୂଚନା ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ପରିଚାଳନା ରେ ସହଯୋଗ କରିଥିଲେ ।

# ଓଡ଼ିଆ ପକ୍ଷ ଅବସରରେ ଏକ ଐତିହ୍ୟ ଗଣଦୌଡ଼ କାର୍ଯ୍ୟକ୍ରମ

ବ୍ରହ୍ମପୁର(ନି.ପ୍ର.) : ଆଜି ଓଡ଼ିଆ ପକ୍ଷ ଅବସରରେ ଏକ ଐତିହ୍ୟ ଗଣଦୌଡ କାର୍ଯ୍ୟକ୍ରମ ମାନ୍ୟବର ବିଧାୟକଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା । ଏହି ଗଣଦୌଡ ମହାତ୍ମା ଗାନ୍ଧୀ ଷ୍ଟାଡିୟମ୍ ଠାରୁ ଆରମ୍ଭ ହୋଇ ଖଲ୍ଲିକୋଟ କଲେଜ ପର୍ଯ୍ୟନ୍ତ ଯାଇ ପୁନର୍ବାର ଷ୍ଟାଡିୟମ୍ ?କୁ ଫେରିଥିଲା ।ଏହି କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ, ବ୍ରହ୍ମପୁର ; ମେୟର, ଡେପୁଟି ମେୟର ବ୍ରହ୍ମପୁର ମହାନଗର ନିଗମ; କମିଶନର; ମହାନଗର ନିଗମ ବ୍ରହ୍ମପୁର, ଉପ ଜିଲ୍ଲାପାଳ, ବ୍ରହ୍ମପୁର



ଓ ଜିଲ୍ଲା କ୍ରୀଡା ଅଧିକାରୀ, ଗଞ୍ଜାମ ଯୋଗଦେଇଥିଲେ । ଏହି ଗଣଦୌଡରେ ପ୍ରାୟ ୫୦୦ରୁ ଅଧିକ ବୁଦ୍ଧିଜୀବୀ, ମହିଳା, ଯୁବକ, ଛାତ୍ରଛାତ୍ରୀ ଓ ସାଧାରଣ ଲୋକମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଆଜିର ଏହି ଗଣ ଦୌଡ଼ ଅତ୍ୟନ୍ତ ଅତ୍ୟନ୍ତ ଆନନ୍ଦ ଉଲ୍ଲାସ ସହିତ ସମାପନ ହୋଇଥିଲା । କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କୁ ଅଶେଷ ଧନ୍ୟବାଦ ଦିଆଯାଇ ଅଂଶଗ୍ରହଣକାରୀ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

# ଜଗାବଳିଆ ମଧ ଇଂରାଜୀ ବିଦ୍ୟାଳୟ ବନେଇକଳାରେ ୨୯ ତମ ବାର୍ଷିକ ଉତ୍ସବ

କେନ୍ଦୁଝର(ନି.ପ୍ର.), କେନ୍ଦୁଝର ଜିଲ୍ଲାର ସଦର ବ୍ଲକ୍ ଅନ୍ତର୍ଗତ ଜଗାବଳିଆ ମଧ ଇଂରାଜୀ ବିଦ୍ୟାଳୟ ବନେଇକଳାରେ ୨୯ ତମ ବାର୍ଷିକ ଉତ୍ସବ ଉତ୍ସାହ ଓ ଆନନ୍ଦମୟ ପରିବେଶ ମଧ୍ୟରେ ଧୂମଧାମରେ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିସର ଉତ୍ସବମୁଖର ହୋଇଉଠିଥିଲା ଏବଂ ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍ଥାନୀୟ ଲୋକମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଏହି ଉତ୍ସବରେ କେନ୍ଦୁଝର ସଦର ପଂଚାୟତ ସମିତି ଅଧ୍ୟକ୍ଷା ଜ୍ୟତିର୍ମୟୀ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷାର ମାନୋନ୍ନତି, ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ଓ ନୂତନ ପିଢ଼ୀକୁ ସଠିକ୍ ଦିଗରେ ଗଢ଼ିତୋଳିବାରେ ଶିକ୍ଷକମାନଙ୍କ ଭୂମିକା ବିଷୟରେ ଗଭୀର ମତ ପ୍ରକାଶ କରିଥିଲେ । ସେ କହିଥିଲେ ଯେ, ଶିକ୍ଷା କେବଳ ପୁସ୍ତକୀୟ ଜ୍ଞାନରେ ସୀମିତ ନୁହେଁ, ବରଂ ନୈତିକତା, ଶିଷ୍ଟାଚାର ଓ ସଂସ୍କାର ମଧ ଏଥିରେ ଅଂଶୀଦାର ।

ମୁଖ୍ୟବକ୍ତା ଭାବେ ଜିଲ୍ଲା ବିଜେପି ଉପସଭାପତି ବିବେକାନନ୍ଦ ମହାନ୍ତ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଦୃଢ଼ ସଂକଳ୍ପ, ପରିଶ୍ରମ ଓ ଶିକ୍ଷାପ୍ରତି ଆଗ୍ରହ ବଢ଼ାଇବାକୁ ଆହ୍ୱାନ କରିଥିଲେ । ସେ ଉଲ୍ଲେଖ କରିଥିଲେ ଯେ, ଆଜିର ଛାତ୍ରଛାତ୍ରୀମାନେ ଆଗାମୀ ଦିନର ଦେଶର ଭବିଷ୍ୟତ, ସେହିପରି ସେମାନେ ନିଜ ଲକ୍ଷ୍ୟକୁ ସ୍ପଷ୍ଟ କରି ଆଗକୁ ବଢ଼ିବା ଉଚିତ । ସମ୍ମାନିତ ଅତିଥି ଭାବେ ସଦର ବ୍ଲକ୍ ଅତିରିକ୍ତ ଗୋଷ୍ଠି ଉର୍ଣ୍ଣୟନ ଅଧିକାରୀ ତରଣିସେନ୍ ମୁଣ୍ଡା ଯୋଗଦେଇ ବିଦ୍ୟାଳୟର ଶିକ୍ଷାଗତ କାର୍ଯ୍ୟକାପକୁ ପ୍ରଶଂସା କରିଥିଲେ ଏବଂ ଛାତ୍ରଛାତ୍ରୀମାନଙ୍କ ସମଗ୍ର ଉନ୍ନତି ପାଇଁ ଏପରି କାର୍ଯ୍ୟକ୍ରମର ଆବଶ୍ୟକତା ଉଲ୍ଲେଖ କରିଥିଲେ । ବିଜେପି ରାଇକା ପଂଚାୟତ ପ୍ରମୁଖ ଭରତ ଚନ୍ଦ୍ର ମହାନ୍ତ ମଧ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଗୌରବାନ୍ୱିତ କରିଥିଲେ ।

ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭରତ କୁମାର ମହାନ୍ତ ଅଧ୍ୟକ୍ଷତା କରି ସମସ୍ତ ଅତିଥି ଓ ଅଭିଭାବକମାନଙ୍କୁ ସ୍ୱାଗତ ଜଣାଇଥିଲେ ଏବଂ ବିଦ୍ୟାଳୟର ଗତିବିଧି ଓଉନ୍ନତି ସମ୍ପର୍କରେ ତଥ୍ୟ ରଖିଥିଲେ । ସହକାରୀ ଶିକ୍ଷକ ଶ୍ରୀନିବାସ ମହାନ୍ତ ସହ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଉତ୍ସବର ମୁଖ୍ୟ ଆକର୍ଷଣ ଥିା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟ, ସଙ୍ଗୀତ, ନାଟକ ଓ ଅନ୍ୟାନ୍ୟ ମନୋରଞ୍ଜନମୂଳକ ପ୍ରଦର୍ଶନ, ଯାହା ଦର୍ଶକମାନଙ୍କୁ ମନୋମୁଗ୍ଧ କରିଥିଲା । ଉତ୍କୃଷ୍ଟ ଫଳାଫଳ କରିଥିବା ଓ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଦେଖାଇଥିବା ଛାତ୍ରଛାତ୍ରୀମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା ।

ଶେଷରେ ସମସ୍ତ ଅତିଥିଙ୍କୁ ସମ୍ମାନିତ କରାଯାଇଥିଲା ଏବଂ ଧନ୍ୟବାଦ ଜ୍ଞାପନ ସହ କାର୍ଯ୍ୟକ୍ରମର ସମାପ୍ତି ଘୋଷଣା କରାଯାଇଥିଲା ।

# ଓଡ଼ିଆ ପକ୍ଷ ପାଳନ ଅବସରରେ ଐତିହ୍ୟ ଗଣଦୌଡ଼

କେନ୍ଦୁଝର, (ନିପ୍ର) ସମୃଦ୍ଧ ଶିଳ୍ପ-ସ୍ଥାପତ୍ୟ, କଳା-ଭାସ୍କର୍ଯ୍ୟ, ସାଂସ୍କୃତିକ ବିଭବ ଏବଂ ଐତିହ୍ୟ କୀର୍ତିରାଜିରେ ପରିପୂର୍ଣ୍ଣ ଆମ ରାଜ୍ୟ ଓଡ଼ିଶା । ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଶାରେ ରହିଥିବା ଐତିହ୍ୟ ସ୍ଥଳୀଗୁଡ଼ିକର ବହୁଳ ପ୍ରଚାର ଓ ପ୍ରସାର କରିବା ଏବଂ ଯୁବପିଢ଼ିଙ୍କୁ ଏହାର ଗୌରବମୟ ଇତିହାସ ସମ୍ବନ୍ଧରେ ଅବଗତ କରାଇବା ନିମନ୍ତେ ରାଜ୍ୟବ୍ୟାପୀ ଆୟୋଜିତ ହେଉଛି ଐତିହ୍ୟ ଗଣଦୌଡ । ଓଡ଼ିଆ ପକ୍ଷର ପଂଚମ ଦିବସରେ ରବିବାର କେନ୍ଦୁଝରଠାରେ ଶ୍ରୀଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପ୍ରାଙ୍ଗଣରୁ ସିଦ୍ଧମଠ ଯାଏଁ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା । ଏଥିରେ ଶହ ଶହ ସଂଖ୍ୟାରେ କେନ୍ଦୁଝରର ଜନସାଧାରଣ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏବଂ ଜିଲ୍ଲାସ୍ତରୀୟ ବରିଷ୍ଠ




ଅଧିକାରୀ ମାନେ ଯୋଗ ଦେଇଥିଲେ । ଓଡ଼ିଆ ପକ୍ଷ ପାଳନର ଉତ୍ସାହ ସମସ୍ତଙ୍କ ମଧ୍ୟରେ ପରିଲକ୍ଷିତ ହୋଇଥିଲା । ଏଥିସହିତ ଏହି ପ୍ରାଚୀନ ମନ୍ଦିରର ବୈଭବକୁ ଯୁବପିଢ଼ିଙ୍କ ମଧ୍ୟରେ ଆହୁରି ଉଜ୍ଜୀବିତ କରିବା ପାଇଁ ସମସ୍ତେ ଏଠାରେ ନିଜର ସେଲ୍ଫି ଉଠାଇ ଏହାକୁ ସାମାଜିକ ଗଣମାଧ୍ୟମରେ ଅପଲୋଡ଼ ମଧ କରିଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଦୌଡ଼ର ଆନୁଷ୍ଠାନିକ ଶୁଭାରମ୍ଭ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଜିଲ୍ଲା ଅବକାରୀ ଅଧିକ୍ଷକ ତେଜରାଜ ଜାନି, ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ କୁମାର ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକ ଓ କ୍ରୀଡ଼ା ପ୍ରଶିକ୍ଷକ ଜିତେନ୍ଦ୍ର କୁମାର ମହାକୁଡ଼ ପ୍ରମୁଖ ସାମିଲ ହୋଇଥିଲେ ।

# ଅବସରପ୍ରାପ୍ତ ଶିକ୍ଷାବିତ୍ ଚିନ୍ମୟ କୁମାର ମହାପାତ୍ରଙ୍କୁ ଭାବବିହ୍ୱଳ ସମ୍ବର୍ଦ୍ଧନା

ଝାରସୁଗୁଡ଼ା(ନି.ପ୍ର.)ଝାରସୁଗୁଡ଼ା ଡିଏଭି ପରିବାର ତରଫରୁ ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ପ୍ରଖ୍ୟାତ ଶିକ୍ଷାବିତ ଚିନ୍ମୟ କୁମାର ମହାପାତ୍ରଙ୍କୁ ଏକ ଗମ୍ଭୀର ଏବଂ ଭାବବିହ୍ୱଳ ପରିବେଶରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ସ୍ଥାପନା କାଳରୁ ନିରନ୍ତର ଭାବେ ସଂସ୍ଥା ସହ ଅଖଣ୍ଡ ଭାବରେ ଜଡ଼ିତ ଥିବା ଶ୍ରୀ ମହାପାତ୍ରଙ୍କ




ଅସାମାନ୍ୟ ଅବଦାନକୁ ସ୍ମରଣ କରାଯାଇଥିଲା ଓ ସଭାରେ ଶ୍ରୀ ମହାପାତ୍ରଙ୍କ ଦୃଷ୍ଟିସମ୍ପନ୍ନ ନେତୃତ୍ୱ, ଶିକ୍ଷା ପ୍ରତି ନିଷ୍ଠା ଓ ସଂସ୍ଥାର ସମଗ୍ର ଉନ୍ନତି ପାଇଁ ତାଙ୍କର ଅବିରତ ପ୍ରୟାସକୁ ସମସ୍ତେ ଉଚ୍ଚ ସ୍ୱରରେ ପ୍ରଶଂସା କରିବା । ଏହି ଅବସରରେ ବିଦ୍ୟାଳୟ ତରଫରୁ ଶ୍ରୀ ମହାପାତ୍ରଙ୍କ ସମ୍ମାନାର୍ଥେ ଉତରୀୟ ଓ ସ୍ମୃତିଫଳକ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶ୍ରୀ ମହାପାତ୍ର ପୂର୍ବରୁ ପୁରୀ ଡିଏଭି, ବ୍ରଜରାଜନଗର ଇବ ଭ୍ୟାଲି ଡିଏଭି ଓ ବ୍ରଜରାଜନଗର ସମଲେଶ୍ୱରୀ ଖୋଲା ଖଣି ପ୍ରକଳ୍ପ ଡିଏଭିରେ ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରି ପରିଶେଷରେ କାର୍ଯ୍ୟରୁ ଅବସର ନେଇଛନ୍ତି । ସମ୍ବର୍ଦ୍ଧନା ସଭାରେ ଶ୍ରୀ ମହାପାତ୍ର ଡିଏଭି ପରିବାର ପ୍ରତି ତାଙ୍କର ଗଭୀର କୃତଜ୍ଞତା ଜଣାଇବା ସହ ବିଦ୍ୟାଳୟ ସହିତ ଜଡ଼ିତ ନିଜ ଦୀର୍ଘ ଯାତ୍ରାର ଅନୁଭବମାନଙ୍କୁ ସ୍ମୃତିମୟ ଶୈଳୀରେ ଉପସ୍ଥାପନ କରିଥିଲେ ଏବଂ ଝାରସୁଗୁଡ଼ା ଡିଏଭିର ସ୍ୱର୍ଣ୍ଣିମ ଇତିହାସ ଦୋହାରାଇବା ସହିତ ଡିଏଭି ପରିବାର ପ୍ରତି ତାଙ୍କର ଏହି ସମ୍ପର୍କ ସଦା ସ୍ନେହ, ଶ୍ରଦ୍ଧା ଓ ମୂଲ୍ୟବୋଧର ଏକ ଅବିଚ୍ଛିନ୍ନ ବନ୍ଧନ ଭାବେ ରହିବ ବୋଲି ଭାବବ୍ୟକ୍ତ କରିଥିଲେ ଓ ବିଦ୍ୟାଳୟର ଶୀର୍ଷପ୍ରଗତି କାମନା କରିଥିଲେ । ସମେତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀବୃନ୍ଦ ଓ ଛାତ୍ରଛାତ୍ରୀ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଥିଲେ ।

# ଅମ୍ବାଦଳା ସରକାରୀ ବିଦ୍ୟାଳୟରେ ହିଂସା, ଦୁଇ ଛାତ୍ର ଗୁରୁତର

ରାୟଗଡ଼ା (ନି.ପ୍ର) ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକ ଅମ୍ବାଦଳା ସ୍ଥିତ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ହିଂସାର ଘଟଣା ସାମ୍ନାକୁ ଆସିଛି । ?ହଷ୍ଟେଲର କିଛି ଛାତ୍ର ଗତକାଲି ରାତ୍ର ସମୟରେ ହଷ୍ଟେଲରେ ଶୋଇଥିବା ବେଳେ ଦୁଇ/ତିନି ଜଣ ଛାତ୍ରଙ୍କୁ ନିଦରୁ ଉଠାଇ କିଛି ସିନିୟର ଛାତ୍ର ମଶାରି ବନ୍ଧା ହେଉଥିବା ଲୁହା ଛଡ଼ ଓ ବାଡ଼ିରେ ନିର୍ଦ୍ଧୁମ ମାଡ଼ ମାରିଥିବା ଅଭିଯୋଗ ହୋଇଛି । ଏହି ଆକ୍ରମଣରେ ଦୁଇ ଛାତ୍ର ଗୁରୁତର ଭାବେ ଆହତ ହୋଇ ଲହୁଲୁହାଣ ଅବସ୍ଥାରେ ପଡ଼ିଥିଲେ । ଆହତ ଛାତ୍ରମାନଙ୍କ ମଧ୍ୟରୁ ଜଣେ ଅଷ୍ଟମ ଶ୍ରେଣୀର ଓ ଅନ୍ୟଜଣେ ଦଶମ ଶ୍ରେଣୀର ବୋଲି ଜଣାପଡ଼ିଛି । ଘଟଣା ପରେ ଆକ୍ରମଣକାରୀ ସିନିୟର ଛାତ୍ରମାନେ ଏହି ବିଷୟରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି । ଘଟଣା ସଂପର୍କରେ ଆହତ ଛାତ୍ର ମାନେ ନିଜ ଅବିଭାବକଙ୍କୁ ଜଣାଇବା ପରେ ଅବିଭାବକମାନେ ଅମ୍ବାଦଳା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ଅଭିଯୋଗ ପରେ ଅମ୍ବାଦଳା ପୁଲିସ ଗୁରୁତର ଛାତ୍ର ଦୁଇଜଣଙ୍କୁ ଅମ୍ବାଦଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ପାଇଁ ଆଣିଥିଲେ । ଘଟଣା ପରେ ହଷ୍ଟେଲ ପରିସରରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଛାତ୍ର ଓ ଅଭିଭାବକମାନେ ବିଦ୍ୟାଳୟ ପରିଚାଳନା ଉପରେ ଗଭୀର ଅଭିଯୋଗ ଆଣିଥିବା ବେଳେ, ପ୍ରଧାନ ଶିକ୍ଷକଙ୍କ ଅବହେଳା ଖାମଖିଆଲ ନୀତି ଯୋଗୁଁ ଏଭଳି ଘଟଣା ଘଟିଥିବା ପୁଲିସକୁ ଲିଖିତ ଭାବ ?ରେ



ଅଭିଯୋଗ କରିଛନ୍ତି । ଏନେଇ ଆହାତ ଛାତ୍ରଙ୍କ ମାଁ ସଂଜିତା ହିକକା ଓ ସଂଯୁକ୍ତା ଉର୍ଲାକା ଅଭିଯୋଗ କରି କହିଛନ୍ତି ବିଦ୍ୟାଳୟରେ ବାରମ୍ବାର ଏପରି ଘଟଣା ଘଟୁଥିବାରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନେଇ ଗୁରୁତର ପ୍ରଶ୍ନ ଉଠିଛି ।ଏପର୍ଯ୍ୟନ୍ତ ଘଟଣା ସମ୍ପର୍କରେ ବିଦ୍ୟାଳୟ କର୍ତୃପକ୍ଷଙ୍କ ପକ୍ଷରୁ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ମିଳିପାରିନାହିଁ । କିଛି ଦିନ ପୂର୍ବରୁ ବିଦ୍ୟାଳୟ କର୍ତୃପକ୍ଷଙ୍କ ଅବହେଳାରୁ ଜଣେ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା । ଏନେଇ ପୁଲିସ ବ୍ଲକ ମଂଗଳ ସଂପ୍ରସାରଣ ଅଧିକାରୀଙ୍କୁ ଅବଗତ କରିବା ସହ କେଉଁ ପରିସ୍ଥିତି ଏଭଳି ଘଟଣା ଘଟିଲା ତାହା ତଦନ୍ତ କରାଯିବ ବୋଲି ଆମ୍ବଦଳା ଆଇଆଇସି ସୂର୍ଯ୍ୟଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ପ୍ରାୟ ୧ ବର୍ଷ ହେଲା ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ବିଭିନ୍ନ ଅନିୟମିତତା ଏବଂ ଅଭିଯୋଗ ହେଉଛି । କିନ୍ତୁ ମଙ୍ଗଳ ବିଭାଗ କିମ୍ବା ଜିଲ୍ଲା ମଙ୍ଗଳ ଅଧିକାରୀ କେ?ଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତେ ପ୍ରଧାନ ଶିକ୍ଷକଙ୍କୁ ସୁରକ୍ଷା ପ୍ରଦାନରେ ଲାଗିପଡିଛି ବୋଲି ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି ।

# ଓଡିଆ ପକ୍ଷ" ଅବସରରେ "ଐତିହ୍ୟ ଗଣ ଦୌଡ" ପାଳନ

ଝାରସୁଗୁଡା(ନି.ପ୍ର.) ଓଡିଶା ଦିବସ (୧ ଏପ୍ରିଲ) ଠାରୁ ନେଇ ଓଡିଆ ନବବର୍ଷ (୧୪ ଏପ୍ରିଲ) ପର୍ଯ୍ୟନ୍ତ ୧୪ ଦିନ ବ୍ୟାପୀ " ଓଡିଆ ପକ୍ଷ" ପାଳନ ଉପଲକ୍ଷେ ଆଜି ଜିଲ୍ଲା ପ୍ରଶାସନ ତରଫରୁ ଏକ ଐତିହ୍ୟ ଗଣ ଦୌଡ କାର୍ଯ୍ୟକ୍ରମର ଆୟୋଜନ କରଯାଇଥିଲା । ଏହି ସମାରୋହ ରେ ଛାତ୍ରଛାତ୍ରୀ, ଅଭିଭାବକ, ବରିଷ୍ଠ ନାଗରିକ, ସାମ୍ବାଦିକ ଏବଂ ସମାଜର ବିଭିନ୍ନ ବର୍ଗର ଜନସାଧାରଣ ଯୋଗ ଦେଇ କାର୍ଯ୍ୟକ୍ରମଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ପ୍ରତିନିଧି ଶ୍ରୀ ନଭଲ ଅଗ୍ରୱାଲ, ମାନ୍ୟବର ବିଧାୟକଙ୍କ



ପ୍ରତିନିଧି ଶ୍ରୀ ବଲୱିନ୍ଦର୍ ସିଂହ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବ୍ରଜ ବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶ୍ରୀ କିଶୋର ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ଏବଂ ଉଦ୍ଦେଶ୍ୟ ସମ୍ବନ୍ଧରେ ସମ୍ୟକ ଆଲୋକପାତ କରିଥିଲେ । ଏହି ଐତିହ୍ୟ ଗଣ ଦୌଡ କାର୍ଯ୍ୟକ୍ରମଟି ପି.ଏମ୍. ଶ୍ରୀ ହାଇସ୍କୁଲ, ପୁରୁଣାବସ୍ତି ରୁ ଝାଡ଼େଶ୍ୱର ମନ୍ଦିର, ଝାରସୁଗୁଡ଼ା ଠାରେ ସମାପନ ହୋଇଥିଲା । ଏହି କାର୍ଯ୍ୟକ୍ରମଟିକୁ ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଅମ୍ରିତ ଆଚାର୍ଯ୍ୟ ସୂଚାରୁ ରୂପେ ପରିଚାଳନା କରିଥିଲେ ।

# ତ୍ରିଧାରା ସାହିତ୍ୟ ସଂସଦ ବ୍ରହ୍ମପୁର ପକ୍ଷରୁ ମାସିକ ସାରସ୍ୱତ ସମାରୋହ

ବ୍ରହ୍ମପୁର(ନି.ପ୍ର.) : ତ୍ରିଧାରା ସାହିତ୍ୟ ସଂସଦ ବ୍ରହ୍ମପୁର ଗଞ୍ଜାମ ପକ୍ଷରୁ ଆୟୋଜିତ ମାସିକ ସାହିତ୍ୟ ଆସର କାର୍ଯ୍ୟକ୍ରମ ସ୍ଥାନୀୟ ଐତିହାସିକ ଗୌରବମୟ ଉତ୍କଳ ଆଶ୍ରମର ପାଠାଗାର ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଶିଷ୍ଟ ଗବେଷକ ଭେଙ୍କଟ ବିହାରୀ ପ୍ରହରାଜ ଓ ବରିଷ୍ଠ କବି ପ୍ରଫୁଲ୍ଲ କୁମାର ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ ଓ ପ୍ରାରମ୍ଭିକ ଭଜନ ଗାନ କରି ସଭାକାର୍ଯ୍ୟ କୁ ଆଗକୁ ନେବାରେ ସହଯୋଗ କରିଥିଲେ । ବିଶିଷ୍ଟ ସାହିତ୍ୟିକ ଡକ୍ଟର ସୁରେନ୍ଦ୍ର ନାଥ ପାଣିଗ୍ରାହୀ ସଭାପତି । ସଂସଦର ସମ୍ପାଦକ ଡକ୍ଟର ଲକ୍ଷ୍ମୀ ନାରାୟଣ ଦାଶ ସ୍ୱାଗତ ଭାଷଣ,ମଂଚ ସଂଚାଳନ କରିବା ସହ ସଂସଦର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ ୨୦୨୬ ର ବାର୍ଷିକ ମୁଖପତ୍ର ଭାରତୀ ର ମହିଳା ବିଶେଷାଙ୍କେ ପ୍ରକାଶିତ ହେବ ଏଥିରେ କବି ଓ ପ୍ରବନ୍ଧ ସ୍ଥାନିତ ହେବ । ସାହିତ୍ୟ




କ୍ଷେତ୍ରରେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ କରିବା ଉଚିତ । ମାଟି,ମାଆ ଓ ମାତୃଭାଷା ପ୍ରତି ନିଜକୁ ନିୟୋଜିତ ହୋଇଯିବା ଉଚିତ ।ଆମ ଅଂଚଳ ଓ ଆମ କିମ୍ବଦନ୍ତୀ କାର୍ଯ୍ୟକ୍ରମରେ ବିଭିନ୍ନ ଅଂଚଳର କିମ୍ବଦନ୍ତୀ ସମ୍ପର୍କରେ ଅନେକ ଅନାଲୋଚିତ ତଥ୍ୟ ଲୋକଲୋଚନକୁ ଆସିପାରିବ । ସେହି ଦୃଷ୍ଟିରୁ ଆଜି ପୁରୁଷୋତମପୁର ଅଂଚଳର କିମ୍ବଦନ୍ତୀ ଆଲୋଚ୍ୟ ବିଷୟ । ସଭାପତି ଡକ୍ଟର ପାଣିଗ୍ରାହୀ ନିଜସ୍ୱ ମତପ୍ରକାଶ କରିଥିଲେ । ଆଲୋଚକ କବି ଓ ଅଧ୍ୟାପକ ତ୍ରିଲୋଚନ ଦାଶ ପୁରୁଷୋତମପୁର ଅଂଚଳର କିମ୍ବଦନ୍ତୀ ଲୋକକଥା କୁ ନେଇ କଥା ଉପସ୍ଥାପନ କରିଥିଲେ । ସେଥିମଧ୍ୟରୁ ବିଭିନ୍ନ ଜନପଦ ବ୍ରାହ୍ମଣଶାସନ , ଭେଙ୍କଟରାୟପୁର, ଜଗନ୍ନାଥ ପୁର, ଦାମୋଦର ପୁର, କୁମାରୀ,ପାଣ୍ଡିଆ,ରାଉଳପଲ୍ଲୀ, ବୀର ଜଗନ୍ନାଥ ପୁର,ସମାପା, ପ୍ରତାପପୁର ,ମଠ,ବେଢ, ବିଳାସପୁର ଆଦିର ନାମକରଣ ପର୍ବତ,ଗିରି ଓ ପାହାଡ ଶୈବପୀଠ ତୁମ୍ବେଶ୍ୱର, ଗୁପ୍ତେଶ୍ୱର ଆଦି ତାରାତାରିଣୀ, ଦକ୍ଷିଣକାଳୀ, ତାରା, ସଙ୍କଟତାରିଣୀ ଆଦି ଶକ୍ତି ପୀଠ । ଐତିହାସିକ ଜଉଗଡ ସମ୍ପର୍କରେ ବିଭିନ୍ନ ପୁରାଣ, ଇତିହାସ ବିଭିନ୍ନ ଧର୍ମ ଦୃଷ୍ଟିରୁ ଆଲୋଚନା କରିଥିଲେ । ଡାଲଖାଇ ଓ ବାଇଧର ମହାପ୍ରଭୁଙ୍କ ସମ୍ପର୍କରେ ଅନେକ ରୋଚକପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ । ପୁରୁଷୋତମପୁର ଅଂଚଳର ବିଭିନ୍ନ କିମ୍ବଦନ୍ତୀ ସମ୍ପର୍କରେ ଏକ ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ । ଭେଙ୍କଟ ବିହାରୀ ପ୍ରହରାଜ ବାସୁ ପ୍ରହରାଜ ସମ୍ପର୍କରେ ଅନେକ ତଥ୍ୟ ପ୍ରଦାନ କରିଥିଲେ ।ସଂସଦର ସହ ସମ୍ପାଦିକା ଗାୟତ୍ରୀ ପାଣିଗ୍ରାହୀ କବିତା ସଂଯୋଜନା କରିଥିଲେ । ଏଥିରେ ବିଜୟ ଚନ୍ଦ୍ର ମିଶ୍ର,ଇ,ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଗାୟତ୍ରୀ ପାଣିଗ୍ରାହୀ, ଡକ୍ଟର ଲକ୍ଷ୍ମୀ ନାରାୟଣ ଦାଶ, ମନୋଜ କୁମାର ପାଣିଗ୍ରାହୀ, ବଂଶୀଧର ସେଠୀ, ତ୍ରିଲୋଚନ ଦାଶ, ଡକ୍ଟର ଚିତରଞ୍ଜନ ପଟ୍ଟନାୟକ, ମିହିର ରଥ ,ହରେକୃଷ୍ଣ ପଣ୍ଡା ଡକ୍ଟର ସୁଜିତ୍ କୁମାର ପଣ୍ଡା, ସୁଧାଞ୍ଜଳୀ ମିଶ୍ର, ଶିବସୁନ୍ଦର ରଥ,ଆଦି କବିତା ପଠନ କରିଥିଲେ । ବ୍ରଜେନ୍ଦ୍ର କୁମାର ଦାଶ, ବିଘ୍ନେଶ୍ୱର ସାହୁ ଆଦି ସହଯୋଗ କରିଥିଲେ । ୨୫ ରୁ ଉର୍ଦ୍ଧ୍ୱ ସାରସ୍ୱତ ପ୍ରେମୀ ଉପସ୍ଥିତ ରହି ସଭାର ସୌନ୍ଦର୍ଯ୍ୟ ବୃଦ୍ଧି କରିଥିଲେ କ୍ଷ ପରିଶେଷରେ ସଂସଦର ଉପସଭାପତି ଡକ୍ଟର ଅଶୋକ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# କଟୁଆପଡା ବଦିରୁଦ୍ଧିନ ପିର ବାବାଙ୍କ ବାର୍ଷିକ ଉତ୍ସବ ଓ ଉର୍ସ ମୋବାରକ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲିଆପାଳ,(ନି ପ୍ର )ବାଲେଶ୍ୱର ଜିଲ୍ଲା ବାଲିଆପାଳ ପଂାୟତର କଟୁଆପଡ଼ା ଗ୍ରାମରେ ଥିବା ହଜରତ ହାଫିଜ ବଦିରୁଦ୍ଦିନ ପୀର ବାବାଙ୍କ ବାର୍ଷିକ ଉତ୍ସବ ଓ ଉର୍ସ ମୋବାରକ କାର୍ଯ୍ୟକ୍ରମ ଶନିବାର ସନ୍ଧ୍ୟାରେ ଧୁମ ଧାମରେ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ବହୁ ହିନ୍ଦୁ ଓ ମୁସଲିମ ଭଉଣି ଭାଇ ମାନେ ବିଭିନ୍ନ ସ୍ଥାନରୁ ଆସି ପୀର ବାବାଙ୍କ ପାଖରେ ମାନସିକ ପୂରଣ ପାଇଁ ଚାଦର ଚଢ଼ାଇଥିବାର ଦେଖିବାକୁ ମିଳିଥିଲା । ଏହି ଅବସରରେ ବସ୍ତା ବିଧାୟିକା ସୁବାସିନୀ ଜେନା, ବସ୍ତା ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ବିଜନ ନାୟକ, ବାଲିଆପାଳ ପଂାୟତର ପୂର୍ବତନ ସରପଂ ମଧୁସୁଦନ ବାରିକ,ସମାଜସେବୀ ଜଗନ୍ନାଥ ବାରିକ, ଅରୁଣ ପାତ୍ର, ବିଜେପି ନେତା ରବିନ୍ଦ୍ର ନାଥ ଅଣ୍ଡିଆ, ହେମନ୍ତ ଦାସ , ସୌମ୍ୟଦୀପ ଚକ୍ରବର୍ତୀ , ଜିଲ୍ଲା ପରିଷ ସଦସ୍ୟ ବେଣୁଧର ଜେନାଙ୍କ ସହିତ ବିଭିନ୍ନ ଦଳୀୟ କର୍ମୀ ନେତା ଉପସ୍ଥିତ ହୋଇ ପୀର ବାବାଙ୍କ ଉପରେ ପୁଷ୍ପ ଓ ଚାଦର ଚଢ଼ାଇ ଥିଲେ ।ଏହି ଅବସର ରେ ରାତି ୧୦ ଘଟିକା ଠାରୁ ପିର ବାବାଙ୍କ ମସଜିଦ ନିକଟରେ ଜଲସା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଦୂର ଦୁରାନ୍ତରୁ ବହୁ ଇସଲାମୀୟ ଧର୍ମଗୁରୁ ପ୍ରବଚକ ମାନଙ୍କ ଦ୍ୱାରା ଉର୍ଦ୍ଦୁ ଭାଷାରେ ଇସଲାମ ଧର୍ମୀୟ ପ୍ରବଚନ ଓ ଭଜନ ପରିବେଷଣ କରାଯାଇଥିଲା ।ଏହି କାର୍ଯ୍ୟକ୍ରମ ଦେଖିବା ପଇଁ ଦୂର ଦୁରାନ୍ତରୁ ଲୋକେ ଆସି ବେଶ ଭିଡ ଜମାଇ ଥିଲେ ।କାର୍ୟ୍ୟକ୍ରମକୁ କଟୁଆପଡା କାଦରୀ କମିଟି ସଭାପତି ଇସରାଫିଲ ଶାହା ସମ୍ପାଦକ ଫିରୋଜ ଶାହା,ଇନତାଜ ସାହା, ସେକ ଗୁଲୁ,ସେକ୍ ହାବିଲ,ସେକ ବାବୁଲ , ମୌଲାନା ଇଲିହାସ ଶାହା,ସେକ୍ ବୁଲୁ,ସେକ୍ ଜହର ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

# ଇଷ୍ଟରର ଶୁଭକାମନା ଜଣାଇଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଦେଶବାସୀଙ୍କୁ ଇଷ୍ଟର ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ସେ 'ଏକ୍ସ'ରେ କହିଛନ୍ତି, "ଇଷ୍ଟରର ହାର୍ଦ୍ଦିକ ଶୁଭେଚ୍ଛା ! ଏହି ପବିତ୍ର ଦିନ ଆଶା ଏବଂ ନବଜୀବନର ଉତ୍ସବ । ଏହା ସମସ୍ତଙ୍କ ଜୀବନରେ ଶାନ୍ତି, ଆନନ୍ଦ ଏବଂ ଆଲୋକ ଆଣୁ । ଯୀଶୁଙ୍କର ଶିକ୍ଷା ସମସ୍ତଙ୍କୁ ଦୟାଳୁ ହେବା ପାଇଁ ପ୍ରେରଣା ଦେଉ ଏବଂ ସମାଜରେ ଏକତାର ଭାବନାକୁ ଶକ୍ତିଶାଳୀ କରୁ ।"

# ଜାତୀୟ ସାମୁଦ୍ରିକ ଦିବସ ଅବସରରେ ଶୁଭେଚ୍ଛା ଜଣାଇଲେ ଅମିତ ଶାହ



ନୂଆଦିଲ୍ଲୀ : କେନ୍ଦ୍ର ଗୃହ ଏବଂ ସହଯୋଗ ମନ୍ତ୍ରୀ ଅମିତ ଶାହ ଜାତୀୟ ସାମୁଦ୍ରିକ ଦିବସ ଅବସରରେ ଦେଶର ସାମୁଦ୍ରିକ କ୍ଷେତ୍ର ସହିତ ଜଡିତ ସମସ୍ତ କର୍ମଚାରୀଙ୍କୁ ତାଙ୍କର ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି ଯେ ଏହି କର୍ମଚାରୀମାନଙ୍କର ବୃତିଗତ ଦକ୍ଷତା, ସାହସ ଏବଂ ସମର୍ପଣ ଭାରତର ପ୍ରଗତିକୁ ଏକ ନୂତନ ଦିଗଦର୍ଶନ ଦେବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି ।ସୋସିଆଲ୍ ମିଡିଆ ପ୍ଲାଟଫର୍ମ 'ଏକ୍ସରେ ତାଙ୍କର ବାର୍ତାରେ, ଅମିତ ଶାହ ସାମୁଦ୍ରିକ କର୍ମଚାରୀଙ୍କ ଅଦମ୍ୟ ସାହସକୁ ପ୍ରଶଂସା କରି କହିଛନ୍ତି ଯେ ସେମାନେ ପ୍ରତ୍ୟେକ ପରିସ୍ଥିତିରେ - ଶାନ୍ତି ସମୟ ହେଉ କିମ୍ବା ସଙ୍କଟକାଳୀନ ସମୟରେ - ସେମାନଙ୍କର କର୍ତବ୍ୟ ପାଳନ କରିଛନ୍ତି ଏବଂ ଜାତୀୟ ସ୍ୱାର୍ଥକୁ ସର୍ବୋପରି ସ୍ଥାନ ଦେଇଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ ସମଗ୍ର ଦେଶ ସେମାନଙ୍କର ସେବା ଏବଂ ସମର୍ପଣ ମନୋଭାବକୁ ସଲାମ କରୁଛି ।ଅମିତ ଶାହ ତାଙ୍କ ବାର୍ତାରେ ଏହା ମଧ ଗୁରୁତ୍ୱାରୋପ କରିଛନ୍ତି ଯେ ଦେଶର ଆର୍ଥିକ ପ୍ରଗତି ପାଇଁ ଭାରତର ସାମୁଦ୍ରିକ କ୍ଷେତ୍ରର ଶକ୍ତି ସମ୍ପୂର୍ଣ୍ଣ ଅପରିହାର୍ଯ୍ୟ । ସେ କହିଛନ୍ତି ଯେ ସାମୁଦ୍ରିକ ମାର୍ଗ ବିଶ୍ୱ ବାଣିଜ୍ୟରେ ଭାରତର ବୃଦ୍ଧି ପାଉଥିବା ଅଂଶଗ୍ରହଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ, ଏହା ଦ୍ୱାରା ଦେଶର ଅର୍ଥନୀତିକୁ ଗତି ପ୍ରଦାନ କରେ ।








# ଆଜି ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ପଇତାଲାଗି ନୀତି

## ୪ ଘଂଟା ସର୍ବସାଧାରଣ ଦର୍ଶନ ବନ୍ଦ

ପୁରୀ : ସୋମବାର ଦିନ ଶ୍ରୀମନ୍ଦିରରେ ଶ୍ରୀଜୀଉ ମାନଙ୍କ ପଇତାଲାଗି ନୀତି ଅନୁଷ୍ଠିତ ହେବ ।ଏଥିପାଇଁ ଆପାତତଃ ୪ ଘଂଟା ଭକ୍ତ ଦର୍ଶନ ବନ୍ଦ ରହିବ । ବୈଶାଖ ମାସ କୃଷ୍ଣ ପକ୍ଷ ତ୍ରୟୋଦଶୀ ତିଥିରେ ମହାପ୍ରଭୁଙ୍କ ଏହି ପଇତାଲାଗି ନୀତି ଅନୁଷ୍ଠିତ ହୋଇଥାଏ । ସିଂହାରୀ ସେବକ ମାନେ ଏହି ନୀତି ସମ୍ପାଦନ କରିବେ । ଦ୍ୱିତୀୟ ଭୋଗ ମଣ୍ଡପ ଭୋଗ ଶେଷ ହେବା ପରେ ସଂଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ୪ ଘଂଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ଶ୍ରୀଅଙ୍ଗ ସୁରକ୍ଷା ପାଇଁ ଦଇତାପତି ସେବକ ମାନେ ଏହି ସେବା କରିଥାନ୍ତି ।



ଏହା ଦଇତାପତି ସେବକ ମାନଙ୍କ ଗୋଷ୍ଠୀଗତ ସେବା । ଚନ୍ଦନ ପ୍ରଲେପକୁ ସୁରକ୍ଷା ଦେବା ପାଇଁ ଏହି ପଇତାଲାଗି ନୀତି ହୋଇଥାଏ । ପାଟରା ସେବକ ମାନେ ତିନି ରଙ୍ଗର ବାସୁଙ୍ଗା ପାଟ ଯୋଗାଇ ଦେଇଥାନ୍ତି । ଶ୍ରୀମହାଲକ୍ଷ୍ମୀ ମନ୍ଦିରରେ ବାସୁଙ୍ଗା ପାଟରେ ପଇତା ବୋଳିଥାନ୍ତି । ଏହି ପଇତାକୁ ଦେଉଳକରଣଙ୍କୁ ଯୋଗାଇ ଦେବେ । ଦ୍ୱିତୀୟ ଭୋଗ ମଣ୍ଡପ ଶେଷ ହେବା ପରେ ମହାଲକ୍ଷ୍ମୀ ଓ ଭୂଦେବୀ ଖଟ ଶେଜ ଘରକୁ ବିଜେ କରିବା ପରେ ପଇତାଲାଗି ସେବା ପାଇଁ ଦଇତାପତି ସେବକ ଗର୍ଭଗୃହରେ ପ୍ରବେଶ କରିବେ । ଗୁପ୍ତ ନୀତି ଯୋଗୁ ଜୟ ବିଜୟ ଦ୍ୱାର ବନ୍ଦ ରହିବ । ଦେଉଳକରଣଙ୍କ ଠାରୁ ଦଇତାପତି ସେବକ ମାନେ ତିନି ରଙ୍ଗର ପାଟ ପଇତା ଗ୍ରହଣ କରି ପତି ମହାପାତ୍ରଙ୍କ ଉପସ୍ଥିତିରେ ଶ୍ରୀଜୀଉଙ୍କ ଠାରେ ପଇତା ଲାଗି କରିବେ । ଶ୍ରୀଜଗନ୍ନାଥଙ୍କ ହଳଦିଆ ପାଟପଇତା, ଶ୍ରୀବଳଭଦ୍ରଙ୍କ ସବୁଜ ରଙ୍ଗର ପାଟପଇତା ଓ ମା ସୁଭଦ୍ରାଙ୍କୁ ନାଲି ରଙ୍ଗର ପାଟପଇତା ଲାଗି କରାଯିବ । ପଇତା ଲାଗି ପରେ ମେକାପ ସେବକଙ୍କ ଦ୍ୱାରା ସିଂହାସନ ଧୁଆ ହେବା ପରେ ମହାସ୍ନାନ କରାଯିବ । ଏହି ବେଶକୁ ଭକ୍ତ ଦର୍ଶନ କଲେ ମହାପୂଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି ।

# ଆରମ୍ଭ ହେବ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା

## ଅଧିକ ୫ କେଜି ଚାଉଳ ପାଇବେ ହିତାଧିକାରୀ





ଭୁବନେଶ୍ୱର : ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍ଏଫ୍ଏସ୍ଏ) ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସ୍ଏଫଏସ୍ଏସ୍)ର ହିତାଧିକାରୀ ଏଣିକି ଅଧିକ ୫ କେଜି ଲେଖାଏ ଚାଉଳ ପାଇବେ । ହିତାଧିକାରୀମାନେ ଯେତିକି ଚାଉଳ ବର୍ତମାନ ପାଉଛନ୍ତି ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା (ଏମ୍ଏପିୱାଇ)ରେ ସେମାନଙ୍କ କୋଟାରେ ଅତିରିକ୍ତ ୫ କେଜି ଚାଉଳ ପାଇବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି । ଶନିବାର କ୍ୟାବିନେଟ୍ ବୈଠକ ଶେଷ ହେବାପରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ରାଜ୍ୟରେ ଖାଉଟିଙ୍କୁ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଚାଉଳ ଉପଲବ୍ଧ କରାଇ ଖାଦ୍ୟ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ମାଧ୍ୟମରେ ଏନ୍ଏଫ୍ଏସ୍ଏ ଏବଂ ଏସ୍ଏଫ୍ଏସ୍ଏସ୍ ହିତାଧିକାରୀ ଅତିରିକ୍ତ ଚାଉଳ କୋଟା ପାଇବେ । ଏହି ଯୋଜନା ମାଧ୍ୟମରେ ରାଜ୍ୟର ଟାର୍ଗେଟେଡ୍ ପବ୍ଲିକ୍ ଡିଷ୍ଟ୍ରିବ୍ୟୁଶନ ସିଷ୍ଟମ ଅଧୀନ ସମସ୍ତ ହିତାଧିକାରୀ ପରିବାର ପାଇଁ ସେମାନଙ୍କ ମାସିକ ନିୟମିତ ଧାର୍ଯ୍ୟ ଚାଉଳ କୋଟା ବ୍ୟତୀତ ମୁଣ୍ଡ ପିଛା ୫ କେଜି ଲେଖାଏ ଅତିରିକ୍ତ ଚାଉଳ ମାଗଣାରେ ପାଇବେ । ରାଜ୍ୟରେ ବର୍ତମାନ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ୯୭ ଲକ୍ଷ ୯୭ ହଜାର ୫୭୨ ପରିବାରର ୩ କୋଟି ୨୨ ଲକ୍ଷ ୮୯ ହଜାର ୬୯୨ ଜଣ ହିତାଧିକାରୀ ଉପକୃତ ହେଉଛନ୍ତି । ସେହିପରି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ୨ ଲକ୍ଷ ୯୮ ହଜାର ୭୨୫ ପରିବାରର ୫ ଲକ୍ଷ ୬୨ ହଜାର ୭୩୭ ହିତାଧିକାରୀ ଉପକୃତ ହେଉଛନ୍ତି । ଏ ସମ୍ବନ୍ଧୀୟ ମାସିକ ହାରାହାରି ୧.୬୪ ଲକ୍ଷ ମେଟ୍ରିକ ଟନ୍ ହିସାବରେ ବାର୍ଷିକ ହାରାହାରି ୧୯.୭୧ ଟନ୍ ଚାଉଳ ରାଜ୍ୟର ଟାର୍ଗେଟେଡ୍ ପବ୍ଲିକ ଡିଷ୍ଟ୍ରିବ୍ୟୁଶନ ସିଷ୍ଟମ ଅଧୀନ ହିତାଧିକାରୀଙ୍କୁ ଏମଏପିୱାଇ ମାଧ୍ୟମରେ ଦିଆଯିବ । ଏହାଦ୍ୱାରା ରାଜ୍ୟର ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ସୁଦୃଢ଼ ହୋଇଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

# ଆଗାମୀ ଦିନରେ ନିଶ୍ଚିତ ଭାବରେ ହେବ ମେଟ୍ରୋ : ପୂର୍ତ ମନ୍ତ୍ରୀ



ଭୁବନେଶ୍ୱର : ଆଗାମୀ ଦିନରେ ନିଶ୍ଚିତ ଭାବରେ ହେବ ମେଟ୍ରୋ । ଏନେଇ ପୂର୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ବର୍ତମାନ ସ୍ଥିତିରେ ମେଟ୍ରୋ କରିକି ନିଜର ନିର୍ବାଚନ ଚାଲ ଖେଳିବା ଏବଂ ମେଟ୍ରୋ କରିକି ପ୍ରତିବର୍ଷ ଦୁଇ ହଜାର କୋଟି କ୍ଷତି କରିବା ଆବଶ୍ୟକ ନାହିଁ । ଆଗାମୀ ଦିନରେ ମେଟ୍ରୋକୁ ନେଇ ସରକାର ଗମ୍ଭୀର ଅଛନ୍ତି । ମୋବିଲିଟି ପ୍ଲାନ ହେଲା ପରେ ମେଟ୍ରୋକୁ ନେଇ ସରକାର ଚିନ୍ତା କରିବେ ।ମେଟ୍ରୋକୁ ନେଇ ଯେଉଁ ଚୁକ୍ତି ହୋଇଥିଲା ଏହା ଫଲଟି କଂଟ୍ରାକ୍ଟ । ଯେଉଁଠି ଯେଉଁଠି ମେଟ୍ରୋ ହେଇଛି ସେଠି କେନ୍ଦ୍ର ସରକାରଙ୍କ ସହାଭାଗିତାରେ ହୋଇଛି । ଗତ ସରକାର ସମୟରେ ମେଟ୍ରୋ ପାଇଁ ଯେତବେଳେ ବ୍ୟବସ୍ଥା କଲେ ସେତବେଳେ ଜାଣିଶୁଣି କେନ୍ଦ୍ର ସରକାରଙ୍କ ସହଭାଗିଥା ନ ନେଇକି ଷ୍ଟେଟ ପ୍ଲାନରୁ କରିବେ ବୋଲି ବସିଥିଲେ । ମେଟ୍ରୋର ଯେଉଁ ଆଲାଇଜମେଂଟ ତିଆରି ହୋଇଥିଲା ତାହା ନଟ ଫିଟ । ଯେଉଁ କମ୍ପାନୀ ତିଆରି ହୋଇଛି ମୋବିଲିଟି ପ୍ଲାନ ତିଆରି କରୁଛନ୍ତି । ଆଜିର ତାରିଖରେ ମେଟ୍ରୋ ଆମ ପାଇଁ ଲସ ମେକିଙ୍ଗ ପ୍ରକଳ୍ପ ହୋଇପାରେ । ପ୍ରତି ବର୍ଷ ହଜାରେ କି ଦୁଇ ହଜାର କୋଟି ଖର୍ଚ୍ଚ ହେବା ଅପେକ୍ଷା ଯେତିକି ଅଛି ପ୍ରକଳ୍ପକୁ ଷ୍ଟଲ ରଖିଛୁ । ଅପରିଣାମଦର୍ଶୀ ନିଷ୍ପତି ଗତ ସରକାର ନେଇଥିଲେ । ମନ୍ତ୍ରୀ ସ୍ତରୀୟ କମିଟି ଯେଉଁ ନିଷ୍ପତି ନେଇଥିଲେ ମୁଖ୍ୟମନ୍ତ୍ରୀ ଏବଂପୁରା କ୍ୟାବିନେଟ ସହମତି ଅଛନ୍ତି । ଭୁବନେଶ୍ୱର ମେଟ୍ରୋ କର୍ପୋରେସନ ସେମିତି ରହିବ । ପ୍ଲାନ ତିଆରି ହେଲା ପରେ ସାଇଂଟିଫିକ ୱେ ରେ ଆମେ ଆଗକୁ ଯିବାକୁ ପ୍ରସ୍ତୁତ ହେଉଛୁ । ମେଟ୍ରୋର ଆବଶ୍ୟକତା, ଯେଉଁ ରୁଟରେ ଆବଶ୍ୟକତା ସିଟିର ଏକ୍ସପନେସନ ସାଙ୍ଗରେ ଯାହା ପରିଲିକ୍ଷିତ ହେବ । ଯେଉଁକଥାକୁ ଅଣଦେଖା କରି ଗତ ସରକାର ଜବରଦସ୍ତ କରି ନିର୍ବାଚନରେ ଲୋକଙ୍କୁ ଦେଖାଯାଉ ବୋଲି ମେଟ୍ରୋ କରିଥିଲେ । ବର୍ତମାନ ପାଇଁ ବନ୍ଦ ଅଛି ଆଗାମୀ ଦିନରେ ସରକାର ଯେ କୌଣସି ସମୟରେ ନିଷ୍ପତି ନେବେ ବୋଲି ମନ୍ତ୍ରୀ କହିଛନ୍ତି ।

# ନୂତନ ଭାବେ ଗଠିତ ହେବ ଦକ୍ଷିଣ ତଟ ରେଳପଥ ଜୋନ୍

ନୂଆଦିଲ୍ଲୀ : ପଲାସା - ଇଚ୍ଛାପୁରମ୍ ସେକ୍ସନ୍ ରେ ପଲାସା, ସୁମ୍ମାଦେବୀ, ମଣ୍ଡାସା ରୋଡ୍, ବାରୁଭା, ସୋମପେଟା, ଝାଡୁପୁଡି ଏବଂ ଇଚ୍ଛାପୁରମ୍ ଭଳି ୭ଟି ଷ୍ଟେସନ୍ ରହିଛି । ଏହି ସମସ୍ତ ଷ୍ଟେସନ୍ ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲାରେ ଅବସ୍ଥିତ । ଏହି ଷ୍ଟେସନ୍‌ଗୁଡ଼ିକ ମଧ୍ୟରୁ କୌଣସିଟି ଓଡ଼ିଶା ମଧ୍ୟରେ ଅବସ୍ଥିତ ନୁହେଁ । ଏହି ଷ୍ଟେସନ୍‌ଗୁଡ଼ିକ ଛୋଟରୁ ମଧ୍ୟମ ଶ୍ରେଣୀର ଷ୍ଟେସନ୍ ଯାହା ମୁଖ୍ୟତଃ ଯାତ୍ରୀ ପରିବହନ ପରିଚାଳନା କରିଥାଏ । ଏଥି ମଧ୍ୟରୁ କୌଣସି ଷ୍ଟେସନ୍ ପ୍ରମୁଖ ମାଲ ପରିବହନର କେନ୍ଦ୍ର ନୁହେଁ । ପୂର୍ବ ତଟ ରେଳପଥର ରାଜସ୍ୱରେ ଏହାର କୌଣସି ପ୍ରଭାବ ନାହିଁ । ଷ୍ଟେସନଗୁଡ଼ିକ ଯେକୌଣସି ରେଳ ଜୋନ ପରିସୀମାରେ ରହିଲେ ମଧ୍ୟ , ପାସ-ଥ୍ରୁ ପଣ୍ୟ ପରିବହନ (ଏହି ଷ୍ଟେସନଗୁଡ଼ିକ ଦେଇ ଯାଉଥିବା ଟ୍ରେନ୍) ନିରବଚ୍ଛିନ୍ନ ଭାବରେ ଜାରି ରହିବ । କ୍ଷେତ୍ରୀୟ ସୀମାରେଖା ମଧ୍ୟରେ ରେଳ ଚଳାଚଳ ନିରବିଚ୍ଛିନ୍ନ ଭାବେ ଜାରି ରହିଛି । ଏହା ଦ୍ୱାରା ଟ୍ରେନ୍ ଚଳାଚଳରେ କୌଣସି ବାଧା ସୃଷ୍ଟି ହେବ ନାହିଁ । ବର୍ତମାନ ଚାଲୁଥିବା ସମସ୍ତ ଟ୍ରେନ୍, ଯଥା ପଲାସା–ଭୁବନେଶ୍ୱର, ପଲାସା–କଟକ ଏବଂ ଇଚ୍ଛାପୁରମ୍–କଟକ ମେମୁ/ ଯାତ୍ରୀବାହୀ ଟ୍ରେନ ଗୁଡିକର ସମୟସୂଚୀ କିମ୍ବା ମାର୍ଗରେ କୌଣସି ପରିବର୍ତନ ବିନା ପୂର୍ବବତ୍‌ଚାଲୁ ରହିବ । ବିଶାଖାପାଟଣା ମଣ୍ଡଳରେ ଯାତ୍ରୀ ସେବାଗୁଡ଼ିକର ସୁଗମ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ଏହା ଏକ ବୈଷୟିକ ସଂଶୋଧନ ମାତ୍ର ଅଟେ । ପୂର୍ବ ତଟ ରେଳପଥ ଏବଂ ଦକ୍ଷିଣ ତଟ ରେଳପଥ ମଧ୍ୟରେ କର୍ମଚାରୀ ନିୟୋଜନ ସମେତ ସ୍ଥାନାନ୍ତରଣ ପଦ୍ଧତିଗୁଡ଼ିକୁ ଚୂଡ଼ାନ୍ତ କରାଯାଉଛି । ସମସ୍ତ ରେଳ କର୍ମଚାରୀଙ୍କ ସ୍ୱାର୍ଥ ଏବଂ ସେବା ସର୍ତାବଳୀ ପ୍ରତିଷ୍ଠିତ ନିୟମ ଅନୁଯାୟୀ ସମ୍ପୂର୍ଣ୍ଣ ସୁରକ୍ଷିତ ରହିବ । ଓଡ଼ିଶା ପ୍ରତି ଭାରତ ସରକାରଙ୍କ ପ୍ରତିବଦ୍ଧତା ଅତୁଟ ରହିଛି । ଓଡ଼ିଶାରେ ରେଳ ନେଟୱାର୍କର ସମ୍ପ୍ରସାରଣ, ଷ୍ଟେସନ ଗୁଡିକର ଆଧୁନିକୀକରଣ, ବନ୍ଦେ ଭାରତ ରେଳ ସେବା ଏବଂ ପୂର୍ବ ତଟ ରେଳପଥ ଅଧୀନରେ ନବଗଠିତ ରାୟଗଡା ଡିଭିଜନ ଉପରେ ରେକର୍ଡ ପୁଞ୍ଜି ନିବେଶ ଭଳି ପଦକ୍ଷେପ ଗୁଡିକ ଏହି ପ୍ରତିବଦ୍ଧତାର ସ୍ପଷ୍ଟ ପ୍ରତିଫଳନ ଅଟେ ।

# ସମସ୍ତ ଘରୋଇ ସ୍କୁଲ ସରକାରୀ ନିୟମ ମାନିବା ଅତ୍ୟନ୍ତ ଆବଶ୍ୟକ: ଗଣଶିକ୍ଷା ମନ୍ତ୍ରୀ



ଭୁବନେଶ୍ୱର: ଘରୋଇ ସ୍କୁଲ ଗୁଡ଼ିକରେ ନିଜସ୍ୱ ପ୍ରକାଶନୀ ବହି ବିକ୍ରି କରି ଅଭିଭାବକଙ୍କୁ ଶୋଷଣ କରିବା ଘଟଣାକୁ ଗୁରୁତର ସହ ନେଇଛନ୍ତି ରାଜ୍ୟ ସରକାର । ଘରୋଇ ସ୍କୁଲ ଗୁଡିକ ଭିନ୍ନ ଭିନ୍ନ ପବ୍ଲିକେସନ୍ ପୁସ୍ତକ ପଢ଼ାଯାଉଥିବା ନେଇ ଗଣଶିକ୍ଷା ମନ୍ତ୍ରୀ ଚେତାବନୀ ଦେଇଛନ୍ତି । ଘରୋଇ ସ୍କୁଲ୍ ମନମାନୀ କଲେ ହେବ କଡା କାର୍ଯ୍ୟାନୁଷ୍ଠାନ । ଏନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ହେଉଛି । ଯଦି କୌଣସି ସ୍କୁଲ୍ ? ବିରୋଧରେ ଅଭିଯୋଗ ଆସିବ ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ଏହା ଦ୍ୱାରା ଜାତୀୟ ଶିକ୍ଷା ନୀତିର ଖୋଲାଖୋଲି ଉଲ୍ଲଂଘନ କରାଯାଉଛି । ନୂତନ ଜାତୀୟ ଶିକ୍ଷା ନୀତି ଅନୁସାରେ ପିଲାମାନେ ଘଉରଜଞ୍ଚ ବହି ପଢ଼ିବା ଆବଶ୍ୟକ । ଯାହା ସୁଲଭ ମୂଲ୍ୟରେ ଉପଲବ୍ଧ ହେବା ଆବଶ୍ୟକ ଅଟେ । ଜାତୀୟ ଶିକ୍ଷା ନୀତି ଅନୁଯାୟୀ ଏଣିକି ଘରୋଇ ସ୍କୁଲରେ ଘଉରଜଞ୍ଚ ବହି ପଢ଼ାଯିବା ବାଧ୍ୟତାମୂଳକ ହେବ ବୋଲି ମନ୍ତ୍ରୀ କହିଛନ୍ତି । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, 'ଯେତେବେଳେ ଘରୋଇ ସ୍କୁଲ୍ ମନମାନୀ କରୁଛନ୍ତି, ସେନେଇ ବିଭାଗ ସେମାନଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ନେବ । ସବୁ ଘରୋଇ ସ୍କୁଲ୍ ସରକାରୀ ନିୟମ ମାନିବା ଜରୁରୀ ।

# ଶହିଦ୍ ମେମୋରିଆଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସପ୍ତାହବ୍ୟାପି ଏନଏସଏସ କାର୍ଯ୍ୟକ୍ରମ ଅନୁଷ୍ଠିତ





ଭଦ୍ରକ : ଶହିଦ୍ ମେମୋରିଆଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସପ୍ତାହବ୍ୟାପି କାର୍ଯ୍ୟକ୍ରମ ଅନୁଷ୍ଠିତହୋଇଯାଇଛି । ମାର୍ଚ୍ଚ ୩୦ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ଇରମ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ କଲେଜ୍‌ର ପିଲାମାନଙ୍କୁ ନିଶା ନିବାରଣ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ନିଶା ନିବାରଣ କଲେ ଆମର କଣ ଲାଭ ଓ କ୍ଷତି ହେବ ସେ ବିଷୟରେ ପିଲାମାନଙ୍କୁ ବୁଝାଇଥିଲେ । ପରଦିନ ଉତ୍କଳ ଦିବସ ପାଳନ କରାଯାଇଥିଲା । ଚତୁର୍ଥଦିନ NSS PO ରାଜକିଶୋର ବାରିକ୍ , ଶଙ୍କର ମାଝୀ ଏବଂ NSS ଛାତ୍ର ଇରମର ଶହିଦ ସ୍ତମ୍ଭ, ବଇଂଚା ଗ୍ରାମରେ ଅଙ୍ଗନୱାଡ଼ି କେନ୍ଦ୍ର, ଇରମର ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଶହୀଦ ମହାବିଦ୍ୟାଳୟର ପରିସରରେ ମଧ ପରିଷ୍କାର କାର୍ଯ୍ୟକ୍ରମକରି କାର୍ଯ୍ୟଦକ୍ଷତାର ପରିଚୟ ଦେଇଛନ୍ତି । ଇରମର ଗ୍ରାମବାସୀ ଛାତ୍ରଛାତ୍ରୀ ମାନଙ୍କୁ ବହୁତ୍ ପ୍ରଶଂସା କରିଛନ୍ତି ଏବଂ ବଇଂଚା ଗ୍ରାମବାସୀ ମଧ ଛାତ୍ରଛାତ୍ରୀଙ୍କୁ ବହୁତ୍ ପ୍ରଶଂସା ଓ ଆଶୀର୍ବାଦ ଦେଇଥିଲେ । ସମାଜର ବହୁତ୍ ଭଲ ଭଲ କାର୍ଯ୍ୟ କରିବା ପାଇଁ ମୁଖ୍ୟ ଅତିଥି ଛାତ୍ରଛାତ୍ରୀ ମାନଙ୍କୁ କିଛି ବକ୍ତବ୍ୟ ରଖିଥିଲେ । ୫ ତାରିଖ ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଜାତୀୟ ସେବା ଯୋଜନା ବିଷୟରେ ଆଲୋଚନା କରିଥିଲେ ତା ସହିତ ପିଲାମାନେ କିପରି ସ୍ୱଚ୍ଛତା, ଶାନ୍ତିଶୃଙ୍ଖଳା, ପରିବେଶ ପରିଷ୍କାର ଆଦି କାର୍ଯ୍ୟକ୍ରମ ଗୁଡ଼ିକ ସୁନ୍ଦର ଢ଼ଙ୍ଗରେ ପରିଚାଳନା କରିଛନ୍ତି ତାହାର ପ୍ରଶଂସାକ କରିଥିଲେ । ରମ୍ଭାମଣି ପଣ୍ଡା , ରଞ୍ଜନ ନାୟକ, ଅଧକ୍ଷ ଭୋଲାନାଥ ବାରିକ୍, NSS PO - ରାଜକିଶୋର ବାରିକ୍, ଇଂରେଜ ଅଧାପ୍ ହୃଷିକେଶ ଅଗସ୍ତି, ଇତିହାସ ଅଧାପକ ଶଙ୍କର ମାଝୀ, ଏବଂ ମାଳି ଭାଗିରଥି ନାୟକ, ଯୋଗଦେଇ ଏହି ଉଦଯାପନୀ NSS କାର୍ଯ୍ୟକ୍ରମକୁ ସମାପ୍ତ କରିଥିଲେ । କଲେଜର DEO - ନିତ୍ୟାନନ୍ଦ ବିଶ୍ୱାଳ, କିରାଣୀ ଅଜୟ ପରିଡ଼ା, ଖାଦ୍ୟ ପରିବେଷଣରେ ଗୌରାଙ୍ଗ ଭାଇ, ମନ୍ମଥ ଭାଇ ସାହାଯ୍ୟ କରିଥିଲେ । ଆମ କଲେଜର NSS ର ସ୍ୱେଚ୍ଛାସେବୀ ସୌମ୍ୟରଞ୍ଜନ, ରଶ୍ମିରଞ୍ଜନ, ବବଲୁ, ମୁନା, ଦୀପକ,ପୁରାତନ ଛାତ୍ର ରଶ୍ମିରଞ୍ଜନ ସାମ୍ବାଦିକ ଏବଂ ସମାଜସେବୀ ରଂଜନ ନାୟକ ଏବଂ ରମ୍ଭାମଣି ପଣ୍ଡା ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ ।

# ବିଶ୍ୱ ତୀରନ୍ଦାଜୀ ପାରା ସିରିଜ୍ ୨୦୨୬: ଓଡ଼ିଆ ଝିଅ ପାୟଲ ନୂଆ ବିଶ୍ୱବିଜେତା

ବଲାଙ୍ଗୀର : ବିଶ୍ୱ ତୀରନ୍ଦାଜୀ ପାରା ସିରିଜ୍ ୨୦୨୬ର ନୂଆ ବିଶ୍ୱ ବିଜେତା ସାଜିଛନ୍ତି ଓଡ଼ିଶା (ବଲାଙ୍ଗୀର)ର ବିସ୍ମୟ ପ୍ରତିଭା ପାୟଲ ନାଗ । ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ବିଶ୍ୱ ତୀରନ୍ଦାଜୀ ପାରା ସିରିଜ୍ ୨୦୨୬ର ଅନ୍ତିମ ଦିବସରେ ଅନୁଷ୍ଠିତ ବ୍ୟକ୍ତିଗତ କମ୍ପାଉଣ୍ଡ ଇଭେଂଟରେ ବିଶ୍ୱର ନମ୍ବର ୧ ଖେଳାଳି ଭାରତର ଶୀତଲ୍ ଦେବୀଙ୍କୁ ୧୩୯-୧୩୬ ପଏଂଟରେ ପରାସ୍ତ କରି ସ୍ୱର୍ଣ୍ଣପଦକ ହାସଲ କରିବା ସହ ନୂଆ ଇତିହାସ ରଚିଛନ୍ତି ପାୟଲ । ଶୁକ୍ରବାର ପାୟଲ ଏବଂ ଶୀତଲ୍ ଦେବୀ କମ୍ପାଉଣ୍ଡ ଟିମ୍ ଇଭେଣ୍ଟ ଫାଇନାଲରେ ମିଳିତ ଭାବେ ସ୍ୱର୍ଣ୍ଣପଦକ ଜିତିଥିଲେ । ଉଭୟ ହାତ ଏବଂ ଗୋଡ଼ ନ ଥିବା ପାୟଲ ବିଶ୍ୱର ପ୍ରଥମ ପାରା ତୀରନ୍ଦାଜ ଭାବେ ଏହି ସଫଳତା ହାସଲ କରିଥିବାରୁ ତାଙ୍କ ପାଖକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ୍ ଅନ୍ତର୍ଗତ ଯମୁନାବାହାଲ ଗାଁର ଏକ ଗରିବ ପରିବାରରେ ପାୟଲ ନାଗଙ୍କ ଜନ୍ମ ।



୨୦୧୫ରେ ମାତ୍ର ୮ବର୍ଷ ବୟସରେ ପାୟଲ ତାଙ୍କ ମା' ଜନତା ନାଗ ଓ ପିତା ବିଜୟ ନାଗଙ୍କ ସହ ଛତିଶଗଡ଼ ରାଜଧାନୀ ରାୟପୁରକୁ ଦାଦନ ଖଟିବାକୁ ଯାଇଥିଲେ । ସେଠାରେ ଏକ ନିର୍ମାଣାଧୀନ କୋଠାରେ କାମ କଲାବେଳେ ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦୁଇ ହାତ ଓ ଦୁଇ ଗୋଡ଼ ହରାଇ ସମ୍ପୂର୍ଣ୍ଣ ଭିନ୍ନକ୍ଷମ ପାଲଟି ଯାଇଥିଲେ । ଏହାପରେ ତାଙ୍କ ଜୀବନ ଦୁର୍ବିଷହ ହୋଇପଡ଼ିଥିଲା । ତାଙ୍କୁ ବଲାଙ୍ଗୀରସ୍ଥିତ ପାର୍ବତୀ ଗିରି ବାଲ୍ ନିକେତନକୁ ଆଣି ରଖାଯାଇଥିଲା । ସେଠାରେ ରହଣି ସମୟରେ ପାୟଲଙ୍କ ଭିତରେ ଅଦ୍ଭୁତ ଚିତ୍ରକଳା ପ୍ରତିଭା ରହିଥିବା ଜଣାପଡ଼ିଥିଲା । ପାୟଲଙ୍କ ବିଚକ୍ଷଣ ପ୍ରତିଭା ଦେଖି ତତ୍କାଳୀନ ବଲାଙ୍ଗୀର ଜିଲାପାଳ ଚଂଚଳ ରାଣା ତାଙ୍କୁ ତୀରନ୍ଦାଜୀ ପ୍ରଶିକ୍ଷଣ ପାଇଁ ଜମ୍ମୁ-କଶ୍ମୀରର କଟ୍ରାସ୍ଥିତ ତୀରନ୍ଦାଜୀ ପ୍ରଶିକ୍ଷଣ କେନ୍ଦ୍ରକୁ ପଠାଇଥିଲେ । ସେଠାରୁ ଏକ ଭିନ୍ନ ପାୟଲଙ୍କ ଆବିର୍ଭାବ ହୋଇଥିଲା । କୋଚ୍ ଅଭିଳାଷା ଚୌଧୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାୟଲ ବ୍ୟାଙ୍କକ୍‌ଠାରେ ବିଶ୍ୱ ତୀରନ୍ଦାଜୀ ପାରା ସିରିଜ୍‌ରେ ଭାଗ ନେଇଥିଲେ ।

# ଆଇପିଏଲ -୨୦୨୬ : ହାଇଦ୍ରାବାଦକୁ ୫ ୱିକେଟରେ ହରାଇଲା ଲକ୍ଷ୍ନୌ

ନୂଆଦିଲ୍ଲୀ : ଚଳିତ ଆଇପିଏଲରେ ଲକ୍ଷ୍ନୌ ସୁପର ଜାଏଂଟ୍ସର ପ୍ରଥମ ବିଜୟ । ହାଇଦ୍ରାବାଦକୁ ୫ ୱିକେଟରେ ହରାଇଲା ଲକ୍ଷ୍ନୌ । ୧୫୭ ରନର ବିଜୟ ଲକ୍ଷ୍ୟକୁ ଗୋଟିଏ ବଲ ପୂର୍ବରୁ ପୂରଣ କରି ନେଇଛି ପନ୍ତ ବାହିନୀ । ଲକ୍ଷ୍ନୌ ପକ୍ଷରୁ ଓପନର ଇଡେନ ମାକ୍ରମ ୪୫ ରନର ମୂଲ୍ୟବାନ ପାଳି ଖେଳିଥିବାବେଳେ ସାଥୀ ଖେଳାଳି ମିଚେଲ ମାର୍ଶ ୧୨ ବଲରୁ ୧୪ ରନ୍ କରିବାରେ ସକ୍ଷମ ହୋଇଛନ୍ତି । ଦଳର ଅଧିନାୟକ ଋଷଭ ପନ୍ତ ଜଗି ରଖି ଖେଳିଥିଲେ । ସେ ୫୦ ବଲରୁ ୬୮ ରନ୍ କରିଛନ୍ତି । ଯାହାକି ଦଳକୁ ବିଜୟୀ କରିବାରେ ସହଯୋଗ କରିଛି । ସାଥୀ ଖେଳାଳି ଆଉଟ୍ ହେଉଥିଲେ ହେଲେ ସେ ଅପରାଜିତ ରହି ଦଳକୁ ବିଜୟୀ କରାଇଛନ୍ତି । ହାଇଦ୍ରାବାଦ ପକ୍ଷରୁ ହର୍ଷ ଦୁବେ ୨ ୱିକେଟ୍ ଅକ୍ତିଆର କରିଥିବାବେଳେ ଇଶାନ ମଲିଙ୍ଗା ଏବଂ ଶିବାଙ୍ଗ କୁମାର ଗୋଟିଏ ଲେଖାଏ ୱିକେଟ୍ ନେବାରେ ସଫଳ



ହୋଇଥିଲେ । ଦଳର ବାକି ବୋଲର ୱିକେଟ୍ ଲେସ୍ ରହିଥିଲେ । ଟସ୍ ଜିତି ପ୍ରଥମ ବୋଲିଂ ନିଷ୍ପତି ନେଇଥିଲା ଲକ୍ଷ୍ନୌ । ପ୍ରଥମରୁ ବ୍ୟାଟିଂ ବିପର୍ଯ୍ୟୟର ସାମ୍ନା କରିଥିଲା ଲକ୍ଷ୍ନୌ । ୨୬ ରନରେ ଦଳ ୪ଟି ୱିକେଟ୍ ହରାଇଥିଲା । ଆଜିର ମ୍ୟାଚରେ ଫ୍ଲପ୍ ହୋଇଛନ୍ତି ଦୁଇ ଓପନର । ଟ୍ରାଭିସ୍ ହେଡ ୭ କରିଥିବାବେଳେ ଅଭିଶେକ ଶର୍ମା ଖାତା ଖୋଲିବା ପୂର୍ବରୁ ପାଭିଲିୟନ ଫେରିଥିଲେ । ପରେ ଇଶାନ କିଷନ ମାତ୍ର ୧ ରନ କରିଥିବାବେଳେ ଲିଭିଙ୍ଗଷ୍ଟନ୍ ୧୪ ରନ କରିଥିଲେ । ୨୬ ରନରେ ୪ ୱିକେଟ ହରାଇ ଚିନ୍ତାରେ ପଡ଼ିଥିଲା । ପରେ କ୍ଲାସେନ ଏବଂ ନୀତିଶ କୁମାର ରେଡ୍ଡି ଦଳୀୟ ସ୍କୋରକୁ ଆଗକୁ ବଢ଼ାଇଥିଲେ । ଏହି ଦୁଇ ଖେଳାଳି ଆଉଟ୍ ହେବା ପରେ ଦଳୀୟ ସ୍କୋରରେ ବଡ଼ ପରିବର୍ତନ ହୋଇନଥିଲା । ଶେଷରେ ଦଳ ୯ ୱିକେଟ୍ ହରାଇ ୧୫୬ ରନ୍ କରିବାରେ ସକ୍ଷମ ହୋଇଥିଲା । ପ୍ରଥମରୁ ବ୍ୟାଟିଂ ବିପର୍ଯ୍ୟୟର ସାମ୍ନା କରିଥିବା ହାଇଦ୍ରାବାଦ ପାଇଁ ସଙ୍କଟମୋଚକ ସାଜିଥିଲେ ହେନରି କ୍ଲାସେନ୍ ଏବଂ ନୀତିଶ କୁମାର ରେଡ୍ଡି । କ୍ଲାସେନ୍ ୪୧ ବଲରୁ ୬୨ ରନ କରିଥିବାବେଳେ ନୀତିଶ କୁମାର ରେଡ୍ଡି୩୩ ବଲରୁ ୫୬ ରନ କରିଛନ୍ତି । ସେପଟେ ଲକ୍ଷ୍ନୌ ପକ୍ଷରୁ ମହମ୍ମଦ ସାମି, ଆଭେଶ ଖାନ ଏବଂ ପ୍ରିନ୍ସ ଯାଦବ ଦୁଇଟି ଲେଖାଏଁ ୱିକେଟ୍ ନେଇଛନ୍ତି । ଦିଗେବଶ ରାଠି ଏବଂ ସିଦ୍ଧାର୍ଥ ଗୋଟିଏ ଲେଖାଏଁ ୱିକେଟରେ ସନ୍ତୁଷ୍ଟ ହୋଇଛନ୍ତି । ଆଜିର ମ୍ୟାଚରେ ଲକ୍ଷ୍ନୌର ୭ ଜଣ ବ୍ୟାଟ୍ସମ୍ୟାନ୍ ଦୁଇ ଅଙ୍କ ଛୁଇଁବାରେ ସକ୍ଷମ ହୋଇନଥିଲେ ।


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**